76th YEAR OF PUBLICATION
ପ୍ରକାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର
The Prajatantra

ସୀମାନ୍ତଜାଗ
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୧୬ ● କଟକ ● ଗୁରୁବାର ● ୨୩ ମାର୍ଚ୍ଚ-୨୦୨୩ ● ତୁଳା ୧୭ ● ସାଲ୍ ୧୪୩୦
CUTTACK ● THURSDAY ● 23 MARCH-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

କୋଭିଡ-୧୯ ଓ ଇନ୍‌ଫ୍ଲୁଏଞ୍ଜା ସ୍ଥିତି ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ସାବଧାନ ଓ ସତର୍କ ରହିବା ଲାଗି ପରାମର୍ଶ

ନୂଆଦିଲ୍ଲୀ :ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବା ସହିତ ଦେଶରେ କୋଭିଡ-୧୯ ଏବଂ ଇନଫ୍ଲୁଏଞ୍ଜାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ବୈଠକରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଲଜିଷ୍ଟିକ୍ସର ପ୍ରସ୍ତୁତି, ଟିକାକରଣ ଅଭିଯାନର ସ୍ଥିତି, ନୂଆ କୋଭିଡ-୧୯ ଭେରିଏଂଟ ଓ ଇନଫ୍ଲୁଏଞ୍ଜା ବା ସର୍ଦ୍ଦିରୋଗର ପ୍ରକାର ଏବଂ ଦେଶର ଜନସ୍ୱାସ୍ଥ୍ୟ ଉପରେ ସେଗୁଡ଼ିକର ପ୍ରଭାବ ସମ୍ପର୍କରେ ସମୀକ୍ଷା କରିଥିଲେ । ଦେଶରେ ଇନଫ୍ଲୁଏଞ୍ଜା ଭଳି ସର୍ଦ୍ଦିରୋଗ ଓ ଜ୍ୱର ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ଏବଂ ଗତ ଦୁଇ ସପ୍ତାହ ମଧ୍ୟରେ କୋଭିଡ-୧୯ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ଦୃଷ୍ଟିରୁ ଏହି ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇଥିଲା । ଏଥିପୂର୍ବରୁ ୨୨ ଡିସେମ୍ବର ୨୦୨୨ରେ ପ୍ରଧାନମନ୍ତ୍ରୀ କୋଭିଡ-୧୯ ସମୀକ୍ଷା ବୈଠକରେ କେତେକ ନିର୍ଦ୍ଦେଶ ଦେଇଥିଲେ, ସେ ଦିଗରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଜିର ବୈଠକରେ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା ଯେ ୨୦ଟି ମୁଖ୍ୟ କୋଭିଡ ଔଷଧ, ୧୨ଟି ଅନ୍ୟାନ୍ୟ ଔଷଧ, ୮ଟି ବଫର ଔଷଧ ଏବଂ ଗୋଟିଏ ଇନଫ୍ଲୁଏଞ୍ଜା ଔଷଧ ଦର ପ୍ରତି ନଜର ରଖାଯାଇଛି । ଦେଶର ୨୨ ହଜାର ଡାକ୍ତରଖାନାରେ ଗତ ୨୭ ଡିସେମ୍ବର ୨୦୨୨ରେ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା ଏବଂ ଏହାପରେ ଡାକ୍ତରଖାନାଗୁଡ଼ିକ ଦ୍ୱାରା ନିରାକରଣ ପଦକ୍ଷେପ ଗ୍ରହଣ କରାଯାଇଥିଲା । ବିଶେଷ କରି ଗତ କିଛି ମାସ ମଧ୍ୟରେ ଏଚଓ୍ୱାନ୍‌ଏନଓ୍ୱାନ୍ ଏବଂ ଏଚଥ୍ରୀଏନ୍‌ଟୁ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କୁ ଇନଫ୍ଲୁଏଞ୍ଜା ସ୍ଥିତି ସମ୍ପର୍କରେ ଅବଗତ କରାଯାଇଥିଲା । ମାନ୍ୟତାପ୍ରାପ୍ତ ଆଇନଏସଏସିଓଜି ଜିନମ ସିକୁଏନ୍ସିଂ ପରୀକ୍ଷାଗାର ଗୁଡ଼ିକରେ ପଜିଟିଭ

ନମୁନାଗୁଡ଼ିକର ଜିନୋମ୍ ସିକୁଏନ୍ସିଂ ବା ଜିନ୍ ଅନୁଶୀଳନ ସଂଖ୍ୟା ବଢ଼ାଇବା ଲାଗି ବୈଠକରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ପ୍ରଧାନମନ୍ତ୍ରୀ । ଏହା ନୂଆ ଭେରିଏଂଟ ବା ଭୂତାଣୁ ପ୍ରତିରୂପକୁ ଚିହ୍ନଟ କରିବା କ୍ଷେତ୍ରରେ ସହାୟକ ହୋଇପାରିବ, ଯଦ୍ୱାରା ସମୟୋଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭବ ହୋଇପାରିବ । ଡାକ୍ତରଖାନା ପରିସରରେ ରୋଗୀ, ସ୍ୱାସ୍ଥ୍ୟସେବା ପେସାଦାର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ମାସ୍କ ପରିଧାନ ସମେତ କୋଭିଡ ଉପଯୁକ୍ତ ବ୍ୟବହାର ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ । ସେହିପରି ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ରୋଗ ଥିବା ଲୋକମାନେ ଯେତେବେଳେ ଭିଡ଼ ଥିବା ଅଂଚଳକୁ ଯାଉଛନ୍ତି ସେମାନେ ମାସ୍କ ପିନ୍ଧିବା ଉଚିତ୍ ବୋଲି ସେ ବିଶେଷ ଭାବେ ପରାମର୍ଶ ଦେଇଥିଲେ । ଆଇଆରଆଇ/ଏସଏଆରଆଇ ସଂକ୍ରମିତଙ୍କ ପ୍ରଭାବୀ ଅନୁଧ୍ୟାନ, ଏବଂ ଇନଫ୍ଲୁଏଞ୍ଜା, ସାର୍ସ-କୋଭ-୨ ଏବଂ ଆଡେନୋ ଭୂତାଣୁର ପରୀକ୍ଷଣ ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଦେଶର ସବୁ ଡାକ୍ତରଖାନାଗୁଡ଼ିକରେ ଯଥେଷ୍ଟ ଶଯ୍ୟା ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଉପଲବ୍ଧ ରଖିବା ସହିତ ଇନଫ୍ଲୁଏଞ୍ଜା ଓ କୋଭିଡ-୧୯ ପାଇଁ ଆବଶ୍ୟକ ଔଷଧ ଓ ସାମଗ୍ରୀ ମହଜୁଦ ରଖିବା ଉପରେ ଶ୍ରୀ ମୋଦୀ ଜୋର ଦେଇଥିଲେ । ସେ ଜୋର ଦେଇ କହିଥିଲେ ଯେ କୋଭିଡ-୧୯ ମହାମାରୀ ଏବେ ସୁଦ୍ଧା ଦେଶରୁ ଯାଇନାହିଁ ଏବଂ ନିୟମିତ ଭାବେ ସାରା ଦେଶରେ ଏହାର ସ୍ଥିତି ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ପରୀକ୍ଷା-ଚିହ୍ନଟ-ଚିକିତ୍ସା-ଟିକାକରଣ ଏବଂ କୋଭିଡ ଉପଯୁକ୍ତ ଅଭ୍ୟାସର ପଂଚସୂତ୍ରୀ ରଣନୀତି ଉପରେ ନିରନ୍ତର ଭାବେ ଧ୍ୟାନ ଦେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିସହିତ ପରୀକ୍ଷାଗତାର ନିରୀକ୍ଷଣ ବଢ଼ାଇବା ଏବଂ ସବୁ ଗୁରୁତର ଜଟିଳ ଶ୍ୱାସରୋଗ ଅସୁସ୍ଥତା (ଏସଏଆରଆଇ) ସଂକ୍ରମିତଙ୍କ ପରୀକ୍ଷା କରବା ଲାଗି ସେ କହିଥିଲେ । ସବୁ ପ୍ରକାର ପରିସ୍ଥିତି ପାଇଁ ଆମର ଡାକ୍ତରଖାନାଗୁଡ଼ିକୁ ପ୍ରସ୍ତୁତ ରଖିବା ନିମନ୍ତେ ନିୟମିତ ଭାବେ ମକ୍‌ଡ୍ରିଲ ଆୟୋଜନ କରାଯିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ ।

୪ ଛାତ୍ରଙ୍କ ଉପରେ ମାଡ଼ିଗଲା କାର, ୩ ମୃତ

ଘଟଣାସ୍ଥଳରେ ଉତ୍ତେଜନା

ସୋନପୁର : ସ୍କୁଲ ସାମ୍ନାରେ ୪ ଛାତ୍ରଙ୍କ ଉପରେ ମାଡ଼ିଗଲା କାର । ଦୁର୍ଘଟଣାରେ ୩ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛି । ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସୁବର୍ଣ୍ଣପୁର-ବିନିକା ରାସ୍ତା ଶରଧାପାଲି ଛକରେ ଥିବା ଶରଧାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି । ମୃତକମାନେ ଏହି ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ସୁବ୍ରତ ଭୋଇ, ରାଜା ପେରା ଓ ରାଜେସ ପେରା । ଦୁର୍ଘଟଣା ଜଣେ ଛାତ୍ରର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ସୋନପୁର ମେଡିକାଲାରେ ପହଞ୍ଚିବା ପରେ ପ୍ରାଣ ହରାଇଥିଲେ । ସେହିପରି ଅନ୍ୟଜଣଙ୍କୁ ସୋନପୁର ମେଡିକାଲରୁ ବୁର୍ଲା ମେଡିକାଲ ସ୍ଥାନାନ୍ତର ବେଳେ ରାସ୍ତାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଆହତ ଅନ୍ୟଜଣେ ଛାତ୍ରଙ୍କ ପ୍ରାଥମିକ ଚିକିତ୍ସା ସୁବର୍ଣ୍ଣପୁର ମେଡିକାଲରେ କରାଯିବା ପରେ ଛାଡ଼ି ଦିଆଯାଇଛି । ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି । ସନ୍ତାନ ହରାଇଥିବା ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । କାନ୍ଦକଟାରେ ଅଞ୍ଚଳ ଫାଟି ପଡୁଛି । ଲୋକେ

କ୍ଷତିପୂରଣ ଓ ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି । ଉତ୍ତେଜିତ ଲୋକେ କାରକୁ ବାଡ଼େଇ ଭାଙ୍ଗି ଦେଇଥିବା ବେଳେ ଡ୍ରାଇଭରକୁ ଅଟକ ରଖିଥିଲେ । ଖବର ପାଇ ପୁଲିସ ପହଞ୍ଚିବା ପରେ ଡ୍ରାଇଭରକୁ ଥାନାକୁ ନେଇଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି ।

ଇଚ୍ଛାଧୀନ କୋଟା ଆବଣ୍ଟନରେ ୯୩ ଆବଣ୍ଟନ ବାତିଲ, ୭୯ ଜଣଙ୍କ ବିରୋଧରେ ମାମଲା

ଭୁବନେଶ୍ୱର (ପିପିଏସ୍): ୨୦୧୫ ମସିହାରେ ରାଜ୍ୟ କ୍ୟାବିନେଟ ଟାସ୍କ ଫୋର୍ସ ରିପୋର୍ଟକୁ ସରକାର ଅନୁମୋଦନ କରିଛନ୍ତି । ରିପୋର୍ଟ ଆଧାରରେ ବିଡିଏ, ସିଡିଏ ଓ ଓଏସ୍‌ଏଚ୍‌ବି ୧୯୯୫ ମସିହାରୁ ଇଚ୍ଛାଧୀନ କୋଟାରେ ଆବଣ୍ଟିତ ଫ୍ଲାଟ୍-ଘର-ଫ୍ଲାଟ୍‌କୁ ବାତିଲ କରି ଦିଆଯାଇଛି । ବିଡିଏ, ସିଡିଏ ଓ ଓଏସ୍‌ଏଚ୍‌ବିରେ ୧୭୭୬ ଆବଣ୍ଟନ ହୋଇଥିବା ବେଳେ ତହିଁରୁ ୯୩ ଟି ବାତିଲ ହୋଇଥିବା ବେଳେ ୭୯ଜଣଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପରେ ଅପରାଧିକ ମାମଲା ଦାୟର ହୋଇଥିବା ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଓ ଘର ଆବଣ୍ଟନ ସଂକ୍ରାନ୍ତରେ ତାରା ଦତ୍ତ କମିଟି ଆଧାରରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଏକ ଲିଖିତ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ଉଷା ଦେବୀ କହିଛନ୍ତି ଯେ ବିଡିଏ ଦ୍ୱାରା ୮୦୩ଟି ଆବଣ୍ଟନରୁ ୪୮, ସିଡିଏ ଦ୍ୱାରା ହୋଇଥିବା ୯୨୧ଟି ଆବଣ୍ଟନରୁ ୩୫ ଓ ଓଏସ୍‌ଏଚ୍‌ବି ଦ୍ୱାରା ୫୨ଟିରୁ ୧୦ଟି ରଦ୍ଦ କରାଯାଇଛି । ସେହିପରି ଭିଜିଲାନ୍ସ ଦ୍ୱାରା ତଦନ୍ତ ପରେ ବିଡିଏରେ ୨୪, ସିଡିଏରେ ୨୯ ଓ ଓଏସ୍‌ଏଚ୍‌ବିର ୨୬ଟି ଅପରାଧିକ ମାମଲା ରୁଜୁ ହୋଇଛି । ତେବେ ଆଇନଗତ ସମସ୍ୟା, ହାଇକୋର୍ଟରେ ମାମଲା ଓ ରାଜ୍ୟ ଆଡଭୋକେଟ ଜେନେରାଲଙ୍କ ପରାମର୍ଶରେ ରାଜ୍ୟ ସରକାର ଇଚ୍ଛାଧୀନ କୋଟାରେ ଯେଉଁମାନେ ଗୋଟିଏ ଫ୍ଲାଟ୍-ଘର କିମ୍ବା ଫ୍ଲାଟ୍ ନେଇଥିବେ ସେମାନଙ୍କର ଆବଣ୍ଟନ ବୈଧ ରହିବ ବୋଲି କହିଥିଲେ । ଯାହାଫଳରେ ଇଚ୍ଛାଧୀନ କୋଟାରେ ନିଧାରିତ ପ୍ରାବଧାନ ଅନୁସାରେ ଯେଉଁମାନେ ଗୋଟିଏ ଫ୍ଲାଟ୍-ଘର କିମ୍ବା ଫ୍ଲାଟ୍ ନେଇଥିବେ ସେମାନଙ୍କର ଆବଣ୍ଟନ ରଦ୍ଦ ହେବନାହିଁ ଓ ଏହି ଆବଣ୍ଟନର ହକଦାର ମଧ୍ୟ ସେମାନଙ୍କର ଉତ୍ତରାଧିକାରୀ ରହିବେ । ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି ପରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗତବର୍ଷ ଡିସେମ୍ବର ୮ ତାରିଖରେ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା ।

ମାଗୁଣି କୁଅଁରଙ୍କୁ ପଦ୍ମଶ୍ରୀ ପୁରସ୍କାର

ନୂଆଦିଲ୍ଲୀ: ଓଡ଼ିଶାର ମାଗୁଣି ଚରଣ କୁଅଁରଙ୍କୁ ପଦ୍ମଶ୍ରୀ ପୁରସ୍କାର ମିଳିଛି । ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଶ୍ରୀ କୁଅଁରଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି । ୬୦ ଦଶନ୍ଧି ଧରି ବିଲୁପ୍ତପ୍ରାୟ କାଠ କଣ୍ଢେଇ ନୃତ୍ୟକୁ ବଂଚାଇ ରଖିଥିବା କେନ୍ଦୁଝରର ମାଗୁଣିଙ୍କୁ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଶ୍ରୀରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବୁଧବାର ଦିନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫୪ ଜଣଙ୍କୁ ପଦ୍ମ

ପୁରସ୍କାର ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହାମଧ୍ୟରୁ ୩ ଜଣଙ୍କୁ ପଦ୍ମ ବିଭୂଷଣ, ୪ ଜଣଙ୍କୁ ପଦ୍ମ ଭୂଷଣ ଓ ୪୭ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି ।

ଦଳୀୟ କର୍ମୀଙ୍କ ପାଇଁ କଣ ଜାଗା ମିଶନ

ଭୁବନେଶ୍ୱର(ପିପିଏସ୍): ସାରା ଓଡ଼ିଶାରେ ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ୧୮ ଲକ୍ଷ ଲୋକ ବସ୍ତିରେ ବସବାସ କରନ୍ତି । ରାଜ୍ୟ ସରକାର ବସ୍ତି ଲୋକଙ୍କୁ ଜାଗା ମିଶନରେ ଜାଗା ଯୋଗାଇ ଦେଉଥିବା କହୁଛନ୍ତି । ହେଲେ ପ୍ରକୃତ ହିତାଧିକାରୀ ବଦଳରେ ଏଥିରେ ଦଳୀୟ କର୍ମୀ ପାଉଛନ୍ତି ଜାଗା ।ବସ୍ତିର ବିକାଶ ପାଇଁ ସହରାଞ୍ଚଳ ବିକାଶ ପାଇଁ ଉପା ସରକାର ସମୟରେ ଯୋଜନା କରାଯାଇଥିଲା ।

ରାଜୀବ ଆବାସ ଯୋଜନାରେ ବସ୍ତି ଲୋକଙ୍କୁ ଘର ଯୋଗାଇ ଦେବା ପାଇଁ ସରକାର ନିଷ୍ପତି ନେଇଥିଲେ । ଉପା ସରକାର ଯିବା ପରେ ଏହାର ନାମ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କଲେ । ଓଡ଼ିଶା ସରକାର ବସ୍ତି ଲୋକଙ୍କୁ ଜମି ଦେବା

ପାଇଁ ତିଆରି କଲେ ଜାଗା ମିଶନ । ୨୦୧୧ରୁ ଏହାର ଏକ ଯୋଗ୍ୟ ତାଲିକା ହୋଇଛି । ହେଲେ ରାଜ୍ୟ ସରକାର ୨୦୨୩ ରେ ନୂଆ ତାଲିକା କରିଛନ୍ତି । ହେଲେ ଏହି ନୂଆ ତାଲିକାରେ ଦୁଇ ମହଲା କୋଠା, ପ୍ରଭାବଶାଳୀ ଲୋକ, ବଡ ବଡ ଦୋକାନ ଥିବା ଲୋକଙ୍କୁ ଦିଆ ଯାଇଛି । ଏଥିରେ ଦଳୀୟ ଲୋକଙ୍କୁ ଜାଗା ଦିଆଯାଇଛି । ଏପରିକି କୌଣସି ଅଭିଯୋଗ ଥିଲେ ତାହାକୁ ଜଣାଇବା ପାଇଁ ମାତ୍ର ୨ ଦିନ ସମୟ ଦିଆଯାଇଛି । ସେଥିରେ ଗୋଟିଏ ଦିନ ରବିବାର ରହିଛି । ବହୁ ସମୟ ରେ ଦଳୀୟ ଲୋକଙ୍କୁ ଜାଗା ଦେବାକୁ ଚଞ୍ଚକତା କରାଯାଇଛି । ଯାହାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି ଏବଂ ଏହାକୁ ବାତିଲ କରିବାକୁ ଦାବି କରିଛି । ପୂର୍ବରୁ ପ୍ରସ୍ତୁତ ହୋଇଥିବା ତାଲିକା ବଦଳରେ ନୂଆ ତାଲିକା କରାଯାଉ ଏବଂ ଏହି ତାଲିକାକୁ ନେଇ କୌଣସି ଅଭିଯୋଗ ଥିଲେ ଅଭିଯୋଗପତ୍ର ଦାଖଲ କରିବା ପାଇଁ କିଛି ଦିନର ସମୟ ଦିଆଯାଉ । ଯାହା ଦ୍ୱାରା ସ୍ୱଚ୍ଛତାର ସହ ଜାଗା ମିଶନରେ ସହରାଞ୍ଚଳ ବସ୍ତିବାସିନ୍ଦା ଉପକୃତ ହୋଇପାରିବେ ବୋଲି କହିଛନ୍ତି କଂଗ୍ରେସ ନେତା ବିଜୟ ପଟ୍ଟନାୟକ ।

ବିରୋଧୀ ଦଳ ନେତାଙ୍କୁ ବିଜେଡି ନୁହେଁ ଓଡିଶାବାସୀ ସାର୍ଟିଫିକେଟ ଦେବେ : ବିଜେପି

ଭୁବନେଶ୍ୱର (ପିପିଏସ୍): ଓଡିଶାବାସୀଙ୍କୁ କ୍ରମାଗତ ଭାବେ ମିଛ କହି ଭୁଆଁ ବୁଲାଉଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ଆଜିକାଲି ସତ ଶୁଣିଲେ ପ୍ରତିକ୍ରିୟାଶୀଳ ହୋଇପଡୁଛନ୍ତି । ଏପରିକି ବ୍ୟକ୍ତିଗତ ଆକ୍ଷେପ କରିବାକୁ ମଧ୍ୟ ପଛାଉନାହାନ୍ତି । ନିଜେ ରାଜ୍ୟ ସରକାର ଦେଇଥିବା ତଥ୍ୟକୁ ସ୍ୱୀକାର କରୁନାହାନ୍ତି ଶାସକ ବିଜେଡିର ନେତା । ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ସାମ୍ନାରେ ଆଣି ସରକାରଙ୍କୁ କାଠଗଡାରେ ଛିଡା କରାଉଛନ୍ତି । ସେଥିରେ ବିଜୁ ଜନତା ଦଳ ବିଚଳିତ ହୋଇଯାଇ ତାଙ୍କ ପ୍ରଶ୍ନର ଜବାବ୍ ନଦେଇ ପାରି ବିରୋଧୀ ଦଳ ନେତାଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ଅତି ଶସ୍ତା ରାଜନୀତି କରୁଛି ବୋଲି ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ କହିଛନ୍ତି । ଆଜି ପର୍ଯ୍ୟନ୍ତ ଜୟ ନାରାୟଣ ମିଶ୍ର ଉଠାଇଥିବା ସମସ୍ତ ପ୍ରଶ୍ନରୁ କୌଣସି ଗୋଟିଏ ବି ପ୍ରଶ୍ନର ଉତର ବିଜୁ ଜନତା ଦଳ ଦେଇପାରି ନାହିଁ । ଅଣଓଡିଆଙ୍କ ହାତକୁ ଶାସନ କ୍ଷମତା ଟେକି ଦେଇଥିବା ବିଜେଡି ନେତାମାନେ ଓଡିଶାର ଅସ୍ମିତା ପ୍ରସଙ୍ଗରେ କିଛି କହିବାର ଅଧିକାର ହରାଇଛନ୍ତି । ଓଡିଆ ଓ ଓଡିଶାର ସ୍ୱାର୍ଥ ପାଇଁ ଲଢେଇ କରୁଥିବା ଜୟ ନାରାୟଣ ମିଶ୍ରଙ୍କୁ ବିଜେଡିର ସାର୍ଟିଫିକେଟର ଆବଶ୍ୟକତା ନାହିଁ । ଆଜି ସମସ୍ତ ଓଡିଆଙ୍କ ପାଇଁ ଆଶାର ଆଲୋକ ସାଜିଥିବା ଶ୍ରୀ ମିଶ୍ରଙ୍କୁ ସାର୍ଟିଫିକେଟ ଦେବାର ଅଧିକାର କେବଳ ଓଡିଶାବାସୀଙ୍କର ରହିଛି ।

ଅନ୍ଧାରରେ ରାଜ୍ୟର ୧୧୭୧୦ ସ୍କୁଲ:ମନ୍ତ୍ରୀ

ଭୁବନେଶ୍ୱର: ଅନ୍ଧାରରେ ରାଜ୍ୟର ୧୧୭୧୦ ସ୍କୁଲ । ଯେଉଁଠି କି ବିଦ୍ୟୁତ ସଂଯୋଗ ହୋଇନାହିଁ । ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ।ବିଜେପି ବିଧାୟକ ମୋହନ ମାଝୀ ରାଜ୍ୟରେ ଥିବା ସ୍କୁଲର ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଥିଲେ ।ରାଜ୍ୟରେ କେତେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ, କେତେ ସ୍ମାର୍ଟ ଶ୍ରେଣୀଗୃହ, କେତେ ବ୍ୟବହାରଯୋଗ୍ୟ ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ ସଂଯୋଗ, ଖେଳ ପଡିଆ, ଛାତ୍ରଛାତ୍ରୀଙ୍କ ଅନୁପାତରେ କେତେ ଶିକ୍ଷକ ନିଯୁକ୍ତି ହୋଇଛି ସେନେଇ ଗୃହରେ ଉତ୍ତର ଜାଣିବାକୁ ଚାହିଁଥିଲେ ।ଏହାର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ କହିଛନ୍ତି ଗତ ୮ ବର୍ଷରେ ପ୍ରାଥମିକ ଓ ଉଚ୍ଚ ସ୍ତର ପାଇଁ ସମୁଦାୟ ୧୯୪୯୦ ଜଣ ଶିକ୍ଷାସହାୟକ ନିୟୋଜିତ ହୋଇଛନ୍ତି । ସେହିଭଳି ୧୧୭୧୦ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନଥିବା ବେଳେ ୨୧୦୬୫ ସ୍କୁଲରେ ଖେଳପଡିଆ ନଥିବା ବେଳେ ୪୧୯୯୬ ସ୍କୁଲରେ କମ୍ପ୍ୟୁଟର ନାହିଁ । ସେହିଭଳି ୬୭୮୧ ସ୍କୁଲରେ ଆବଶ୍ୟକୀୟ କ୍ଲାସରୁମ ନଥିବା ବେଳେ ୬୦୧୧ ସ୍କୁଲରେ ଆବଶ୍ୟକୀୟ ଶିକ୍ଷକ ନାହାନ୍ତି । ସେହିଭଳି ଚଳିତ ଶିକ୍ଷା ବର୍ଷରେ ଡ୍ରପ୍ ଆଉଟ ହାର ପ୍ରାଥମିକ ସ୍ତରରେ ଶୂନ ଥିବା ବେଳେ ଉଚ୍ଚପ୍ରାଥମିକ ସ୍ତରରେ ୭.୩୪ ଏବଂ ମାଧ୍ୟମିକ ସ୍ତରରେ ୨୭.୨୬ ରହିଛି ।

ରୂପାନ୍ତରିତ ସ୍କୁଲରେ ନାହାନ୍ତି ଶିକ୍ଷକ

ଭୁବନେଶ୍ୱର: ସ୍କୁଲ ରୂପାନ୍ତରିକରଣକୁ ନେଇ ଗୃହରେ ସରଗରମ ଆଲୋଚନା । ରାଜ୍ୟରେ ଶିକ୍ଷକ ଅଭାବ ନେଇ ଗୃହରେ ଉଦବେଗ । ଉଭୟ ବିରୋଧୀ ଓ ଶାସକ ଦଳର ବିଧାୟକ ଅଭିଯୋଗ ଆଣିଛନ୍ତି ଯେ ସ୍କୁଲ ରୂପାନ୍ତରିତ ହେଉଛି କିନ୍ତୁ ଶିକ୍ଷକ ନାହାନ୍ତି । କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଅଭିଯୋଗ ଆଣିଛନ୍ତି ୫-ଟି ସ୍କୁଲ ଗୁଡିକୁ ବିଜେଡି ରଙ୍ଗରେ ରଙ୍ଗେଇ ଦେଉଛନ୍ତି । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନିଜ ଅଞ୍ଚଳର ସ୍କୁଲ ଉଦାହରଣ ଦେଇ କହିଥିଲେ ଗୋଟିଏ ସ୍କୁଲରେ ୯ ଜଣ ଶିକ୍ଷକ ନାହାନ୍ତି । କେମିତି ରୂପାନ୍ତରିକରଣ କରୁଛନ୍ତି ସରକାର ? ବି

ଚା'ର ଉପକାରିତା

ଓଜନ ହ୍ରାସ ଏବଂ ସୁସ୍ଥ ରହିବା ପାଇଁ ସାଧାରଣତଃ ଲୋକମାନେ ଗ୍ରୀନ୍ ଟି ଏବଂ ବ୍ଲାକ୍ ଟି ପିଇଥାନ୍ତି । ଆଜିକାଲି ବଜାରରେ ଅନେକ ପ୍ରକାରର ହର୍ବାଲ୍ ଟି ଉପଲବ୍ଧ ହେଉଛି, ଯାହା ଆପଣଙ୍କୁ ସୁସ୍ଥ ରଖିବା ସହିତ ବିଭିନ୍ନ ରୋଗରୁ ମଧ୍ୟ ରକ୍ଷା କରିଥାଏ । କିନ୍ତୁ ଏପରି କିଛି ଚା' ରହିଛି ଯାହାକୁ ଆପଣ ଘରେ ମଧ୍ୟ ପ୍ରସ୍ତୁତ କରି ପିଇପାରିବେ । ଏହାଦ୍ୱାରା କେବଳ ଓଜନ ହ୍ରାସ ହେବ ନାହିଁ ବରଂ କୋଲେଷ୍ଟ୍ରଲ୍, କ୍ୟାନ୍ସର, ଡାଇବେଟିଜ୍ ଏବଂ ହାର୍ଟ ଡିଜିଜର ଆଶଙ୍କା ମଧ୍ୟ କମ୍ ରହିବ । କଦଳୀ ଚା': ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି ତେବେ ଏହି ଚା' ଆପଣଙ୍କ ପାଇଁ ଅତ୍ୟନ୍ତ ଉତ୍ତମ ହେବ । ଏଥିପାଇଁ ୧, ୧/୨ କପ୍ ପାଣିରେ ଏକ ପାଚିଲା କଦଳୀକୁ ୫-୧୦ ମିନିଟ୍ ପର୍ଯ୍ୟନ୍ତ ସିଝାନ୍ତୁ । ତାହାପରେ ଏଥିରେ ଡାଲଚିନି କିମ୍ବା ମହୁ ମିଶାଇ ପିଅନ୍ତୁ । ତୁଳସୀ ଚା': ଏହି ଚା' ମଧୁମେହ ରୋଗୀଙ୍କ ପାଇଁ ବରଦାନ ସଦୃଶ୍ୟ କାରଣ ଏଥିରେ ସୁଗାର ଲେବଲ୍ ନିୟନ୍ତ୍ରଣରେ ରହିଥାଏ । ଏଥିସହିତ ଏହା ଗୁଡ୍ କୋଲେଷ୍ଟ୍ରଲକୁ ମଧ୍ୟ ବଢାଇଥାଏ । ଏଥିପାଇଁ ୧ କପ୍ ପାଣିରେ ୫-୬ଟି ତୁଳସୀ ପତ୍ର, ଗୁଜରାତି ଏବଂ ଅଦା ପକାଇ ଏହାକୁ ୩ ମିନିଟ୍ ଫୁଟାଇ ଛାଣି ନିଅନ୍ତୁ । ଏହାପରେ ୧ ଚାମଚ ମହୁ ଏବଂ ଲେମ୍ବୁ ରସ ମିଶାଇ ପିଅନ୍ତୁ । ଲେମ୍ବୁ ଚା': ୧ କପ୍ ପାଣିରେ ୧/୨ ଚାମଚ ଚା ଗୁଣ୍ଡ, ଅଦା, ପୁଦିନା ପତ୍ର ମିଶାଇ ଫୁଟାନ୍ତୁ । ଏଥିରେ ୧/୪ ଲେମ୍ବୁ ରସ, ୧ ଟେବୁଲ ଚାମଚ ମହୁ କିମ୍ବା ଚିନି ମିଶାଇ ପିଅନ୍ତୁ । ଆପଣ ଏହାକୁ ଦିନରେ ୨-୩ ଥର ପିଇପାରିବେ । ଏହି ଚା' ଧମନୀରେ ରକ୍ତ ଜମାଟ ବାନ୍ଧିବାକୁ ରୋକିଥାଏ, ଯାହା ହୃଦଘାତ ଏବଂ ହୃଦରୋଗର ଆଶଙ୍କା ମଧ୍ୟ କମ୍ କରିଥାଏ । ନୀଳ ଚା': ନୀଳ ଚା' ଡାଇବେଟିଜ୍ ଏବଂ କ୍ୟାନ୍ସର ରୋଗରୁ ରକ୍ଷା କରିଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ, ପ୍ୟାନରେ ୧ କପ୍ ପାଣି ଗରମ କରନ୍ତୁ । ଏହାପରେ ଏଥିରେ ୪-୫ ଆପାରାଜିତା ଫୁଲ ପକାଇ ଭଲ ଭାବରେ ଫୁଟାନ୍ତୁ ।

ଆଳୁ ଟିକି

ଆବଶ୍ୟକ ସାମଗ୍ରୀ: ସିଝା ଆଳୁ, ଲୁଣ, ଲଙ୍କା ପାଉଡର, ଗରମ ମସଲା, ଚାଟ ମସଲା, ଚିଲି ଫ୍ଲେକ୍ସ, କନ୍‌ଫ୍ଲୋର ଓ ତେଲ ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ସିଝା ଆଳୁକୁ ଭଲ ଭାବରେ ଚକଟି ଦିଅନ୍ତୁ । ସେଥିରେ ସ୍ୱାଦ ଅନୁସାରେ ଲୁଣ, ଲଙ୍କା ପାଉଡର, ଗରମ ମସଲା, ଚାଟ୍ ମସଲା ଓ ଚିଲି ଫ୍ଲେକ୍ସ ପକାଇ ଭାବରେ ଗୋଳାଇ ଦିଅନ୍ତୁ । ପରେ ମସଲା ଆଳୁକୁ ଆଳୁ ଟିକା ସେପ୍‌ରେ ଗଢ଼ନ୍ତୁ । ପରେ ତା' ଉପରେ କନ୍‌ଫ୍ଲୋର ପକାଇ ଗୋଳାଇ ଦିଅନ୍ତୁ । ଏହାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ଆଳୁ ଟିକାକୁ ପକାଇ ଛାଣନ୍ତୁ । ଏହାର ରଙ୍ଗ ସୁନେଲି ରଙ୍ଗ ହୋଇ ଆସିଲେ, ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆଳୁ ଟିକି ।

ସାଇଲେଣ୍ଟ୍ କିଲର୍ ହୋଇଥାଏ ଉଚ୍ଚ ରକ୍ତଚାପ

ଉଚ୍ଚ ରକ୍ତଚାପ ଏପରି ଏକ ରୋଗ ଯାହା କବଳରେ ଆଜି ପ୍ରତ୍ୟେକ ୩ ଜଣରୁ ଜଣେ ପ୍ରଭାବିତ ହେଉଛନ୍ତି । ୯୦ ପ୍ରତିଶତ ଲୋକଙ୍କ ମଧ୍ୟରେ ଏହି ରୋଗ ବିଷୟରେ ସଚେତନତାର ଅଭାବ ରହିଛି । ଯଦି ଏହା ନିୟନ୍ତ୍ରିତ ନହୁଏ, ତେବେ ଏହା ଅନେକ ଜୀବନ ପ୍ରତି ବିପଦଜନକ ରୋଗକୁ ଆମନ୍ତ୍ରଣ କରିଥାଏ । ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନାହିଁ, ସେଥିପାଇଁ ଏହାକୁ ସାଇଲେଣ୍ଟ କିଲର୍ କୁହାଯାଏ । ବିଶେଷଜ୍ଞଙ୍କ ଅନୁଯାୟୀ ମାନବ ରକ୍ତଚାପକୁ ୧୨୦/୮୦ ଭାବରେ ବିବେଚନା କରାଯାଏ ଏବଂ ୧୪୦/୯୦ ରୁ ଅଧିକ ରକ୍ତଚାପକୁ ଉଚ୍ଚ ରକ୍ତଚାପ କୁହାଯାଏ । ଯେତେବେଳେ ରକ୍ତଚାପ ୧୪୦ ରୁ ଅଧିକ ହୁଏ, ସେତେବେଳେ ବୁଝିବା ଯେ ଏହା ସ୍ୱାସ୍ଥ୍ୟ ପାଇଁ ବିପଦ ଅଟେ, ତେଣୁ ଏହାକୁ ଗୁରୁତର ସହ ନିଆଯିବା ଆବଶ୍ୟକ କାରଣ ଏହା ହାର୍ଟ, କିଡନୀ ଏବଂ ଅନ୍ୟ ଅଙ୍ଗଗୁଡ଼ିକର କାର୍ଯ୍ୟ ବନ୍ଦ କରିପାରେ । ଏହି ରୋଗ ଆଖି ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଯଦି ରକ୍ତଚାପ ୧୮୦/୧୨୦ ରୁ ଅଧିକ ହୁଏ, ତେବେ ଏହା ଅତ୍ୟନ୍ତ ବିପଜ୍ଜନକ ବୋଲି କୁହାଯାଏ । ଆଥେରୋକ୍ଲେରୋସିସ୍ କାରଣରୁ ଉଚ୍ଚ ରକ୍ତଚାପ ହୁଏ । ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ହୃଦୟ ମାଧ୍ୟମରେ ଶରୀରର ଅନ୍ୟ ଅଂଶରେ ପହଞ୍ଚେ । ଅମ୍ଳଜାନ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଉଥିବା ରକ୍ତ ନଳୀରେ କୋଲେଷ୍ଟ୍ରଲ, ଚର୍ବିଯୁକ୍ତ ପଦାର୍ଥ, କୋଷଗୁଡିକର ଅନୁପଯୋଗୀ ପଦାର୍ଥ, କ୍ୟାଲସିୟମ ଏବଂ ଫାଇବ୍ରିନ୍ ପ୍ଲେକ୍ ସୃଷ୍ଟି କରିଥାଏ, ଯାହା ଆଥେରୋକ୍ଲେରୋସିସ୍ ନାମକ ଏକ ରୋଗର କାରଣ ହୋଇଥାଏ । ଯେଉଁଥିପାଇଁ ରକ୍ତଚାପ ବଢିବାକୁ ଲାଗିଥାଏ । ଏହି ସମସ୍ୟା ହେତୁ ବ୍ରେନ୍ ଷ୍ଟ୍ରୋକ୍ ହେବାର ଆଶଙ୍କା ଦ୍ୱିଗୁଣିତ ହୋଇଥାଏ । ପ୍ରତି ୧୦ ମିଲିମିଟର ହେମୋଗ୍ରାମ୍ ଉପରେ ରକ୍ତଚାପ ବୃଦ୍ଧି ଦ୍ୱାରା ଇସକେମିକ୍ ଷ୍ଟ୍ରୋକ୍ (ଶିରା ରକ୍ତ ଜମାଟ ବାନ୍ଧିବା) ଆଶଙ୍କା ପ୍ରାୟ ୨୮ ପ୍ରତିଶତ ଏବଂ ହେମୋରାଜିକ୍ ଷ୍ଟ୍ରୋକ୍ (ଶିରା ଫାଟିଯିବା) ଆଶଙ୍କା ପ୍ରାୟ ୩୮ ପ୍ରତିଶତ ବଢିଥାଏ । ଏହି କାରଣରୁ ବଢିଥାଏ ବ୍ଲଡ ପ୍ରେସର : କୋଲେଷ୍ଟ୍ରଲ୍ ବଢିବା ମୋଟାପଣ ଘରେ ପୂର୍ବରୁ କାହାର ଏହି ସମସ୍ୟା ଥିବା ଅଧିକ ନନଭେଜ୍ ଖାଇବା ମଦ୍ୟପାନ କରିବା ଡାକ୍ତର ଏବଂ ମେଡିକାଲ ବିଶେଷଜ୍ଞଙ୍କ ଅନୁଯାୟୀ, ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା କଷ୍ଟକର ନୁହେଁ । ସଠିକ୍ ଜୀବନ ଶୈଳୀ ଏବଂ ଖାଇବାର ଠିକ ଅଭ୍ୟାସ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ ।ଏହି ଜିନିଷ ଖାଇ ବିପିକୁ କଣ୍ଟ୍ରୋଲରେ ରଖି ପାରିବେ: କ୍ୟାଲସିୟମ୍ କେବଳ ହାଡକୁ ଶକ୍ତିଶାଳୀ କରେ ନାହିଁ ବରଂ ରକ୍ତ ଧମନୀ ଚାରିପାଖରେ ଥିବା ମାଂସପେଶୀ ଉପରେ ଚାପ ମଧ୍ୟ ହ୍ରାସ କରେ । ଯେତେବେଳେ ଆମେ କମ୍ କ୍ୟାଲସିୟମ୍ ଗ୍ରହଣ କରୁ, ମାଂସପେଶୀ ଉପରେ ଚାପ ବଢିବାରେ ଲାଗେ, ଯାହା ରକ୍ତଚାପକୁ ମଧ୍ୟ ବଢାଇଥାଏ । ଯଦି ଏହି ସମସ୍ୟା ନିୟନ୍ତ୍ରିତ ନହୁଏ, ଏହା କିଡନୀ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ତେଣୁ କ୍ୟାଲସିୟମ୍ ଭରପୁର ଖାଦ୍ୟ କ୍ଷୀର, ଦହୀ, ଅଣ୍ଡାର ଧଳା ଅଂଶ ଖାଇବା ଉଚିତ୍ । ପ୍ରଚୁର ପୋଟାସିୟମ୍ ଯୁକ୍ତ ଖାଦ୍ୟ ତାଜା ଫଳ, ସବୁଜ ପନିପରିବା, ଶସ୍ୟ ଜାତୀୟ ଖାଦ୍ୟ ମଧ୍ୟ ଖାଇବା ଉଚିତ୍ ।

ଆଜିର ରାଶିଫଳ

ମେଷ – ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବେ । ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ । ପଥପ୍ରାନ୍ତେ ବନ୍ଧୁଙ୍କୁ ଭେଟିପାରନ୍ତି ।

ବୃଷ – ବ୍ୟବସାୟରେ କ୍ଷତି ସହିବେ । ଗୃହକାର୍ଯ୍ୟରେ ଲିପ୍ତ ରହିବେ । ନ୍ୟାୟୋଚିତ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ।

ମିଥୁନ – ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ । ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ । ଯେତେ ଭଲ କାମ କରିଲେ ମଧ୍ୟ ପ୍ରଶଂସା ବଦଳରେ ଖାଲି ଅଭିଯୋଗ ପାଇବେ ।

କର୍କଟ – ସୁପରାମର୍ଶ କଥା କହି ଦିନଟି ଆନନ୍ଦ ପାଇବେ । କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବେ । ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ । ସେଥିପାଇଁ ଅନ୍ୟମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିବ ।

ସିଂହ – ଅର୍ଥ ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ । ମହିଳାମାନେ ବୁଦ୍ଧି ପ୍ରୟୋଗ କରି କାମ କରିବେ । ଛୋଟପିଲାମାନେ ପଢ଼ାପଢ଼ିରେ ମନ ଦେବେ ।

କନ୍ୟା – କୌଣସି ପରିସ୍ଥିତିରେ ମଧ୍ୟ ଯାହା କହିବେ ଟିକିଏ ଭାବିଚିନ୍ତି କୁହନ୍ତୁ ଅଭାବ ପୂରଣ ସକାଶେ ବନ୍ଧୁଙ୍କୁ ଦ୍ୱାରସ୍ଥ ହେବେ । ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ଦାମ୍ପତ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ ।

ତୁଳା – ଗୃହିଣୀମାନେ ନିଜ କାର୍ଯ୍ୟରେ ଲାଗି ରହିବେ । ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ । ଗୃହକାର୍ଯ୍ୟରେ ମନ ଦେବେ । ନିଜ ଲୋକଙ୍କ ଦ୍ୱାରା ଅପଦସ୍ଥ ହୋଇପାରନ୍ତି ।

ବିଛା – ବ୍ୟବସାୟରେ ଆଗକୁ ବଢ଼ିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ । କଳା, ସାହିତ୍ୟରେ ସମସ୍ୟାର ସମାଧାନ ହୋଇଯିବ । ଆର୍ଥିକ ସ୍ଥିତି ଦୁଃଶ୍ଚିନ୍ତାର କାରଣ ହେବ ।

ଧନୁ – ଗୁରୁଜନଙ୍କ ସେବା ଓ ସହମତିରେ ଆଗକୁ ବଢ଼ିପାରିବେ । ସମସ୍ତ ନିର୍ଣ୍ଣୟ ଓ ଫଇସଲା ବୁଦ୍ଧିମତାରେ ପରିପୂର୍ଣ୍ଣ ହେବ । ସମ୍ପତ୍ତି ସମ୍ବନ୍ଧୀୟ ମାମଲାରେ ଲଢ଼ିପାରନ୍ତି ।

ମକର – ବ୍ୟବସାୟରେ ଉନ୍ନତି ହେବା ଫଳରେ ଖୁସି ରହିବେ । ସମାଜସେବା, ଧାର୍ମିକ ଅନୁଷ୍ଠାନରେ ସଫଳତା ମିଳିବ । କୌଣସି କାର୍ଯ୍ୟ ଆରମ୍ଭ କଲେ ପୂରଣରେ ବିଳମ୍ବ ହେବ ।

କୁମ୍ଭ – ସାମାଜିକ କ୍ଷେତ୍ରରେ ନିଜର ପ୍ରଭାବ ଓ ପରାକ୍ରମ ବଢ଼ିବ । ରାଜନୀତି କ୍ଷେତ୍ରରେ ବନ୍ଧୁ ମିତ୍ରମାନଙ୍କର ଓ ବରିଷ୍ଠ କର୍ମୀଙ୍କ ପ୍ରିୟପାତ୍ର ହେବେ । ନିଜର ଯୋଗ୍ୟତା ଓ କ୍ଷମତାର ବହୁତ ଲାଭ ମିଳିବ ।

ମୀନ – କୌଣସି ନୂତନ କର୍ମ କରିବାକୁ ଚାହୁଁଥିଲେ ସେଥିରେ ବିଜୟୀ ହେବେ । ଗୃହପୋକରଣ ନୂତନ ବସ୍ତୁ କ୍ରୟ କରିପାରିବେ । ପ୍ରିୟ ଲୋକମାନଙ୍କ ସହିତ ସମ୍ବନ୍ଧ ଓ ସମ୍ପର୍କ ସ୍ଥାପନ ହେବ ।

କେବଳ ସ୍ୱାଦ ନୁହେଁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହୋଇଥାଏ ଅତ୍ୟନ୍ତ ଲାଭଦାୟକ ଲିଚୁ

ମିଠା ଏବଂ ରସଯୁକ୍ତ ସ୍ୱାଦର ଲିଚୁକୁ ପିଲାମାନଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ପସନ୍ଦ କରନ୍ତି । ଏହା ସ୍ୱାଦିଷ୍ଟ ହେବା ସହିତ ପୋଷକ ତତ୍ତ୍ୱରେ ମଧ୍ୟ ଭରପୂର ଅଟେ ।ଏଥିରେ ଭିଟାମିନ୍ ଏ, ବି, ସି, କ୍ୟାଲସିୟମ୍, ଫାଇବର, ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫସଫରସ୍ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ । ଏହା ସ୍ୱାସ୍ଥ୍ୟ ଏବଂ ସ୍କିନ୍ ପାଇଁ ଲାଭଦାୟକ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ତେବେ ଚାଲନ୍ତୁ ଜାଣିବା ଲିଚୁର ଉପକାରିତା...ହୃତପିଣ୍ଡକୁ ସୁସ୍ଥ ରଖିଥାଏ: ଲିଚୁରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ତେଣୁ ହୃଦୟ ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ ରହିଥାଏ । ଇମ୍ୟୁନିଟି ବଢାଇଥାଏ: ଲିଚୁରେ ଭିଟାମିନ୍ ସି, ରାଇବୋଫ୍ଲାଭିନ୍, ଫୋଲେଟ୍, ନିୟାସିନ୍ ଏବଂ ବିଟା କାରୋଟିନ୍ ଇତ୍ୟାଦି ଉପାଦାନ ରହିଥାଏ । ଏହାକୁ ଖାଇବା ଦ୍ୱାରା ଇମ୍ୟୁନିଟି ବଢିଥାଏ । ବ୍ଲଡପ୍ରେସର କଣ୍ଟ୍ରୋଲ୍ ହୋଇଥାଏ: ଲିଚୁ ପୋଟାସିୟମ୍ ଏବଂ ସୋଡିୟମ୍ ଉପାଦାନରେ ଭରପୂର ।ଏହାର ଖାଇବା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ତେଣୁ ରକ୍ତଚାପ ରୋଗୀଙ୍କ ପାଇଁ ଲିଚୁ ଖାଇବା ଆବଶ୍ୟକ । ଓଜନ ହ୍ରାସ କରିଥାଏ: ଲିଚୁରେ ଅଧିକ ଜଳ ଏବଂ ଫାଇବର ମାତ୍ରା ଅଧିକ ଏବଂ କମ୍ କ୍ୟାଲୋରୀ କମ୍ ହୋଇଥାଏ । ତେଣୁ ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଆଖି ରହିଥାଏ ସୁସ୍ଥ: ଏଥିରେ ଭିଟାମିନ୍, କ୍ୟାଲସିୟମ୍, ଆଇରନ୍, ଫାଇଟୋକେମିକାଲ୍ ଇତ୍ୟାଦି ଗୁଣ ରହିଥାଏ । ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ନେପ୍ଲାଷ୍ଟିକ୍ ଗୁଣ ମଧ୍ୟ ରହିଥାଏ । ଏହାକୁ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧିରେ ସାହାଯ୍ୟ ମିଳିଥାଏ । ଏଥି ସହିତ, ଲିଚୁ ଆଖିର ଅସ୍ୱଚ୍ଛତା ଏବଂ ମୋତିଆବିନ୍ଦୁ ସମସ୍ୟାରୁ ରକ୍ଷା କରିଥାଏ ।

ସୁନା କିଣୁଥିଲେ ସାବଧାନ !



ଆଜିକା ଦିନରେ ସୁନା ନିବେଶର ମାଧ୍ୟମ ପାଲଟିଛି । ତେବେ ଭାରତୀୟ ସଂସ୍କୃତିରେ ସୁନା ମହିଳାଙ୍କ ଶୃଙ୍ଗାର ସାମଗ୍ରୀ । ଏଣୁ ମହିଳା ହିଁ ସର୍ଣ୍ଣ ଆଭୂଷଣ ଲାଗି ପ୍ରାୟତଃ ଲାଳାୟିତ ଥାନ୍ତି । ଦିନକୁ ଦିନ ବଜାରରେ ସୁନା ଦର ମହଙ୍ଗା ହୋଇଚାଲିଛି । ଏଥିରେ ଲୋକେ ସୁନା କିଣିବା ଲାଳସାରେ ଅନେକବାର ଠକେଇରେ ମଧ୍ୟ ପଡିଛନ୍ତି । ଯଦି ଆପଣ ସୁନାଗହଣା କିଣୁଥାନ୍ତି ତେବେ ପ୍ରଥମେ ନିଜ ଆଡୁ ଏହାର ଶୁଦ୍ଧତା ନେଇ ନିଶ୍ଚିତ ହେବା ପରେ ନିବେଶ କରନ୍ତୁ । ନଚେତ ନକଲି କିଣି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ହଲମାର୍କ ସୁନା ହିଁ କିଣନ୍ତୁ ଲୋକଙ୍କ ସୁନା ଚାହିଦାକୁ ଦେଖି ସରକାର ନିଜ ଆଡୁ ଏହାର ଶୁଦ୍ଧତା ସୁନିଶ୍ଚିତ କରିବାକୁ ପଦକ୍ଷେପ ନେଇଛନ୍ତି । ଏଣୁ ଭାରତୀୟ ମାନକ ବ୍ୟୁରୋ(ବିଆଇଏସ) ସର୍ଣ୍ଣ ଆଭୂଷଣକୁ ହଲମାର୍କ ଚିହ୍ନିତ କରିଛନ୍ତି । ହାତ ଗଣତି ପ୍ରତିଷ୍ଠିତ ଦୋକାନମାନେ ହିଁ ହଲମାର୍କ ସୁନା କାରବାର କରୁଛନ୍ତି । ଏଣୁ ଆପଣ ଯେତେବେଳେ ବି ସୁନା କିଣିବାକୁ ମନ କରୁଛନ୍ତି ତେବେ ଏପରି ଦୋକାନ ବାଛନ୍ତୁ ଯେଉଁମାନେ ହଲମାର୍କ ସୁନାଗହଣା କାରବାର କରୁଛନ୍ତି । ହଲମାର୍କ ଅର୍ଥାତ ବିଆଇଏସ୍ ଙ୍କ ଗ୍ୟାରେଣ୍ଟି । ଆପଣ ଯାହା ବି କିଣୁଛନ୍ତି ତାହା ଶୁଦ୍ଧ ସୁନା ହିଁ କିଣୁଛନ୍ତି ବୋଲି ନିଶ୍ଚିତ । ଏପରି ସର୍ଣ୍ଣଳଙ୍କାର କିଣି ପଛରେ ଆପଣଙ୍କୁ ପଶ୍ଚାତାପ କରିବାକୁ ପଡିନପାରେ । ଘରେ ସର୍ଣ୍ଣଳଙ୍କାରର କାରବାର କରୁଥିଲେ ସୁନା ପାଇଁ ମୋହ ଲୋକଙ୍କୁ ବିଭିନ୍ନ ପ୍ରକାର ବ୍ୟବସାୟରେ ଜଡ଼ିତ କରିଥାଏ । ଲୋକେ ସର୍ଣ୍ଣଳଙ୍କାର ବନ୍ଧକ ରଖି ହାତ ଉଧାରୀ ନେଇଥାନ୍ତି । ଏଥିରେ ଅନେକ ଲୋକେ ଠକେଇ ମଧ୍ୟ କରନ୍ତି । ନକଲୀ ଓ ଅସୁଦ୍ଧ ସୁନା ବନ୍ଧକ ରଖି ଟଙ୍କା ନେଇ ଛୁ କରନ୍ତି । ଏଥିରେ ଏପରି ସୁନା ଗହଣା ହାତଉଥିଲେ ଘରେ ପରୀକ୍ଷା କରି ରଖନ୍ତୁ । ସୁନା ଏକ ଧାତୁ ଏଣୁ ପାଣିରେ ବୁଡି ଯାଏ, ହେଲେ ନକଲି ସୁନା ଭାସେ । ସେହିପରି ଲୋକେ ସୁନା ଭଳି ଦେଖାଯାଉଥିବା ସାମଗ୍ରୀ ଦେଇ ମଧ୍ୟ ଲୁଟି ନିଅନ୍ତି । ଏଣୁ ଚୁମ୍ବକରେ ଲଗାଇ ଏହାର ମାନ ଜାଣି ନିଅନ୍ତୁ । ସୁନାକୁ ଚୁମ୍ବକ ଧରେ ନାହିଁ । ଏହା ଛଡା ସିର୍କା ପକାଇ ସୁନାର ଶୁଦ୍ଧତା ଜାଣିପାରିବେ । ଏଥିରେ ବିନ୍ଦୁଏ ସିରକା ଅଳଙ୍କାର ଉପରେ ପକାଇ କିଛି ସମୟ ଅପେକ୍ଷା କରନ୍ତୁ । ସିରକାର ରଙ୍ଗ ବଦଳୁଥିଲେ ଜାଣିବେ ନକଲି ଗହଣା ।

ସୁଗାର ଲେବଲ୍ ବଢିଯାଉଛି କି ? ପିଅନ୍ତୁ ତେଜପତ୍ର ଚା'

ତେଜ ପତ୍ରର ବ୍ୟବହାର ସାଧାରଣତଃ ରୋଷେଇ ଘରେ ହୋଇଥାଏ । ଏହି ପତ୍ର ସୁଗନ୍ଧରେ ପରିପୂର୍ଣ୍ଣ ଏବଂ ପାରମ୍ପାରିକ ଖାଦ୍ୟର ସ୍ୱାଦ ବଢାଇବା ପାଇଁ ପ୍ରାୟତଃ ମସଲା ଭାବରେ ବ୍ୟବହୃତ ହୋଇଥାଏ କିନ୍ତୁ ଆପଣ ଜାଣନ୍ତି କି ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ । ତେଜ ପତ୍ର ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ସି, ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ର ଏକ ଉତ୍ତମ ଉତ୍ସ । ଏହି କାରଣରୁ ଏହା ପେଟର ପାକସ୍ଥଳୀ ପାଇଁ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଥାଏ । ଏହା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି ଡାଇବେଟିସ୍, ଡାଇୟୁରେଟିକ୍ ଏବଂ ଭୋକ ବଢାଇବା ପାଇଁ ସହାୟକ ହୋଇଥାଏ । ଜାନୁୟାରୀ ୨୦୦୯ ରେ କ୍ଲିନିକାଲ୍ ବାୟୋକେମିଷ୍ଟ୍ରି ଆଣ୍ଡ ନ୍ୟୁଟ୍ରେସନରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ତେଜ ପତ୍ର ଟାଇପ୍-୨ ଡାଇବେଟିସ୍ ସହିତ ଗ୍ଲୁକୋଜ୍ ଏବଂ ଲିପିଡ ପ୍ରୋଫାଇଲରେ ଉନ୍ନତି ଆଣିଥାଏ । ତେଣୁ, ଟାଇପ୍-୨ ମଧୁମେହର ଚିକିତ୍ସାରେ ତେଜ ପତ୍ର ଚା ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଇନସୁଲିନ୍ ସମ୍ବେଦନଶୀଳତାକୁ ଉନ୍ନତ କରିଥାଏ । ତେଜପତ୍ର ମଧ୍ୟ ପାକସ୍ଥଳୀକୁ ଉତ୍ତେଜିତ କରି ପରିସ୍ରାକୁ ପ୍ରୋତ୍ସାହିତ କରି ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ । କୋଷ୍ଠକାଠିନ୍ୟକୁ ରୋକିବା ପାଇଁ ଏହା ବହୁତ ପ୍ରଭାବଶାଳୀ । ତେଜପତ୍ର ଚା ହେଉଛି ଭିଟାମିନ୍ ସି ର ଉତ୍ସ, ଯାହା ଇମ୍ୟୁନ ସିଷ୍ଟମ୍ ପାଇଁ ଭଲ ହୋଇଥାଏ ଏବଂ ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଥାଏ, ଯାହା ସଂକ୍ରମଣକୁ ଦୂରେଇ ରଖିଥାଏ । ଏହି ଚା'ରେ ଡାଲଚିନ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ଯାହା ମେଟାବୋଲିଜିମ୍ କୁ ପ୍ରୋତ୍ସାହିତ କରେ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏହି ଯାଦୁକରୀ ପତ୍ର ଆପଣଙ୍କ ଚାପ ସ୍ତରକୁ ହ୍ରାସ କରିଥାଏ । ଏହାର ଔଷଧୀୟ ଗୁଣ ହେତୁ କିଛି ଲୋକ କ

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ନୂଆ ଉଚ୍ଚତାରେ ପହଞ୍ଚିଛି : ନଡ୍ଡା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ନୂତନ ଚିନ୍ତାଧାରା ସହ ନୂଆ ଉଚ୍ଚତାରେ ପହଞ୍ଚିଛି । ପୂର୍ବରୁ ଲୋକମାନେ ଭାରତ ଏବଂ ପାକିସ୍ତାନ ବିଷୟରେ କଥାବାର୍ତ୍ତା କରୁଥିଲେ, କିନ୍ତୁ ଆଜି ଭାରତ ଏକାକୀ ଉଜ୍ଜ୍ୱଳ, ପାକିସ୍ତାନ ବିଷୟରେ କେହି କଥାବାର୍ତ୍ତା କରନ୍ତି ନାହିଁ । ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ଏକମାତ୍ର ପ୍ରଧାନମନ୍ତ୍ରୀ ଯିଏ ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନ ଗସ୍ତ କରିଛନ୍ତି, ସେ ନୂତନ ରଣନୀତିକ ସମ୍ପର୍କ ସ୍ଥାପନ କରିଛନ୍ତି । ଭାରତୀୟ ଜନତା ପାର୍ଟି ସଭାପତି ଜେପି ନଡ୍ଡା କହିଛନ୍ତି । ସେ କହିଥିଲେ ଯେ ଯେତେବେଳେ ନରେନ୍ଦ୍ର ମୋଦୀ ୨୦୧୪ ରେ ପ୍ରଧାନମନ୍ତ୍ରୀ ହୋଇଥିଲେ ସେତେବେଳେ ସେହି ଦିନଠାରୁ ଆନ୍ତର୍ଜାତୀୟ ଜଗତକୁ ବାର୍ତ୍ତା ଦେବାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ମଧ୍ୟ ଏକ ଐତିହାସିକ ନିଷ୍ପତ୍ତି ଥିଲା, ଏହା ବିଶ୍ୱକୁ ଏକ ବାର୍ତ୍ତା ଦେଇଥିଲା । ଜେପି ନାଡା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ପଡୋଶୀ ଦେଶ ଗସ୍ତ ଆରମ୍ଭ କରିଛନ୍ତି, ଏହା ମଧ୍ୟ ନିଜେ ଏକ ବାର୍ତ୍ତା ଦେଇଥାଏ, ସେ ପ୍ରଥମେ ନିଜ ପଡ଼ୋଶୀ ବିଷୟରେ ଚିନ୍ତା କରନ୍ତି । ପୂର୍ବରୁ ଏହା ଏହିପରି ନଥିଲା । ଭାରତର ପ୍ରଧାନମନ୍ତ୍ରୀ ୧୭ ବର୍ଷ ପରେ ନେପାଳ ଗସ୍ତ କରିଥିଲେ, ପଡୋଶୀ ପ୍ରଥମ ନୀତି ସମ୍ବନ୍ଧରେ କାର୍ଯ୍ୟ କରାଯାଇଥିଲା । ପଡୋଶୀ ଭାବରେ ବିଗ୍ ଭାଇଙ୍କ ପରି ନୁହେଁ, ଯେତେବେଳେ ନେପାଳରେ ଭୂକମ୍ପ ହୋଇଥିଲା, ୧୫ ମିନିଟରେ ଏହି ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ଆମର ଜାହାଜ ଔଷଧ ସହିତ ନେପାଳରେ ଅବତରଣ କଲା । ସେଠାରେ ଆରାମ ଆଣିବା, ଏହା ଏକ ଆରୋଗ୍ୟ ସ୍ପର୍ଶ ଦେଇଥାଏ । ଏହା ବାର୍ତ୍ତା ଦେଇଥାଏ ଯେ ଆମେ ପଡୋଶୀ । ଭାରତର ପ୍ରଧାନମନ୍ତ୍ରୀ ୨୮ ବର୍ଷ ପରେ ଶ୍ରୀଲଙ୍କା ଗସ୍ତ କରିଥିଲେ, ସେ ମଧ୍ୟ ଜାଫନା ଗସ୍ତ କରିଥିଲେ ।

ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ପରେ ୧୦୦ ଟି ଦେଶ ଗସ୍ତ କରି ଏକ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ଉଭୟ ଇସ୍ରାଏଲ ଏବଂ ପାଲେଷ୍ଟାଇନ ଯାଇଥିଲେ । ଆମେ ମଧ୍ୟ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସ୍ତରରେ ରଖିଛୁ ଏବଂ ଏହାକୁ ଆଗକୁ ନେବା ପାଇଁ କାର୍ଯ୍ୟ କରିଥିଲୁ । ମିଳିତ ଜାତିସଂଘରେ ଯୋଗ ଦିବସ ପ୍ରସ୍ତାବ ଦେବା ଏକ ବଡ କଥା ଏବଂ ଆଜି ୧୯୦ଟି ଦେଶରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଏ ।

ନୀତିଶଙ୍କୁ ଧମକ ଦେଇଥିବା ଅଭିଯୁକ୍ତ ଗିରଫ

ପାଟନା : ବିହାରର ମୁଖ୍ୟମନ୍ତ୍ରୀ ନିତୀଶ କୁମାରଙ୍କୁ ବମ ଲଗାଇ ଉଡାଇ ଦେବା ଧମକ ଦେବା ଅଭିଯୁକ୍ତକୁ ସୁରତ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଅଂକିତ କୁମାର ମିଶ୍ରା ୨୦ ମାର୍ଚ୍ଚରେ ଫୋନ ଜରିଆରେ ନିତୀଶ କୁମାରଙ୍କୁ ୩୬ ଘଂଟା ଭିତରେ ବମରେ ଉଡାଇ ଦେବାକୁ ଧମକ ଦେଇଥିଲା । ଏହି ଘଟଣାର ସୁଚନା ମିଳିବା ପରେ ପାଟନା ଜିଲ୍ଲାର ସଚିବାଳୟ ପୋଲିସ ଅଭିଯୁକ୍ତ ପାଖରେ ପହଂଚି ଯୋଜନା କରିଥିଲା । ଏହା ପରେ ଅଭିଯୁକ୍ତର ଲୋକେଶନ ସୁରତ ପାଖରେ ଥିବା ଲସକାଣାରେ ମିଳିଥିଲା । ବିହାର ପୋଲିସ ଏହି ଘଟଣାର ସୁଚନା ସୁରତ କ୍ରାଇମ୍ ବ୍ରାଂଚକୁ ଦେଇଥିଲା ଫଳରେ କ୍ରାଇମ୍ ବ୍ରାଂଚ ପୋଲିସ ଲସକାଣାରୁ ଅଭିଯୁକ୍ତକୁ ଧରିବା ପାଇଁ ସକ୍ଷମ ହୋଇଥିଲା ।

୪ ବିଚାରପତିଙ୍କ ପଦୋନ୍ନତି ପାଇଁ ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସ

ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ କଲେଜିୟମ ବଡ଼ ସୁପାରିସ କରିଛନ୍ତି । ୪ ଜଣ ଜିଲ୍ଲା ଜଜଙ୍କୁ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପ୍ରିମକୋର୍ଟ କଲେଜିୟମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି । ଆର ଶକ୍ତିଭେଲ, ପି ଧାନବଲ, ଚିନ୍ନାସାମୀ କୁମପାରପ୍ପନ ଓ କେ ରାଜଶେଖରଙ୍କୁ ପ୍ରମୋସନ ଦେବାକୁ କଲେଜିୟମ କହିଛନ୍ତି । ଏଥିସହ ଆର ଜନ ସତ୍ୟାନ ଓ ରାମାସ୍ୱାମୀ ନୀଲକନ୍ଦନଙ୍କୁ ପ୍ରମୋସନ ଦେବାକୁ ପୂର୍ବରୁ କରାଯାଇଥିବା ସୁପାରିସ ଉପରେ ମଧ୍ୟ ମୋହର ମାରିବାକୁ କଲେଜିୟମ କେନ୍ଦ୍ର ସରକାରଙ୍କୁ କହିଛନ୍ତି । ଚଳିତ ବର୍ଷ ଜାନୁଆରୀ ମାସରେ କଲେଜିୟମ ଏହି ଦୁଇ ଜଣଙ୍କୁ ହାଇକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଥିଲେ । ସୁପ୍ରିମକୋର୍ଟ କଲେଜିୟମ କହିଛନ୍ତି, ଯେଉଁମାନଙ୍କ ନାଁ ସୁପାରିସ କରାଯାଇଛି ଓ ପୁଣିଥରେ ଯେଉଁମାନଙ୍କୁ

ପଦୋନ୍ନତି ଦେବାକୁ କୁହାଯାଇଛି, ବିଳମ୍ବ କିମ୍ବା ଏହାକୁ ନ ଫେରାଇ ତୁରନ୍ତ ମଞ୍ଜୁରି ଦିଆଯାଉ । ନଚେତ ବରିଷ୍ଠତା କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିବ । ଆର ଜନ ସତ୍ୟାନ ଓ ରାମାସ୍ୱାମୀଙ୍କ ନାଁ ଜାନୁଆରୀ ମାସରୁ ସୁପାରିସ କରାଯାଇଥିଲେ ହେଁ କେନ୍ଦ୍ର ସରକାର ଏଯାଏ ଏହା ଉପରେ ମୋହର ମାରି ନାହାନ୍ତି । ଏହି ସୁପାରିସ ଫାଇଲକୁ ପୁନଃବିଚାର କରିବାକୁ ମଧ୍ୟ କଲେଜିୟମ ପାଖକୁ ପଠାଇ ନାହାନ୍ତି । କେବଳ ସୁପାରିସ ଅନୁସାରେ କାର୍ଯ୍ୟକାରୀ କରିବାରେ ବିଳମ୍ବ କରି ଚାଲିଛନ୍ତି ।

ଭାରତ-ନେପାଳ ସୀମାରେ ଲୁଚିଛି ଅମ୍ରିତପାଲ ସିଂହ !

ନୂଆଦିଲ୍ଲୀ: ଖଲିସ୍ତାନ ସପକ୍ଷବାଦୀ ନେତା ତଥା ୱାରିସ୍ ପଞ୍ଜାବ ଦେ ମୁଖ୍ୟ ଅମ୍ରିତପାଲ ସିଂହ ୧ ଭାରତ-ନେପାଳ ସୀମାରେ ଲୁଚିଥିବା ଗୋଇନ୍ଦା ବିଭାଗ ଖବର ପାଇବା ପରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି । ପଞ୍ଚମ ଦିନରେ ମଧ୍ୟ ଅମ୍ରିତପାଲଙ୍କୁ ଖୋଜା ଚାଲିଛି । ଉତ୍ତରାଖଣ୍ଡ ପୁଲିସ ନେପାଳ ସୀମାରେ ଉଦ୍ଦାମ ସିଂହନଗରରେ ଗୁରୁଦ୍ୱାର, ହୋଟେଲରେ କମ୍ବି ଅପରେଶନ ଜାରି ରଖିଛି । ଫେରାରର ୪ ଦିନ ପରେ ସୁଦ୍ଧା ପୁଲିସ ହାତ ଖାଲି ଥିବା ବେଳେ ଅମୃତପାଲ ଏବଂ ତାଙ୍କ ସହଯୋଗୀଙ୍କୁ ତଲାସି ଜାରି ରହିଛି । ଗତ ରବିବାର ଅମୃତପାଲଙ୍କ ୪ ସହଯୋଗୀଙ୍କୁ ଗିରଫ କରାଯାଇ ଦିବ୍ରୁଗଡ଼ ଜେଲରେ ରଖାଯାଇଛି । ଅମ୍ରିତପାଲଙ୍କୁ ଗିରଫ କରିବା ଲାଗି ଶନିବାର ଠାରୁ ପୁଲିସ ଚଢଉ ଆରମ୍ଭ ହୋଇଛି । ଏଥିପାଇଁ ପଞ୍ଜାବରେ ଇଣ୍ଟରନେଟ୍, ଏସ୍ ?ଏମ୍ଏସ୍ ଓ ଡୋଙ୍ଗଲ ସେବାକୁ ସୋମବାର ପର୍ଯ୍ୟନ୍ତ ନିଷିଦ୍ଧ କରାଯାଇ ଥିଲା । ଲୋକଙ୍କ ସୁରକ୍ଷା ପାଇଁ ଏପରି ନିଷ୍ପତ୍ତି ନିଆଯାଇ ଥିଲା । କାରଣ ଅମୃତପାଲଙ୍କୁ ଗିରଫ ପାଇଁ ପୁଲିସ ଚଢଉ ଜାରି ରଖିଥିବାରୁ ତାଙ୍କ ସମର୍ଥକମାନେ ଏକଜୁଟ୍ ହୋଇ ହିଂସାକାଣ୍ଡ ଘଟାଇବାର ଆଶଙ୍କା ପ୍ରକାଶ କରାଯାଇଛି । ହିଂସା ଏଡାଇବା ଲାଗି ଅମୃତପାଲଙ୍କ ପୈତୃକ ଗ୍ରାମ ଜାଲୁ ଖେଦାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଅମୃତପାଲ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ପୁଲିସ ରବିବାର ଆଉ କେତେକ ମାମଲା ରୁଜୁ କରିଛି । ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଛି । ଏହା ସହିତ ଅମୃତପାଲଙ୍କ ଆଉ କେତେକ ସମର୍ଥକଙ୍କୁ ମଧ୍ୟ ପୁଲିସ ରବିବାର ଗିରଫ କରିଛି । ଅନ୍ୟପଟେ ଜଳନ୍ଧର ପୁଲିସ ଆୟୁକ୍ତ କୁଲଦୀପ ସିଂହ ଚହଲ କହିଛନ୍ତି ଯେ ଅମୃତପାଲଙ୍କୁ ପଳାତକ ଘୋଷଣା କରାଯାଇଛି । ତାଙ୍କୁ ଯଥାଶୀଘ୍ର ଗିରଫ କରାଯିବ । ଶନିବାର ହୋଇଥିବା ଚଢଉ ବେଳେ ଅମ୍ରିତପାଲଙ୍କ ୬ଜଣ ସହଯୋଗୀଙ୍କ ସହିତ ତାଙ୍କ ସଂଗଠନର ୭୮ଜଣ ସଦସ୍ୟଙ୍କୁ ଗିରଫ କରାଯାଇଥିଲା । ଗିରଫ ପରେ ୪ଜଣ ସମର୍ଥକଙ୍କୁ ପୁଲିସ ରବିବାର ଆସାମ ନେଇ ଆସିଛି । ସେମାନଙ୍କୁ ଦିବ୍ରୁଗଡ କେନ୍ଦ୍ରୀୟ ଜେଲ୍ ?ରେ ରଖାଯାଇଛି । ଶନିବାର ଚଢ଼ଉ ସମୟରେ ପୁଲିସ ୮ଟି ରାଇଫଲ୍ ?, ଗୋଟିଏ ରିଭଲଭର ଓ ୩୭୩ଟି କାର୍ତ୍ତିଜ୍ ଜବତ କରିଥିଲା । ଗତମାସରେ ଅମୃତପାଲ୍ ? ଓ ତା'ର ଅନେକ ସମର୍ଥକ ଅଜନାଲ୍ ? ଥାନା ଉପରେ ଆକ୍ରମଣ କରିଥିବା ନେଇ ଏକ ମାମଲା ରୁଜୁ ହୋଇଛି । ନିଜ ସହଯୋଗୀଙ୍କୁ ପୁଲିସ କବଳରୁ ମୁକ୍ତ କରିବା ଲାଗି ଅମୃତପାଲ୍ ? ନିଜ ସମର୍ଥକଙ୍କ ସହ ମାରଣାସ୍ତ୍ରରେ ସଜ୍ଜିତ ହୋଇ ଥାନା ଉପରେ ଆକ୍ରମଣ କରିଥିଲେ । ଖଲିସ୍ତାନ ସମର୍ଥକଙ୍କ ଏହି ଆକ୍ରମଣ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା । ଏପରିକି ପଞ୍ଜାବରେ ପୁନର୍ବାର ଖଲିସ୍ତାନ ଆନ୍ଦୋଳନ ମୁଣ୍ଡ ଟେକିବାର ଆଭାସ ମିଳିଥିଲା । ଆଉ ମଧ୍ୟ ପୁଲିସ ଅମୃତପାଲଙ୍କ ସମର୍ଥକଙ୍କୁ ବିନା ପ୍ରତିରୋଧରେ ମୁକ୍ତ କରିଦେବାକୁ ନେଇ ରାଜ୍ୟ ସରକାରଙ୍କ ସମାଲୋଚନା କରାଯାଇଥିଲା ।

ଜାକିର ନାଇକକୁ ଭାରତ ଅଣାଯିବ

ନୂଆଦିଲ୍ଲୀ : ଇସଲାମିକ ପ୍ରଚାରକ ଜାକିର ନାଇକକୁ ଓମାନରୁ ଭାରତକୁ ସ୍ଥାନାନ୍ତର କରାଯାଇପାରେ । ଓମାନରେ ଦୁଇଟି ବକ୍ତୃତା ଦେବାକୁ ନାୟକକୁ ନିମନ୍ତ୍ରଣ କରାଯାଇଛି । ତାଙ୍କର ପ୍ରଥମ ବକ୍ତୃତା 'କୁରାନ ଏକ ଗ୍ଲୋବାଲ୍ ଆବଶ୍ୟକତା' ଓମାନର ଧାର୍ମିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଛି ଯାହା ମାର୍ଚ୍ଚ ୨୩, ରମଜାନର ପ୍ରଥମ ଦିନରେ ଅନୁଷ୍ଠିତ ହେବ । ଅନ୍ୟପକ୍ଷରେ, ସୁଲତାନ କାବୁସ ବିଶ୍ୱବିଦ୍ୟାଳୟରେ ମାର୍ଚ୍ଚ ୨୫ ତାରିଖ ସନ୍ଧ୍ୟାରେ ଦ୍ୱିତୀୟ ବକ୍ତୃତା 'ଭବିଷ୍ୟ ବକ୍ତା ମହମ୍ମଦ - ମାନବଙ୍କ ପାଇଁ ଦୟା' ଧାର୍ଯ୍ୟ କରାଯାଇଛି । ପ୍ରକାଶ ଯେ, ଓମାନରେ ଥିବା ଭାରତୀୟ ଦୂତାବାସ ସ୍ଥାନୀୟ ଆଇନ ଅନୁଯାୟୀ ସେମାନଙ୍କୁ ଅଟକ ରଖିବା ଏବଂ ପରେ ଭାରତକୁ ପଠାଇବା ପାଇଁ ସେଠାରେ ଥିବା ଏଜେନ୍ସିଗୁଡ଼ିକ ସହିତ ଯୋଗାଯୋଗରେ ଅଛି । ଭାରତୀୟ ଗୁପ୍ତଚର ଏଜେନ୍ସିର ସୂତ୍ରରୁ ପ୍ରକାଶ ଯେ ସ୍ଥାନୀୟ କର୍ତ୍ତୃପକ୍ଷ ସେମାନଙ୍କ ଅନୁରୋଧ ପରେ ସେମାନଙ୍କୁ ଗିରଫ କରିପାରନ୍ତି । ଭାରତୀୟ ଏଜେନ୍ସି ଦ୍ୱାରା ଗିରଫ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଆଇନ ଦଳ ପଠାଇବାର ସମ୍ଭାବନା ରହିଛି । ଓମାନୀ ରାଷ୍ଟ୍ରଦୂତଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଏହି ପ୍ରସଙ୍ଗ ଉଠାଇଛି । ସେହିଭଳି ଓମାନରେ ଥିବା ଭାରତୀୟ ରାଷ୍ଟ୍ରଦୂତ ମଧ୍ୟ ଓମାନ ବୈଦେଶିକ ମନ୍ତ୍ରଣାଳୟ ସହିତ ଏହି ପ୍ରସଙ୍ଗ ଉଠାଇଛନ୍ତି । ଜାକିର ନାୟକ ପ୍ରଦାହଜନକ ଭାଷଣ ଦେବା, ଅର୍ଥ ହେରଫେର ତଥା ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗ ଅନୁଯାୟୀ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଏବଂ ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନଆଇଏ) ତାକୁ ଚାହୁଁଛନ୍ତି ବୋଲି ଘୋଷଣା କରିଛନ୍ତି ।

୧୦ କୋଟି ପାଇଁ ଗଡକରୀଙ୍କ ଅଫିସକୁ ଧମକପୂର୍ଣ୍ଣ କଲ୍

ନୂଆଦିଲ୍ଲୀ: କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତୀନ ଗଡକରୀଙ୍କ ଅଫିସକୁ ଆସିଛି ଧମକପୂର୍ଣ୍ଣ କଲ । କର୍ଣ୍ଣାଟକାର ବେଲାଗାଭି ଜେଲରେ ରହିଥିବା ଜୟେଶ ପୂଜାରୀ ଏପରି କଲ କରିବା ସହ ବଟି ଦେବାକୁ କହିଛି । ପୂର୍ବରୁ ସେ ଜାନୁଆରୀ ୧୪ରେ ମଧ୍ୟ ଗଡ଼କରୀଙ୍କ ଖମଲା ଅଫିସକୁ ଫୋନ କରି ୧୦୦ କୋଟି ଟଙ୍କା ମାଗିଥିଲା । ହେଲେ ଏଥରେ ସେ ୧୦ କୋଟି ଟଙ୍କା ଦେବାକୁ କହିଛି । ଯଦି ଗଡକରୀ ଟଙ୍କା ନ ଦେବେ, ତା'ହେଲେ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ସେ ଫୋନରେ ଧମକ ଦେଇଛି । ଜାନୁଆରୀ ୧୪ କଲ ପରେ ଗଡକରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିବା ସିଟି ପୁଲିସ୍ ? ମୁଖ୍ୟ ଅମିତେଶ କୁମାର ତୁରନ୍ତ ତାଙ୍କ ବେଲଗାଭି ପ୍ରତିପକ୍ଷ ଓ କର୍ଣ୍ଣାଟକା ଜେଲ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି । ସିଟି ପୁଲିସ କଲ ସମ୍ପର୍କରେ ଜାଣିବା ପରେ ସାଇବର ବିଶେଷଜ୍ଞଙ୍କ ଦ୍ୱାରା ଏହାର ଯାଞ୍ଚ କରିଥିଲା । ଏହି ସମୟରେ କଲଟି ଜୟେଶର ବାରାକରୁ ଆସିଥିବା ଜଣାପଡ଼ିଛି । ତେବେ ଜାନୁଆରୀ ମାସରେ ଯେଉଁ ମୋବାଇଲରୁ ଜୟେଶ ଫୋନ କରିଥିଲା, ତା'କୁ ପୁଲିସ୍ ଏଯାଏ ଠାବ କରିପାରିନାହିଁ । ଅମିତେଶ କୁମାର କହିଛନ୍ତି, "ଜେଲ ଭିତରେ କଲ କରିବା ପାଇଁ କଏଦୀ ଜଣକ କେମିତି ଏତେ କମ ସମୟରେ ଦ୍ୱିତୀୟ ସେଲଫୋନ ଓ ସିମ ପାଇଲା, ତାହା ଆମକୁ ଆଶ୍ଚର୍ଯ୍ୟ କରୁଛି । ଗତଥର ତଦନ୍ତ ବେଳେ ହୋଇଥିବା ଜେରା ସମୟରେ ଜଣାପଡ଼ିଥିଲା ଯେ କଏଦୀ ଜଣକ ମନ୍ତ୍ରୀଙ୍କ ଅଫିସ ନମ୍ବର ମନେ ରଖିଛି । ଏଥିସହ ସେ ଆଉ କିଛି ନମ୍ବର ମଧ୍ୟ ମନେ ରଖିଛି । ଜେରା ବେଳେ ଜୟେଶ ଦାବି କରିଥିଲା ଯେ ସେ ଦାଉଦ ଇବ୍ରାହିମ ଗ୍ୟାଙ୍ଗର ସଦସ୍ୟ । ବର୍ତ୍ତମାନ କଲ ସମ୍ପର୍କରେ ଜଣାପଡ଼ିବା ପରେ ନାଗପୁର ପୁଲିସ୍‌ର ଗୋଟିଏ ଟିମ ବେଲାଗାଭି ଯାଇଛନ୍ତି । ସେମାନେ ସେଠାରେ ଅଧିକ ତଦନ୍ତ କରିବେ ।" ୨୦୦୮ ମସିହାର

ଡକାୟତି ଓ ହତ୍ୟା ମାମଲାରେ ଜୟେଶକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ହେଲେ ପରବର୍ତ୍ତୀ ଅବସ୍ଥାରେ ଏହାକୁ ଆଜୀବନ ଜେଲଦଣ୍ଡକୁ ପରିବର୍ତ୍ତନ କରାଯାଇଛି । ମଙ୍ଗଳବାର ଜୟେଶ କରିଥିବା କଲ ବେଳେ ବେଙ୍ଗାଲୁରୁରେ ଇଭେଣ୍ଟ ମ୍ୟାନେଜର ଭାବେ କାମ କରୁଥିବା ଜଣେ ମହିଳାଙ୍କ ମୋବାଇଲ ନମ୍ବର ଦେଇଥିଲା । ଗଡକରୀଙ୍କ ଅଫିସର କର୍ମଚାରୀଙ୍କୁ ଏହି ନମ୍ବର ସହ ଯୋଗାଯୋଗ କରି ଟଙ୍କା ଦେବାକୁ କୁହାଯାଇଛି । ଜୟେଶ ମଙ୍ଗଳବାର ଗଡକରୀଙ୍କ ଅଫିସକୁ ଫୋନ କରି ପ୍ରଥମେ ବିଫଳ ହୋଇଥିଲା । ଏହାପରେ ସକାଳ ୧୦.୫୩ରେ ଥରେ ଓ ୧୧.୦୮ରେ ଦ୍ୱିତୀୟ ଥର ପାଇଁ ଅଫିସ କର୍ମଚାରୀଙ୍କ ସହ କଥା ହେବାକୁ ସକ୍ଷମ ହୋଇଥିଲା । ଜାନୁଆରୀ କଲ ସମ୍ପର୍କରେ ଗଡକରୀଙ୍କ ଅଫିସ କର୍ମଚାରୀମାନେ ପୁଲିସ୍‌କୁ ଅବଗତ କରାଇଥିବାରୁ ଜୟେଶ ଏଥର ଅସନ୍ତୋଷ ପ୍ରକାଶ କରିଥିଲା । ଏହାପରେ ୧୦ କୋଟି ଟଙ୍କା ଉକ୍ତ ମହିଳାଙ୍କ ଆକାଉଣ୍ଟକୁ ପଠାଇବାକୁ କହିଥିଲା ।

ଖଲିସ୍ତାନୀଙ୍କୁ କଡ଼ା ଜବାବ: ଲଣ୍ଡନ ହାଇକମିଶନ କାର୍ଯ୍ୟାଳୟରେ ବିରାଟ ତ୍ରିରଙ୍ଗା

ଲଣ୍ଡନ : ଲଣ୍ଡନରେ ଭାରତୀୟ ଉଚ୍ଚାୟୁକ୍ତରେ ଖାଲିସ୍ତାନୀଙ୍କ ବେଆଇନ କାର୍ଯ୍ୟ ପରେ ଭାରତ ବର୍ତ୍ତମାନ ଏକ କଡ଼ା ଜବାବ ଦେଇଛି । ରବିବାର ଦିନ ଖାଲିସ୍ତାନୀମାନେ ଲଣ୍ଡନରେ ଥିବା ଭାରତୀୟ ହାଇ କମିଶନଙ୍କଠାରୁ ଭାରତୀୟ ତ୍ରିରଙ୍ଗା କାଢ଼ି ଫିଙ୍ଗି ଦେଇଥିଲେ । ତେବେ, ପୂର୍ବ ଅପେକ୍ଷା ଏକ ବଡ଼ ତ୍ରିରଙ୍ଗା ଏବେ ଭାରତୀୟ ଉଚ୍ଚାୟୁକ୍ତରେ ଲଗାଯାଇ ଖାଲିସ୍ତାନୀଙ୍କୁ କଡ଼ା ଜବାବ ଦିଆଯାଇଛି । ଲଣ୍ଡନରେ ଭାରତୀୟ ଉଚ୍ଚାୟୁକ୍ତରେ ତ୍ରିରଙ୍ଗାକୁ କିପରି ହଟାଇ ଦିଆଯାଇଥିଲା ତାହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା । ତ୍ରିରଙ୍ଗା ସ୍ଥାନରେ ଖଲିସ୍ତାନୀ ପତାକା ରଖାଯାଇଥିଲା । ବ୍ରିଟେନରେ ଖଲିସ୍ତାନ ସମର୍ଥକଙ୍କ ଏକ ଦଳ ରବିବାର ଭାରତୀୟ ହାଇ କମିଶନ ବାହାରେ ପ୍ରଦର୍ଶନ କରି ବିଚ୍ଛିନ୍ନତାବାଦୀ ନେତା ଅମୃତପାଲଙ୍କ ପତାକା ଓ ପୋଷ୍ଟର ଧରି ସ୍ଲୋଗାନ ଦେଇଥିଲେ । ଅମୃତପାଲ ସିଂଙ୍କ ଛବି ସହିତ ପୋଷ୍ଟରରେ ଲେଖାଥିଲା ଯେ, ଅମୃତପାଲ ସିଂଙ୍କୁ ମୁକ୍ତ କରାଯାଉ, ଆମେ ନ୍ୟାୟ ଚାହୁଁ, ଆମେ ଅମୃତପାଲ ସିଂଙ୍କ ସହିତ ଛିଡ଼ା ହୋଇଛୁ । ଖଲିସ୍ତାନ ସମର୍ଥକମାନେ ଭାରତୀୟ ହାଇ କମିଶନର୍ ବାହାରେ ପ୍ରଦର୍ଶନ କରୁଥିବାବେଳେ ଏକ ହଙ୍ଗାମା ସୃଷ୍ଟି କରିଥିଲେ । ସେମାନେ ଭାରତ ବିରୋଧୀ ସ୍ଲୋଗାନ ମଧ୍ୟ ଦେଇଥିଲେ । ଭାଇରାଲ ଭିଡିଓରେ ଜଣେ ଖଲିସ୍ତାନୀ ଭାରତୀୟ ପତାକା ହଟାଉଥିବା ଦେଖିବାକୁ ମିଳିଥିଲା । ଖାଲିସ୍ତାନୀ ସମର୍ଥକଙ୍କ ପ୍ରଦର୍ଶନକୁ ବନ୍ଦ କରିବା ପାଇଁ ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା ।

ଫିନ୍‌ଲ୍ୟାଣ୍ଡ ବିଶ୍ୱର ସବୁଠୁ ଖୁସି ଦେଶ

ଫିନଲ୍ୟାଣ୍ଡ: ବାର୍ଷିକ ବିଶ୍ୱ ଖୁସି ରିପୋର୍ଟରେ ଫିନଲ୍ୟାଣ୍ଡକୁ ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଘୋଷଣା କରାଯାଇଛି । କ୍ରମାଗତ ଷଷ୍ଠ ବର୍ଷ ପାଇଁ ଫିନ୍ଲ୍ୟାଣ୍ଡ ଏଥିରେ ଶୀର୍ଷରେ ରହିଛି । ଅନ୍ତର୍ଜାତୀୟ ଖୁସି ଦିବସ ଭାବେ ପାଳନ କରାଯାଉଥିବା ଏହି ରିପୋର୍ଟ ପ୍ରକାଶ ପାଇଛି । ଖୁସିର ବିଭିନ୍ନ ମାନଦଣ୍ଡ ଆଧାରରେ ଭାରତ ୧୨୫ତମ ସ୍ଥାନରେ ରହିଛି । ଡେନମାର୍କ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଇସଲ୍ୟାଣ୍ଡ ତୃତୀୟ ସ୍ଥାନରେ ରହିଛି । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁଖ ମାପିବା ପାଇଁ ରିପୋର୍ଟ ବ୍ୟବହାର କରୁଥିବା କାରଣଗୁଡିକରେ ଫିନଲ୍ୟାଣ୍ଡ ଅଧିକ ସ୍କୋର କରିଛି । ଏଥିପାଇଁ ମୁଣ୍ଡପିଛା ଜିଡିପି, ସା

କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟ କରିବାକୁ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ସୟଂଶାସିତ ମହାବିଦ୍ୟାଳକୁ ବିଶ୍ୱବିଦ୍ୟାଳୟ କରିବା ପାଇଁ କେନ୍ଦ୍ରାପଡ଼ା ବ୍ଲକ କଂଗ୍ରେସ ଏବଂ ଟାଉନ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି, ହିବଜୁବୁର ରହେମାନ, ମୁକ୍ତାର ଖାନ, ସୁନିଲ କୁମାର ମହାପାତ୍ର, ସୟଦ ମୁକ୍ତାର ଅଲ୍ଲୀ, ରାଜେଶ ମହାନ୍ତି ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ କେନ୍ଦ୍ରାପଡ଼ା ସୟଂଶାସିତ ମହା ବିଦ୍ୟାଳୟ ନାକ୍ ଦ୍ୱାରା ଏ ଗ୍ରେଡର ମାନ୍ୟତା ହାସଲ କରିଛି । ଏଥିସହିତ ଉଚ୍ଚମାନର ସୈକ୍ଷିକ ପରିବେଶ ଓ ଉତମ ଅନୁଶାସନ ଯୁକ୍ତ ଅନୁଷ୍ଠାନ ଭାବେ ରାଜ୍ୟରେ ସୁନାମ ଅର୍ଜନ କରିଛି । ଏହାର ସୈକ୍ଷିକ ପରିବେଶ ଓ ଉଚ୍ଚମାନର ଅଧ୍ୟାପନା ବହୁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ସହ ଏକ ପ୍ରତିଷ୍ଠିତ ଅନୁଷ୍ଠାନରେ ପରିଣତ କରିଛି । ବର୍ତମାନ ୩୪୫୬ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ରାଜ୍ୟରେ ବହୁ କଲେଜକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେଇଥିବାବେଳେ କେନ୍ଦ୍ରାପଡ଼ା ସୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ମିଳିନଥିବାରୁ କେନ୍ଦ୍ରାପଡ଼ାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଏହାକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ଦେବାପାଇଁ ସହର କଂଗ୍ରେସ ଓ ବ୍ଲକ କଂଗ୍ରେସ ତରଫରୁ ଦାବି କରାଯାଇଛି ।

ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ : ଜଣେ ଗୁରୁତର

ଯାଜପୁର (ପିପିଏସ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଜାତୀୟ ରାଜପଥର ପଙ୍କପାଳ ଡାକ ଲବଙ୍ଗଳା ଛକ ନିକଟରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ବସିଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି । ଆମ୍ବୁଲାନ୍ସ ରୋଗୀ ଛାଡି କଟକରୁ ଚଣ୍ଡିଖୋଲ ଦେଇ ଡୁବୁରୀ ଛକ ଆଡ଼କୁ ଦ୍ରୁତ ଗତିରେ ଆସୁଥିବା ବେଳେ ଡ଼ାକବଙ୍ଗଳାରର ଅନତି ଦୂର ରାଇଆ ନାଳ ପୋଲ ନିକଟରେ ରାସ୍ତା ଉପରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ଧକ୍କା ଦେଇଥିଲା । ଫଳରେ ଗାଡ଼ିଚାଳକର ବାମ ପାର୍ଶ୍ୱରେ ବସିଥିବା ଜଣେ ବ୍ୟକ୍ତି ଆହତ ହୋଇଛନ୍ତି । ଏହି ବ୍ୟକ୍ତିଙ୍କର ବାମ ଗୋଡ଼ ଭାଙ୍ଗିଯିବା ସହ ଗୁରୁତର ଆହତ ହୋଇଛନ୍ତି । ଚାଳକ ଜଣଙ୍କ ସୁରକ୍ଷା ବେଲୁନ ପାଇଁ ବଞ୍ଚିଯାଇଛନ୍ତି । ଖବରପାଇ କଳିଙ୍ଗନଗର ପୋଲିସ ଖବରପାଇ କଳିଙ୍ଗନଗର ପୋଲିସ ଘଟଣାସ୍ଥଳରେ ପହଁଚି ଆହତଙ୍କୁ ମେଡ଼ିକାଲକୁ ପଠାଇଛନ୍ତି ।

୪୨ମୌଜା ବଉଳକୁଦ ଗ୍ରାମ୍ୟ ରାସ୍ତା ମରଣଯନ୍ତା

କଟକ ସଦର, (ପିପିଏସ୍): କଟକ ସଦର ଅନ୍ତର୍ଗତ ୪୨ ମୌଜା ବଉଳକୁଦ ଗ୍ରାମର ପତିସାହି ରୋଡ଼ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ଯୋଗୁ ନାଳନର୍ଦ୍ଦମା ପାଣି ମୁଖ୍ୟରାସ୍ତା ଉପରେ ଚାଲୁଛି । ଏହି ରାସ୍ତାଟି ୭/୮ ବର୍ଷ ତଳେ ନିର୍ମିତ ହୋଇଥିଲେ ହେଁ ନିମ୍ନମାନର କାମ ଯୋଗୁ ରାସ୍ତାଟି ଭାଙ୍ଗିରୁଜି ଯାଇ ବର୍ତ୍ତମାନ ମରଣଯନ୍ତା ପାଲଟିଛି । ଏକ ଶହରୁ ଊର୍ଦ୍ଧ୍ୱ ପରିବାର ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ସାମାନ୍ୟ ବର୍ଷା ହେଲେ ଲୋକମାନେ ଯିବା ଆସିବା ପାଇଁ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ସହିତ ଅପରିଷ୍କାର ପରିବେଶ ଯୋଗୁ ମଶା ମାଛିଙ୍କର ପାର୍ଦୁଭାବ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ମେଲେରିଆ, ଡେଙ୍ଗୁ ଓ ଚର୍ମରୋଗ ଆଦି ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି । ଉକ୍ତ ରାସ୍ତାକୁ ତୁରନ୍ତ ପୁନଃ ନିର୍ମାଣ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳ ଓ ସଦର ବିଡିଓଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି ।

କଟକ ବନଖଣ୍ଡ କାର୍ଯ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ

କଟକ ସଦର, (ପିପିଏସ୍): ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ସମଗ୍ର ବିଶ୍ୱରେ ବିଶ୍ୱ ବନ ଦିବସ ଭାବେ ପାଳନ କରାଯାଉଅଛି । ଏହି ଅବସରରେ କଟକ ଖପୁରିଆସ୍ଥିତ ନୂଆପଡାଠାରେ ଥିବା କଟକ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ବନଖଣ୍ଡ ଅଧିକାରୀ ଡଃ ସଞ୍ଜୟ କୁମାର ସାଇଁଙ୍କ ପୌରହିତ୍ୟରେ ବିଶ୍ୱ ବନଦିବସ ପାଳିତ ହୋଇଯାଇଛି । ବନ ବା ଜଙ୍ଗଲ ବିନା ମଣିଷ ସମାଜ ତିଷ୍ଠିବା ସମ୍ଭବପର ନୁହେଁ । ସେଥିପାଇଁ ଜଙ୍ଗଲକୁ ସୁରକ୍ଷା ଦେବା ସହ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ପାଇଁ ଏହି ଦିବସରରେ ଜନସାଧାରଣଙ୍କୁ ସଚେତନତା କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ଡଃ ପ୍ରକାଶ ଚନ୍ଦ୍ର ଜେନା, ବିଶ୍ୱନାହକଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସଚିଦାନନ୍ଦ ପ୍ରଧାନ, ବନାଟଂଳ ଅଧିକାରୀ ଅଭିରାମ ଜେନା, ସୁବାଷ ଚନ୍ଦ୍ର ରାଉତ, ବନ ସଂରକ୍ଷଣ ସମିତି, ଏସଏଚଜିର ସଭ୍ୟଙ୍କ ସମେତ ସରପଂଚ ଓ ବହୁ ବୁଦ୍ଧିଜିବୀମାନେ ଉପସ୍ଥିତ ଥିଲେ ।

୪ମାସ ଭିତରେ ଶରଣାର୍ଥୀଙ୍କ ଜମି ସମସ୍ୟା ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା: ଦୀର୍ଘ ବର୍ଷ ଧରି ଜିଲ୍ଲାରେ ରହି ଆସୁଥିବା ଶରଣାର୍ଥୀମାନଙ୍କୁ ଜମିପଟ୍ଟା ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଶରଣାର୍ଥୀମାନଙ୍କ ୪ମାସ ଭିତରେ ଜମି ସମସ୍ୟା ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲ ଅଂଚଳରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ଧରି ରାମନଗର ଓ ଖରନାସୀ ପ୍ରଭୃତି ଅଂଚଳରେ ଶରଣାର୍ଥୀ ଭାବେ ରହୁଥିବା ଲୋକଙ୍କ ଜମି ସମସ୍ୟାର ସମାଧାନ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍କିଟ୍ ହାଉସ ଠାରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ୍ ରତୁରାଜ, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା(ରାଜସ), ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ମହାକାଳପଡ଼ା ତହସିଲଦାର, ଖରାସୀ ସରପଂଚ, ରାମନଗର ସରପଂଚ, ଜିଲ୍ଲା ପରିଷଦ ସଭ୍ୟ, ସମୀର ମିସ୍ତ୍ରୀ, ବିଜୟ ଶୁକ୍ଳା, ତୁଷାରକାନ୍ତି ସର୍ଦ୍ଦାର, ଅର୍ଜୁନ ମଣ୍ଡଳ ସମେତ ବହୁ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ଆସନ୍ତା ୪ମାସ ଭିତରେ ଏହି ସମସ୍ୟାର ସମାଧାନ କରିବା ପାଇଁ ଉକ୍ତ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି ।

ଶ୍ରୀମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନମେଳା, ହସ୍ତଶିଳ୍ପ ଓ ମୀନାବଜାର

କଟକ, (ପିପିଏସ୍) : ଶ୍ରୀମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜ୍ଞାନମେଳା, ହସ୍ତଶିଳ୍ପ ଏବଂ ମୀନାବଜାର ଭଗତପୁରସ୍ଥିତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଜ୍ଞାନମେଳାକୁ ଅଧ୍ୟାପିକା ସନ୍ନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ମହୋଦୟା ଉଦ୍‌ଘାଟନ କରିଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ମ୍ୟାନେଜର ତଥା ସମାଜସେବୀ ଡଃ ଦୀପକ କୁମାର ଗୁପ୍ତ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଦନ୍ତରୋଗ ବିଶେଷଜ୍ଞ ଡା. ରବି ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବରେ କଟକ ମହାନଗର ନିଗମର ୨୭ ନମ୍ବର ୱାର୍ଡ଼ର କର୍ପୋରେଟର ଇତିଶ୍ରୀ ଦାସ ଏବଂ ୨୮ ନମ୍ବର ୱାର୍ଡ଼ର କର୍ପୋରେଟର ବନଲତା ପ୍ରଧାନ, ମକାମ ମହାବିଦ୍ୟାଳୟର ଅଧ୍ୟାପିକା କିଶୋର ଚନ୍ଦ୍ର ଦାସ ଓ ଅଧ୍ୟାପକ ଡଃ କ୍ଷୀରୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କର ବୈଜ୍ଞାନିକ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିବା ସହିତ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ହେଲେ ଅଗାମୀ ଭବିଷ୍ୟତରେ ଭାରତ ଏକ ବିଶ୍ୱ ଶକ୍ତିରେ ପରିଣତ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ 'ସତ୍ୟର ସନ୍ଧାନ'ର ମୁଖ୍ୟ ସଂପାଦକ ମିର୍ଜା ରିଜୱାନ୍ ବେଗ୍ ଯୋଗଦାନ କରିଥିଲେ । ବିଚାରକ ଭାବରେ ମାନସ ରଞ୍ଜନ କର, ସୁରେଶ ଚନ୍ଦ୍ର ପଣ୍ଡା, ରାଜବଲ୍ଲଭ ପରିଡ଼ା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ପରିଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଜାତା ପଣ୍ଡା ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ଅତିଥିମାନଙ୍କର ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କୃତ କରାଯାଇଥିଲା ।

ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ନିମନ୍ତେ ଆଲୋଚନାଚକ୍ର

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବଡ଼ପଳାଶପାଳ ପଂଚାୟତ ନୋଲ ଗ୍ରାମ ମଣ୍ଡପରେ ଘରେ "ଆସ ଶୁଣିବା ଗାନ୍ଧୀ କଥା" ଅନୁଷ୍ଠିତ ହୋଇଛି । ମହୁଲ ଗୋଟାଇବା, ଜଙ୍ଗଲରେ ଶିକାର କରିବା ଓ ପୁଡୁ ଚାଷ କରିବା ପାଇଁ ସ୍ଥାନେ ସ୍ଥାନେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି ବୋଲି ଉପସ୍ଥିତ ଜୁଆଙ୍ଗ ମହିଳା ପୁରୁଷ ବନବାସୀମାନେ ବୈଠକରେ ଆଲୋଚନା କରିଥିଲେ । ଏ ପର୍ଯ୍ୟନ୍ତ ଜଙ୍ଗଲରେ ବର୍ଷା ହେଉ ନଥିବାରୁ ଲାଗିଥିବା ନିଆଁ ଲିଭି ପାରୁନାହିଁ । ଜଙ୍ଗଲ ବିଭାଗ ସବୁଜ ବାହିନୀ ଗଠନ କରିଛନ୍ତି । ହେଲେ ସୁଜ୍ଞ ସଂଖ୍ୟକ ସବୁଜ ବାହିନୀ ଥିବାରୁ ଜଙ୍ଗଲରେ ନିଆଁ ଲିଭାଇବା ସମ୍ଭବ ହେଉ ନାହିଁ । ଏହି ଅବସରରେ ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି ଅତିଥି ଭାବେ ଯୋଗଦେଇ କହିଥିଲେ ଆମେ ସମସ୍ତେ ମଣିଷ, ଦୟା, ଧର୍ମ, କ୍ଷମା, ଅହିଂସା ଆମର କର୍ତବ୍ୟ । ଜୈବ ବିବିଧତା ସୁରକ୍ଷା କରିବା ଆମର ବଡ଼ ଦାୟିତ୍ୱ । ନିଆଁରେ ଜଙ୍ଗଲ ଧ୍ୱଂସ ପାଇବା ସହିତ ବହୁ ପଶୁ ପକ୍ଷୀ ବାସହରା ହେଉଛନ୍ତି । ପରିଶେଷରେ ନିଷ୍କତି କ୍ରମେ ଆସନ୍ତା ଜୁନ ମାସ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରତ୍ୟେକ ପରିବାର ପକ୍ଷରୁ ୫ ଟି ପଣସ ମଞ୍ଜି ଓ ଆମ୍ବ ଟାକୁଆ ୫ ଟା ଲଗେଇବେ । ଏଥି ସହିତ ଜଙ୍ଗଲକୁ ନିଆଁ ଦାଉରୁ ଗୋଷ୍ଠି ସ୍ତରରେ ସୁରକ୍ଷା ଦେବେ । ଏହି କାର୍ଯ୍ୟକ୍ରମକୁ ନନ୍ଦିନୀ ଜୁଆଙ୍ଗ ପରିଚାଳନା କରିଥିଲେ ।

ବ୍ଲକସ୍ତରୀୟ ଅଙ୍ଗନୱାଡ଼ି କର୍ମୀ କର୍ମଶାଳା

ହରିଚନ୍ଦନପୁର: କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆସ୍ଥାୟାର ପକ୍ଷରୁ ହରିଚନ୍ଦନପୁର ବ୍ଲକ କାଦୁଅଡିହା ଆଇଟିସି କେନ୍ଦ୍ରରେ ବ୍ଲକ ସ୍ତରୀୟ ଅଙ୍ଗନୱାଡ଼ି କର୍ମଶାଳା ଅନୁଷ୍ଠିତ ହୋଇଛି । ବୈଠକରେ ଆସ୍ଥାୟାର ବ୍ଲକ ସଂଯୋଜକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବ୍ଲକ ସ୍ତରୀୟ ଅଙ୍ଗନୱାଡ଼ି କର୍ମୀ ସମ୍ମିଳନୀରେ ରାଜ୍ୟ ସଂଯୋଜକ ରବି କୁମାର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବାବଦରେ ସୂଚନା ଦେବା ସହିତ ପୃଷ୍ଟିକର ଖାଦ୍ୟ, ଶିଶୁ ସୁରକ୍ଷା, କିଶୋରୀ ବାଳିକା ପ୍ରସଙ୍ଗରେ ଅଙ୍ଗନୱାଡ଼ି କର୍ମୀମାନଙ୍କ ସହ ଆଲୋଚନା କରିଥିଲେ । ଏଥି ସହିତ ପଂଚାୟତ ସ୍ତରୀୟ କିଶୋରୀ ବାଳିକା ଅଧିକାର ସୁରକ୍ଷା ସମିତି, ଶିକ୍ଷଣ ସାମଗ୍ରୀ ବ୍ୟବହାର କରାଯାଇ ଉନ୍ନତ ପ୍ରାକଶିକ୍ଷା ବାବଦରେ ପ୍ରଦର୍ଶନ କରାଯାଇଥିଲା । ଅଙ୍ଗନୱାଡ଼ି ବିକାଶ, ବାଲ୍ୟ ବିବାହ, ଶିଶୁ ଶ୍ରମିକ ମୁକ୍ତ ନିମନ୍ତେ ଅଙ୍ଗନୱାଡ଼ି ସ୍ତରରେ ସକ୍ରିୟ ହୋଇ ପଂଚାୟତ ସହିତ ମିଳିତ କ୍ରମେ କିପରି କାର୍ଯ୍ୟ କରିବେ ସେ ବାବଦରେ ଆଲୋଚନା ହୋଇଥିଲା । ପରେ ଅଙ୍ଗନୱାଡ଼ିର ସମସ୍ତ ବିକାଶ ନିମନ୍ତେ ଆବଶ୍ୟକ ଥିବା ପ୍ରସଙ୍ଗକୁ ନେଇ ଗ୍ରୁପ ମାଧ୍ୟମରେ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥାପନ କରିଥିଲେ ।

ଏଥି ସହ ଏକ ମେଡେଲ ଅଙ୍ଗନୱାଡ଼ି କେନ୍ଦ୍ରର ଭିଡ଼ିଓ ପ୍ରୋଜେକ୍ଟରେ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଅଙ୍ଗନୱାଡ଼ି କର୍ମୀମାନେ ନିଜ ନିଜ କେନ୍ଦ୍ରରେ ଶିଖାଉଥିବ ଗୀତ ଗାଇ ନୃତ୍ୟ ପରିବେଷଣ କରିଥିଲେ । ପରିଶେଷରେ ହରିଚନ୍ଦନପୁର ବ୍ଲକର ପ୍ରତି ପଂଚାୟତରୁ ଜଣକୁ ନେଇ ୨୫ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ମନୋନୀତ କରାଯାଇଥିଲା । ଏହା ସହ ବ୍ଲକ ସ୍ତରୀୟ ଅଙ୍ଗନୱାଡ଼ି ଫେଡେରେଶନ ଗଠନ କରାଯାଇଥିଲା । ବ୍ଲକ ଅଙ୍ଗନୱାଡ଼ି ସଂଯୋଜକ ଗଦାଧର ମହାନ୍ତ ଆଗାମୀ ଦିନରେ ଅଙ୍ଗନୱାଡ଼ି ସ୍ତରରେ ଶିଶୁମାନଙ୍କର ଉପସ୍ଥିତିକୁ ବୃଦ୍ଧି କରିବା ସହିତ ଅଙ୍ଗନୱାଡ଼ି ବିକାଶ ପ୍ରସଙ୍ଗରେ ଗୁରୁତ୍ୱ ଦିଆଯିବାକୁ ସୂଚନା ପ୍ରଦାନ କରିଥିଲେ । ଉକ୍ତ କର୍ମଶାଳାରେ ବ୍ଲକର ପ୍ରତି ପଂଚାୟତରୁ ୪ ଜଣ ଲେଖାଏଁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଆସ୍ଥାୟାରର ମହେଶ୍ୱେତା ଦାସ, ଚମ୍ପୁଆ ବ୍ଲକ ସଂଯୋଜକ ପ୍ରମୋଦ କୁମାର ସାହୁ, ଶିକ୍ଷା ସଂଯୋଜକ ମଧୁସୂଦନ ମୁଣ୍ଡା, ସୁବ୍ରତ ସେଠୀ, ପ୍ରସନ୍ନ ବେହେରା, ବିନୋଦ କୁମାର ସାହୁ, ସିମେଲ ଗାଗରାଇ, ବାସନ୍ତୀ ମହାନ୍ତ, ଚିନ୍ମୟ ବେଜ, ବିଜୟ ମହାନ୍ତଙ୍କ ସମେତ ବ୍ଲକର ଏଲଏଫ ,ଏଲଇପି ଶିକ୍ଷକ ଓ ପଂଚାୟତ ସଂଯୋଜକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

କୁଜଙ୍ଗରେ ଉଠାବ୍ୟବସାୟୀ ଥଇଥାନ ଯୋଜନା ପ୍ରହସନ !

କୁଜଙ୍ଗ (ପିପିଏସ୍): କୁଜଙ୍ଗ ବଜାରରେ ଦୀର୍ଘ ବର୍ଷଧରି ଅସ୍ଥାୟୀଭାବେ ସରକାରୀ ଯାଗାରେ ବ୍ୟବସାୟ କରିଆସୁଥିବା ବ୍ୟବସାୟୀ ଓ ରାସ୍ତା କଡ ଉଠା ଦୋକାନୀମାନଙ୍କୁ ରାଜନେତା ଓ ପ୍ରଶାସନ ଥଇଥାନ କରିବା ଏକ ପ୍ରକାର ପ୍ରହସନ ପାଲଟିଛି । ଦୀର୍ଘ ବର୍ଷଧରି ବ୍ୟବସାୟୀ ସଂଘ ସ୍ଥାୟୀ ଥଇଥାନ ନିମନ୍ତେ ରାଜନେତା ଓ ପ୍ରାଶସକଙ୍କୁ ଅଭିଯୋଗ କରିଆସିଥିଲେ ମଧ୍ୟ କେବଳ ମିଥ୍ୟ ପ୍ରତିଶ୍ରୁତି ପୁଳା ପୁଳା ମିଳିଛି । ନିକଟରେ ତହସଲି ପକ୍ଷରୁ କଟକ ପାରାଦ୍ୱୀପ ରାସ୍ତାର ଅଣ୍ଡାଛକଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ହାଇସ୍କୁଲ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱକୁ ଉଚ୍ଛେଦ କରିବାକୁ ତୁରନ୍ତ ପଦକ୍ଷପ ନେବା ନିମନ୍ତେ ନୋଟିସ୍ ଜାରି କରିଛି । କାରଣ ରାସ୍ତା କଡରେ ବସି ଉଠାବ୍ୟବସାୟୀମାନେ ପସରା ମେଲିବା ଫଳରେ କୁଜଙ୍ଗରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଉଛି । ଲୋକମାନେ ବ୍ୟବସାୟୀଙ୍କଠାରୁ ସଉଦା କିଣିବାକୁ ଆସି ରାସ୍ତା ଉପରେ ଗାଡି ରଖିବା ଫଳରେ ଯାତାୟତ ଓ ଯାନବାହନ ଚଳା ଚଳରେ ବ୍ୟାଘତ ସୃଷ୍ଟି ହେଉଛି । ଏଥିପାଇଁ ମଧ୍ୟ ଛୋଟବଡ ଦୁର୍ଘଟଣା ମଧ୍ୟ ହେଉଛି । ଏତେସବୁ ଘଟଣା ଘଟୁଥିଲେ ବି ଏହି ବେଆଇନ ଜବର ଦଖଲକାରୀ ବ୍ୟବସାୟୀ ମାନଙ୍କୁ କ'ଣ ପାଇଁ ଉଚ୍ଛେଦ କରାନଯାଇ ଥଇଥାନ କରାଯାଉନାହିଁ ତାହା ସାଧାରଣରେ ଚର୍ଚ୍ଚାରେ ବିଷୟ ପାଲଟିଛି । ଏଠାରେ ସୂଚନା ଯୋଗ୍ୟକି ରାଜନେତା ଓ ପ୍ରଶାସନ କୁଜଙ୍ଗକୁ ଏକ ସରସ ସୁନ୍ଦର ଓ ଆଦର୍ଶ ସହରଭାବେ ଗଢି ତୋଳିବାକୁ ଯେଉଁ ମିଛ ପ୍ରତିଶ୍ରୁତି ଓ ପ୍ରତାରଣା ଦେଇ ଚାଲିଛନ୍ତି ସେଥିପାଇଁ ଆଗାମୀ ଦିନରେ କୁଜଙ୍ଗବାସି ଦୃଢ ଜବାବଦେବେ ବୋଲି ଅସନ୍ତୋଷ କୁହୁଳିବାରେ ଲାଗିଲାଣି ।

ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ପ୍ରଶାସନ ଉଦ୍ୟମରେ ଗରୁଡ଼ବନ୍ଦି ଗ୍ରାମରେ ଶାନ୍ତି ଫେରିଲା

ଭୁବନ, (ହି.ସ.) : ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଂଚାୟତ ଗରୁଡବନ୍ଦି ଗ୍ରାମରେ ବିଭିନ୍ନ କାରଣରୁ ସବର୍ଣ୍ଣ- ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ପୋଲିସ ଓ ରାଜସ ପ୍ରଶାସନ ନିକଟରେ ଏହି ଖବର ପହଁଚିବା ପରେ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ପ୍ରୟାସ ହୋଇଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶରେ କାମାକ୍

ବନବିଭାଗ ତରଫରୁ ଜଙ୍ଗଲ ପୋଡି ଉପରେ ସଚେତନା କାର୍ଯ୍ୟକ୍ରମ

ପାଟଣାଗଡ, (ପିପିଏସ୍): ବଲାଙ୍ଗିର ଜିଲ୍ଲା ପାଟଣାଗଡ ରେ ତରଫରୁ କୁସମକାନି ନର୍ସରୀରେ ଏକ ଜଙ୍ଗଲ ପୋଡି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାଟଣାଗଡ ରେ ଅଧିକାରୀ ଆନନ୍ଦ ଚନ୍ଦ୍ର ବିଶିଙ୍କ ସଭାପତିତ୍ୱରେ ପାଟଣାଗଡ ଫାୟାର ଅଧିକାରୀ ନିରନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡେପୁଟି ରେର ସୁରଥୀ ବେହେରା ସହ ଫରେଷ୍ଟର ପାଟଣାଗଡ,ଟିକ୍ରାପଡା, ବନ୍ଧପଡା, ପାଢେଲ, ବନ ବିଭାଗ କର୍ମଚାରୀ, ପାରା ଷ୍ଟାଫ, ଫାୟାର ସ୍ୱାଡ ସହ ମିଶନ ଶକ୍ତିର ମହିଳା ମାନେ ଅଂଶ ଗ୍ରହଣ କରି ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ଥିଲେ । ପରେ ଦମକଳ ବାହିନୀ ର କର୍ମଚାରୀ ମାନେ ଜଙ୍ଗଲରେ ନିଆଁ ଲାଗିଲା ପରେ କେମିତି ଭାବେ ନିଆଁକୁ ଲିଭାଇବେ ସେ ଉପରେ ଉପସ୍ଥିତ ମହିଳା ଓ ବନକର୍ମଚାରୀଙ୍କୁ ଡେମୋ ଦେଖାଇଥିଲେ । ପରେ ଜନସାଧାରଣଙ୍କୁ ସଚେତନ କରିବା ପାଇ ମହିଳା ଓ ବନ କର୍ମଚାରୀମାନେ ହାତରେ ପ୍ଲା କାର୍ଡ ଧରି ଶୋଭାଯାତ୍ରା କରିଥିଲେ ।

ଜିଲ୍ଲା ବ୍ରାହ୍ମଣ ମହାସଭାରେ ମାସିକ କାର୍ଯ୍ୟକାରିଣୀ ସଭା

ବଲାଙ୍ଗିର, (ପିପିଏସ୍): ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ସର୍ବ ପ୍ରଥମେ ଓଁକାର ଧ୍ୱନୀ ସହ ଶ୍ରୀମଦ୍ ଭଗବତ ଗୀତା ପାଠ ପରେ ସଂପାଦକ ଜୟରାମ ମିଶ୍ର ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । ଆସନ୍ତା ମାର୍ଚ୍ଚ ୨୨.୦୩.୨୦୨୩ ରେ ହେବାକୁ ଥିବା ହିନ୍ଦୁ ନବବର୍ଷ ପାଳନ ପାଇଁ ସମସ୍ତ ସଭ୍ୟଙ୍କୁ ରାମ ମନ୍ଦିର ଠାରେ ସହଯୋଗ କରିବା ପାଇଁ ଅନୁରୋଧ କରାଗଲା । ଆଗାମୀ ବୈଶାଖ ମାସରେ ୭ ଜଣ ବ୍ରାହ୍ମଣ ବାଳକଙ୍କୁ ନିଃଶୁଳ୍କ ବ୍ରତୋପନୟନ କରିବା ପାଇଁ ସ୍ଥିର କରାଗଲା । କାର୍ଯକର୍ତ୍ତାମାନେ ନୃସିଂହ ମନ୍ଦିର ମହନ୍ତ ବ୍ରଜ ମୋହନ ଶରଣଦେବଙ୍କ ସହିତ ଆଲୋଚନା କରି ଦିନ ଧାର୍ଯ୍ୟ କରିବା ପାଇଁ ସ୍ଥିର ହେଲା । ଶେଷରେ ଉପ-ସଭାପତି ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଦେବା ପରେ ସଭା କାର୍ଯ୍ୟ ସାଙ୍ଗ କରାଗଲା । ଆଲୋଚନାରେ ଉପଦେଷ୍ଟ ନୀଳମଣି ମିଶ୍ର, ପଣ୍ଡିତ ଗିରିଧାରୀ ଶତପଥି, ମଦନ ମୋହନ ରଥ, ରନ୍‌ମୟ ତ୍ରିପାଠି, ଶୁଭେନ୍ଦ୍ର ନେପାକ, ପର୍ଶୁରାମ ନାୟକ, ଲକ୍ଷ୍ମୀ ପ୍ରସାଦ ଛନ୍ଦ, ବାଳକୃଷ୍ଣ ଷଡଙ୍ଗି, ରଘୁନାଥ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ବନ ବିଭଗ ତରଫରୁ ବିଶ୍ୱ ବନ୍ୟ ଦିବସ ପାଳିତ

ଖପ୍ରାଖୋଲ, (ପିପିଏସ) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ତରଫରୁ ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟ ଠାରେ ବିଶ୍ୱ ବନ୍ୟ ଦିବସ ପାଳିତ ହୋଇଯାଇଛି । ଆମଜଙ୍ଗଲ ଯୋଜନା ଡିଓ ତହସିଲ ବାଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରି ଧାରୀ ନାଗ, ସମ୍ମାନିତ ଅତିଥି ଭାବେ ପରିବେଶ ବିତ ଅଭୟ ତ୍ରିପାଠୀ, ପୁର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପ୍ର ବିଶି, ଟିକେଶ୍ୱର୍ ଧରୁଆ, ତୁଳସୀ ରାମ ଛତ୍ରିଆ ଯୋଗ ଦେଇଥିଲେ । ଜଙ୍ଗଲ ଓ ଜଙ୍ଗଲ ଜନ୍ତୁ ଙ୍କୁ ସୁରକ୍ଷା ଦେବା ସହ ଜଙ୍ଗଲରେ ରହିଥିବା ଔଷଧୀୟ ଗୁଳ୍ମ ଲତା, ବୃକ୍ଷ ର ସୁରକ୍ଷା ଉପରେ ଅତିଥି ମାନେ କହିଥିଲେ । ଜଙ୍ଗଲ କୁ ମଣିଷ ସମାଜ ସୁରକ୍ଷା ଦେଲେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ର ସୁରକ୍ଷା ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହରିଶଙ୍କର ବନପାଳ ସନ୍ଧ୍ୟା ରାଣୀ ସେଠ , ମହେନ୍ଦ୍ର କାଲାସାଏ , ରାଜେନ୍ଦ୍ର ଧରୁଆ , ସଞ୍ଜୀବ ପ୍ରଧାନ, ପିତାମ୍ବର ମାଝୀ, ମିଥୁନ ମିର୍ଦ୍ଧା ସମେତ ବନ ସୁରକ୍ଷା ସମିତି ର କର୍ମକର୍ତା ଯୋଗଦେଇ ଥିଲେ । ଶେଷରେ ବନପାଳ ସୁଧିର କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଛାତ୍ରୀଙ୍କ ପାଇଁ ୩୦୦ ଟେବୁଲ ଚେୟାର ପ୍ରଦାନ କଲେ ବ୍ରହ୍ମପୁର ସାଂସଦ

ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ଶତ ବାର୍ଷିକୀ ଉତ୍ସବ ପାଳନ ଅବସରରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଲାଗି ୩୦୦ ଟେବୁଲ ଚେୟାର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ. ସାଂସଦ ୨୨ ଦିନ ମଧ୍ୟରେ ନିଜର ପ୍ରତିଶ୍ରୁତି ପୂରଣ କରିଥିବାର ଜଣା ପଡିଛି. ସାଂସଦଙ୍କ ତରଫରୁ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଟେବୁଲ ଚେୟାର ହସ୍ତାନ୍ତର କରିଥିବାର ଦେଖିବାକୁ ମିଳିଛି. ଏହି ବିଦ୍ୟାଳୟ ୫ ତି ଅନ୍ତର୍ଭୁକ୍ତ କରାଯାଇ ଉନ୍ନୟନ କରାଯାଇଛି. ସାଂସଦ ଚନ୍ଦ୍ରଶେଖର ସାହୁ ନିଜସ୍ୱ ଉଦ୍ୟମରେ ଛାତ୍ରୀମାନଙ୍କ ଲାଗି ୩୦୦ ଟେବୁଲ ଚେୟାର ପ୍ରଦାନ

କରିଛନ୍ତି. ଏହା ଦ୍ୱାରା ବିଦ୍ୟାଳୟର ଆହୁରି ଉନ୍ନତି ଘଟିବାରେ ସହାୟକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି. ଏହି ଟେବୁଲ ଚେୟାର ପହଞ୍ଚି ଥିବା ବେଳେ ଜିଲ୍ଲା ବିଜେଡି ଯୁବ ସଭାପତି ଏସ. ଲିଙ୍ଗରାଜ ପଣ୍ଡା, ପାରଳା ନଗର ବିଜେଡି ସଭାପତି ସୁଧୀରଞ୍ଜନ ମହାପାତ୍ର, ଯୁବ ନେତା ସୁଜିତ କୁମାର ଦାସ, ଛାତ୍ର ବିଜେଡି ସଭାପତି ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ. ସାଂସଦଙ୍କ ଏପରି ମହତ୍ୱ କାର୍ଯ୍ୟ ତଥା ସ୍ୱଳ୍ପ ଦିନରେ ନିଜର ପ୍ରତିଶ୍ରୁତି ରକ୍ଷା କରିଥିବାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି. ପ୍ରକାଶଯେ ସାଂସଦ ପାରଳାଖେମୁଣ୍ଡି ସହାରକୁ ସର୍ବଦା ଗସ୍ତ କରିଥାନ୍ତି. ଏହି ଗସ୍ତ ସମୟରେ ସେ ଅତ୍ୟାବଶକୀୟ ବା ଜରୁରୀ ବୋଲି ହୃଦବୋଧ କରୁଥିବା ସାମଗ୍ରୀ ହେଉ କି ଉନ୍ନତି ହେଉ ନିଜସ୍ୱ ଉଦ୍ୟମରେ ହେଉ ଉନ୍ନତିକରଣ ପାଇଁ ନିଶ୍ଚିତ ଭାବେ ପ୍ରଦାନ କରିଥିବାର ବହୁ ନଜିର ରହିଛି ।

ଦୁର୍ଦ୍ଦଶାରେ ଜୀବନ

ସରକାରୀ ସହାୟତା ଓ ଭତା ଯୋଗାଇଦେବାରେ ପାନପତରୀ ଓ ରାଏମତିଙ୍କୁ ଅଣଦେଖା

ଭବାନୀପାଟଣା, (ହି.ସ.): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଡ଼ଙ୍ଗାପଖନ ଗ୍ରାମର ବୃଦ୍ଧା ପାନପତରି ଯାଦବ ଓ ରାଏମତୀ ଛତ୍ର ସରକାରୀ ଭତା ନ ପାଇ ଦୁର୍ଦଶାରେ ଜୀବନ ବିତାଉଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଭବାନୀପାଟଣା ବ୍ଲକ ସ୍ଥିତ ଗରୁଜୁଙ୍ଗ ପଂଚାୟତ ଅଧୀନରେ ଥିବା ଡଙ୍ଗାପାଖନ ଗ୍ରାମରେ । ଗ୍ରାମର ପାନପତ୍ର ଯାଦବ ଜଣେ ବୃଦ୍ଧା ଓ ବିଧବା ମହିଳା ଅଟନ୍ତି । ଯାହାର ଏକ ମାତ୍ର ପୁଅ ଦାଦନ ଶ୍ରମିକ ବିଦେଶରେ ରହିଛନ୍ତି, ହେଲେ ପୁଅ ପରିବାର ପ୍ରତିପୋଷଣ ପାଇଁ ବାହାରେ ଦାଦନ ଶ୍ରମିକ ଭାବେ ଦୀର୍ଘ ଦିନ ଧରି ରହିଛନ୍ତି, ଉକ୍ତ ବୃଦ୍ଧା ମଧ୍ୟ ରହୁଥିଲେ । କିନ୍ତୁ କୌଣସି କାରଣବସତଃ ବୃଦ୍ଧା ନିଜ ଭିଟାମାଟିକୁ ପଳାଇ ଆସିଲେ । ଏପର୍ଯ୍ୟନ୍ତ ତାଙ୍କର ଭତା ମିଳିନାହିଁ । ସ୍ଥାନୀୟ ଲୋକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ, ଗାଁରେ ତାର କିଏ ସାହାରା ନାହିଁ ତେଣୁ ପ୍ରଶାସନ ତୁରନ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସରକାରୀ ସହାୟତା, ଭତା ଯୋଗାଇ ଦେଉ । ସେହିଭଳି ଆଉ ଜଣେ ବୃଦ୍ଧା ବିଧବା ମହିଳା ହେଉଛି ରାଏମତୀ ଛତର, ତାଙ୍କର ବୟସ ପ୍ରାୟ ୭୫ ହେବ, ସେହି ବୃଦ୍ଧାଙ୍କୁ ମଧ୍ୟ ଏଯାଏଁ ଭତା ମିଳି ନାହିଁ । ସେ ବି ତିନି ବର୍ଷ ପୂର୍ବରୁ ବାହାରେ ତାଙ୍କର ଝିଅ ଘରେ ଥିଲେ, ଏବେ ଡ଼ଙ୍ଗାପଖନ ଗ୍ରାମରେ ସେ ବି ଗାଁକୁ ଆସି ଦୁଇ ବର୍ଷ ହେବ ରହୁଛନ୍ତି । ତାଙ୍କର ଭତା ମଧ୍ୟ ପ୍ରୋସେସରେ ରହିଛି ବୋଲି ସରପଂଚଙ୍କ ପୁଅ କ୍ଷୀରୋଦ କୁମାର ସାହୁ ଫୋନ ଯୋଗେ ପ୍ରକାଶ କରିଥିଲେ, ତେଣୁ ତୁରନ୍ତ ପାନ ପତ୍ରି ଯାଦବ ଓ ରାଏ ମତିଙ୍କୁ ଭତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଗୌତମ ଛତ୍ର, ହରି ଛତ୍ର, ଗଣପତି ବାଗ ଓ ଗୌରୀ ବାଗ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ପିଇଓ ଅଭିମନ୍ୟୁ ନାୟକଙ୍କୁ ବି ଫୋନ ଯୋଗେ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ବ୍ଲକରେ ଅଛି ଆସନ୍ତାକାଲି ତଦନ୍ତ କରି ତାଙ୍କର ଦୁଇ ଜଣଙ୍କ ଭତାର ସୁବ୍ୟବସ୍ଥା କରିବି । ତେବେ ଦେଖିବାର କଥା ଯେ ସରକାରୀ ସହାୟତା ଯୋଜନା କେବେ ପହଂଚିବ ଓ ଦୁଇ ବୃଦ୍ଧ ମହିଳାଙ୍କ ଦୁର୍ଦଶା ଦୂର ହେବ ।

ବିଶ୍ୱ ବନ ଦିବସ ପାଳିତ

ବଲାଙ୍ଗୀର, (ପିପିଏସ): ଟିଟିଲାଗଡ଼ ମୁଖ୍ୟ ରାସ୍ତା ସ୍ଥିତ ମେଗା ନର୍ସରୀ ଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ଏସପି ନୀତିନ କୁଶଳ କର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ର ପ୍ରଥମାର୍ଦ୍ଧେ ତିନୋଟି ପଞ୍ଚାୟତ ର ଲୋକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ ପରେ ବନବିଭାଗ ତରଫରୁ ବିଶିଷ୍ଟ ପାରମ୍ପରିକ ଜ୍ଞାନ ସନ୍ଧାନ ଏବଂ ପ୍ରଲେଖନ ହେତୁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡି ଏଫ୍ ଓ ନୀତିଶ କୁମାର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ରେ ଆୟୁର୍ବେଦ ଓ ପାରମ୍ପରିକ ଚିକିତ୍ସା ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା । ଉପସ୍ଥିତ ଅତିଥି ମାନେ ଏ ସମ୍ପର୍କରେ ମତ ରଖିଥିଲେ । ସେହିଭଳି ବିଭିନ୍ନ ସ୍ଥାନ ରୁ ଆସିଥିବା ଜନସାଧାରଣ ଆୟୁର୍ବେଦ ଚିକିତ୍ସା ଦ୍ୱାରା ନିରୋଗ ହୋଇଥିବାର ତାଙ୍କର ଅଭିଜ୍ଞତା ବଖାନିଥିଲେ । ସେହିଭଳି ବୈଦ୍ୟ ମାନେ ମଧ୍ୟ ଆୟୁର୍ବେଦ ସମ୍ପର୍କରେ ନିଜସ୍ୱ ବଖାଣି ଥିଲେ । ଏହି ଅବସରରେ ଭଲ କାମ କରିଥିବା ବ୍ୟକ୍ତି ମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବନବିଭାଗ ବିଭିନ୍ନ ଅଧିକାରୀ ତଥା ଜନସାଧାରଣ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ

ପାରଳାଖେମୁଣ୍ଡି, ୨୨/୩(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ବିଜୁ କଲ୍ୟାଣ ମଣ୍ଡପ ପାରଳାଖେମୁଣ୍ଡି ଠାରେ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜି. ତ୍ରିପତି ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଶ୍ରୀଯୁକ୍ତ ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଗଜପତି,ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ରୋମାଞ୍ଚଳ ଖମାରୀ, ଶ୍ରୀମତୀ ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ଡିପିଏମଓ ସୌମ୍ୟା ରାଣୀ ଗୌଡ଼, ଡାକ୍ତର ଆନନ୍ଦ ସାମନ୍ତରାୟ, ଏଡିପିଏସଓ ଏବଂ ଅତିରିକ୍ତ ଜିଲ୍ଲା

ଚିକିତ୍ସାଧିକାରୀ ଡା.ରମେଶ ଚନ୍ଦ୍ର ମିଶ୍ର ଯୋଗଦେଇଥଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ ଯେ କୋଭିଡ ସମୟରେ ଆଶା ମାନଙ୍କ ଅବଦାନ ଅତୁଳନୀୟ । ଘରକୁ ଘର ବୁଲି କୋଭିଡ୍ କେଶ୍ ଚିହ୍ନଟ କରି ସ୍ୱାସ୍ଥ୍ୟ ସେବା ଜନସାଧରଙ୍କୁ ଯୋଗାଇଥିଲେ । ଆଶା ବିନା ଆମ୍ଭେମାନେ କେବେହେଲେ କୋଭିଡ୍ ଉପରେ ବିଜୟ ଲାଭ କରିପାରିନତାନ୍ତେ । ଏହା କେବଳ ସମ୍ଭବ ହୋଇଛି ଆଶା, ସରପଞ୍ଚ,ପଞ୍ଚାୟତ ସମିତିର ସଭ୍ୟ ସଭ୍ୟା, ସ୍ୱଂୟ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି । ଆଶା କର୍ମୀମାନେ ହି ସ୍ୱାସ୍ଥ୍ୟ ସଚେତନାର ଭାର୍ତ୍ତାବହ ହୋଇଥିବାରୁ ଜିଲ୍ଲାର ସମସ୍ତ ୧୩୫୦ ଜଣ ଆଶା କର୍ମୀ ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ ହେବା ସହ ଗଜପତି ଜିଲ୍ଲାରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଥି ପ୍ରତି ସଜାଗ ରହିବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ ଆରମ୍ଭ ହୋଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା କହିଥିଲେ ଯେ ଗଜପତି ଜିଲ୍ଲାର ସମସ୍ତ ଆଶା ,ଅଙ୍ଗୱାଡ଼ି କର୍ମୀ , ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ତୃଣମୂଳ ସ୍ତରରୁ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମଚାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ଏହି ଅବସରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଜିଲ୍ଲାର ୭ ଗୋଟି ବ୍ଲକକୁ ଓ ପାରଳାଖେମୁଣ୍ଡି ପୌରପରିଷଦର ସ୍ୱାସ୍ଥ୍ୟ କେନ୍ଦ୍ରକୁ ବେଷ୍ଟ ପୁରସ୍କୃତ କରାଯାଇଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଜଣ ଆଶାଙ୍କୁ ପୁରସ୍କୃତ କରାଯାଇଛି ।

ମ୍ୟୁଜିକ ସର୍କଲ ଆୟୋଜିତ ବସନ୍ତ ସମାରୋହର ଚତୁର୍ଥ ସଂଧ୍ୟା

ରାଉରକେଲା(ପିପିଏସ): ମ୍ୟୁଜିକ ସର୍କଲ, ରାଉରକେଲାର ପଞ୍ଚ ଦିବସୀୟ ବସନ୍ତ ସମାରୋହର ଚତୁର୍ଥ ସଂଧ୍ୟାକୁ ମୁଖ୍ୟ ଅତିଥି ତଥା ରାଉରକେଲା ମହାନଗର ନିଗମର ଉପାୟୁକ୍ତ ସୁଧାଂଶୁ ଶେଖର ଭୋଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ । ଅନୁଷ୍ଠାନର କଳାକାର ସରସ୍ୱତୀ ନାଗ, ସଙ୍ଗୀତା ପଣ୍ଡା, ବାପିନା ନାୟକ, ଦେବରଞ୍ଜନ ସାମଲ, ଦୀପକ ରାଉତ, ପ୍ରତ୍ୟୁଷ ପଦାରବିନ୍ଦ ସାହୁ, ତନୁଶ୍ରୀ ସାହୁ , ଅଙ୍କିତା ବେହେରା ପ୍ରମୁଖ ବିଶିଷ୍ଟ ନାଟ୍ୟକାର ଭାସ୍କର ମହାପାତ୍ରଙ୍କ ରଚିତ ଏବଂ ଗୁରୁ ବି.ବୁଦ୍ଧ ପ୍ରସାଦ ରାଓଙ୍କ ସ୍ୱର ସଂଯୋଜନାରେ ସ୍ୱାଗତ ସଂଗୀତ ଉତ୍କଳ ବନ୍ଦନା ପରିବେଷଣ କରିଥିଲାବେଳେ ଗୁରୁ ବାବାଜୀ ଚରଣ ବିଶ୍ୱାଳ, ମନୋଜ କୁମାର ନାୟକ, ଗୁରୁ ବିଭୂତି ପତି, ଗୁରୁ ବିବେକାନନ୍ଦ ପଣ୍ଡା, ଗୁରୁ ବି. ଚନ୍ଦ୍ରଶେଖର ରାଓ ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ । ଇଂ. ପ୍ରତାପ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଇଂ. ଅଭୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ

ଅତିଥି ଶ୍ରୀ ଭୋଇ ସଂଗୀତ-ନୃତ୍ୟ ପ୍ରତି ମ୍ୟୁଜିକ ସର୍କଲର ଅବଦାନ ଅବିସ୍ମରଣୀୟ ଓ ଏହାର ପ୍ରତିଷ୍ଠାତ୍ରୀ ଅଳକା ଚାନ୍ଦଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ବର୍ଣ୍ଣନା କରିଥିଲେ । ଅନୀଲ ମଲ୍ଲିକ ମଞ୍ଚ ସଂଯୋଜନା କରିଥିବା ବେଳେ ଲକ୍ଷ୍ମଣ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଇଂ. ପ୍ରତାପ କୁମାର ରାୟ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସରସ୍ୱତୀ ବନ୍ଦନା, ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ଗୁରୁ ଦେବବ୍ରତ କର, ମନବୋଧ ମିଶ୍ର , ମନୋଜ ନାୟକ, ବଂଶୀଧର ସାହୁ ପ୍ରମୁଖ ସହାୟତା କରିଥିଲେ । ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ (ଇଜେଡସିସି) ଦ୍ୱାରା ପ୍ରେରିତ ଗୁରୁ ମିତାରାଣୀ ଦତ୍ତଙ୍କ ନେତୃତ୍ୱରେ ସୋମନାଥ ସ୍ୱର୍ଣ୍ଣକାର, ଯାଦବ ସରକାର, ଅଶୋକ ଦତ୍ତ, ଶାନ୍ତନୁ ଗୋସ୍ୱାମୀ ପଶ୍ଚିମ ବଙ୍ଗର ପ୍ରସିଦ୍ଧ ବାଉଲ ସଂଗୀତ ପରିବେଷଣ କରିଥିଲାବେଳେ ଗୁରୁ ସୁଦେସ୍ନା ରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ନୃତ୍ୟ ଏବଂ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଭବେଶ ଚନ୍ଦ୍ର ସାହୁ, ସ୍ନେହଲତା ନାୟକ, ଅନିନ୍ଦିତା ମାଇତି, ରାଜଲକ୍ଷ୍ମୀ ଦାଶ, କସ୍ତୁରୀକା ତ୍ରିପାଠୀ, ସୁନୀତା ସିଂ ସନ୍ତୋଷ କୁମାର ମଲ୍ଲିକ, ଉମାକାନ୍ତ ମଲ୍ଲିକ ଚକ୍ରଧର ମହାରଣା ପ୍ରମୁଖ କାର

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାଇଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୩।୦୩।୨୦୨୩ ■ ଗୁରୁବାର

ଭାରତ-ଜାପାନ ମୈତ୍ରୀ

ଦୁଇଦିବସୀୟ ଗସ୍ତରେ ଭାରତକୁ ଆସିଥିବା ଜାପାନର ପ୍ରଧାନମନ୍ତ୍ରୀ ଫୁମିୟୋ କିଶିଦାଙ୍କ ଏ ଯାତ୍ରା ଦ୍ୱିପାକ୍ଷିକ ସଂପର୍କ ଦୃଷ୍ଟିରୁ କେବଳ ନୁହେଁ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆକାର ଗ୍ରହଣ କରୁଥିବା ଆନ୍ତର୍ଜାତିକ ସମୀକରଣ ଦୃଷ୍ଟିରୁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ନୂଆଦିଲ୍ଲୀରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ଓ ଉଭୟ କ୍ରିଟିକାଲ ଟେକ୍ନୋଲୋଜି ଲଜିଷ୍ଟିସକ୍, ଫୁଡ ପ୍ରୋସେସିଂ ଭଳି କ୍ଷେତ୍ରରେ ପାରସ୍ପରିକ ସହଯୋଗ ବଢ଼ାଇବା ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା କରିଛନ୍ତି । ତେବେ ଏହି ଗସ୍ତର ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମୁକ୍ତ ଓ ଖୋଲା ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ନେଇ ଦୃଷ୍ଟିକୋଣ, ଯାହାକି ସେ ଦିଲ୍ଲୀର ଏକ ଥିଙ୍କ ଟ୍ୟାଙ୍କ କାର୍ଯ୍ୟକ୍ରମ କାଳରେ କହିଛନ୍ତି । ଅବଶ୍ୟ ଏହା ସେଭଳି ଚକିତ କରିବା ଭଳି କଥା ବୋଲି କୁହାଯାଇ ପାରିବ ନାହିଁ କାରଣ ଏ ମହାସାଗରୀୟ ଅଞ୍ଚଳରେ ଚୀନ ନିଜର ଆକ୍ରମଣାତ୍ମକ ସ୍ୱଭାବ ବୃଦ୍ଧି କରିଚାଲିଛି ଏବଂ ସେଥିପ୍ରତି ଜାପାନର ଦୃଷ୍ଟି ଆରମ୍ଭରୁ ରହିଛି । ଏ ବିପଦକୁ ନେଇ ତାହାର ସତର୍କତାର ସଂକେତ ବହୁବାର ମିଳିଲାଣି । ଚୀନ ନିଜକୁ ଏ କ୍ଷେତ୍ରରେ ଅଧିକ ବଳଶାଳୀ ବୋଲି ପ୍ରତିପାଦିତ କରିବାକୁ ଚାହୁଁଛି, ଯାହାକି ଜାପାନ, ଦକ୍ଷିଣ କୋରିଆ, ଫିଲିପିନ୍ସ ଭଳି ଦେଶ ପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି ।

ଧ୍ୟାନଯୋଗ୍ୟ ବିଷୟ ହେଉଛି ଜାପାନର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ପ୍ରଥମେ ୨୦୦୭ରେ ଭାରତର ପାର୍ଲାମେଣ୍ଟକୁ ସମ୍ବୋଧନ କରି ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ଯେପ୍ରକାର ସାମରିକ ସ୍ତରରେ ମୁକାବିଲା ଆରମ୍ଭ ହୋଇଯାଇଛି ତାହାକୁ ଖୋଲାଖୋଲି ରେଖାଙ୍କିତ କରିଥିଲେ ଏବଂ ଭାରତ ସହ ବୁଝାମଣା କରିବା ଆବଶ୍ୟକତା ସମ୍ବନ୍ଧରେ କହିଥିଲେ । ସେଇ ଐତିହାସିକ ଭାଷଣରେ ସିଏ ଏସିଆର ଗଣତାନ୍ତ୍ରିକ ଦେଶମାନଙ୍କ ମଧ୍ୟରେ ସହଯୋଗ ବଢ଼ାଇବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ, ଯାହା ଆଗକୁ ବଢ଼ି କ୍ୱାଡ– ଭାରତ, ଜାପାନ, ଅଷ୍ଟ୍ରେଲିଆ ଓ ଆମେରିକାର ମିଳିତ ମଞ୍ଚ– ନିର୍ମାଣର ମୁଖ୍ୟ ଆଧାର ହେଲା । ଚୀନକୁ ନେଇ ଜାପାନର ଆଶଙ୍କା ଅଧିକ ଗହନ ହୋଇଥିଲା ଯେବେ ଗତବର୍ଷ ୟୁକ୍ରେନ ଉପରେ ଆକ୍ରମଣର ଠିକ ଆଗରୁ ତାହା ରୁଷ ସହ ନିଜର ସମ୍ବନ୍ଧକୁ ସବୁ ସୀମା ଉର୍ଦ୍ଧ୍ୱରେ ଥିବା ଦର୍ଶାଇଥିଲା । ଜାପାନ ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ଗସ୍ତ କାଳରେ ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ମସ୍କୋ ଗସ୍ତ ମଧ୍ୟ ଏକ ସ୍ୱାଭାବିକ ବନ୍ଧୁତ୍ୱପୂର୍ଣ୍ଣ ଗସ୍ତ ବୋଲି କୁହାଯାଇ ପାରିବ ନାହିଁ । ଚୀନର ଅଧିକାଂଶ ପଡ଼ୋଶୀ ତା'ର ବ୍ୟବହାର ଯୋଗୁଁ ଆଶଙ୍କାଗ୍ରସ୍ତ । କେବଳ ଉତ୍ତରକୋରିଆ, ପାକିସ୍ତାନ ଓ ମ୍ୟାଁମାର ଭଳି ଦେଶ ହିଁ ଚୀନର ମିତ୍ର ଦେଶ ଭାବେ ପରିଚିତ ।

ଜାପାନ ନିଜ ହିତର ସୁରକ୍ଷା ଲାଗି ଅନ୍ୟ କାହା ଉପରେ ନିର୍ଭର ନ କରି ନିଜସ୍ୱ କ୍ଷମତା ବଢ଼ାଇବା ଲାଗି ନିର୍ଣ୍ଣୟ ନେଇଛି । ପ୍ରଧାନମନ୍ତ୍ରୀ କିଶିଦା ପ୍ରତିରକ୍ଷା ବାବଦରେ ଦୁଇଗୁଣ ଅର୍ଥ ବରାଦ କରିଥିବା ଘୋଷଣା କରିଛନ୍ତି । ଆଗାମୀ ଦିନରେ ଭୌଗୋଳିକ -ରାଜନୀତି ଦୃଷ୍ଟିରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ବିଶେଷ ଭୂମିକା ରହିବ । ଜାପାନ ଏ କ୍ଷେତ୍ରରେ ଭାରତ ସହ ପାଦ ମିଳାଇ ଚାଲିବା ଲାଗି ଆଗକୁ ବଢୁଛି । ଏ ସମୟ ତେଣୁ ଗୁରୁତ୍ୱପୂର୍ଣ୍ଣ ବିଶେଷକରି ଯେବେ ଭାରତ ଜି-୨୦ର ଅଧ୍ୟକ୍ଷତା କରୁଛି ଏବଂ ଜାପାନ ହେଉଛି ଜି-୭ର ଅଧ୍ୟକ୍ଷ । ଜାପାନର ହିରୋସିମାଠାରେ ଆସନ୍ତା ମଇ ମାସରେ ହେବାକୁ ଥିବା ଜି-୭ ବୈଠକରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ କିଶିଦା ଆମନ୍ତ୍ରଣ କରିଛନ୍ତି । ନିଶ୍ଚିତ ଭାବେ ଏସବୁ ହେଉଛି ସକାରାତ୍ମକ ସଂକେତ । ତେବେ, ଉଭୟ ଦେଶ ମଧ୍ୟରେ କେତେକ ପ୍ରସଙ୍ଗରେ ଏବେ ବି ମତଭେଦ ରହିଛି । ରୁଷକୁ ନେଇ ଜାପାନର ଆକ୍ରମଣାତ୍ମକ ଭାବନା ଥିବାବେଳେ, ଭାରତର ତା' ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ରହିଆସିଛି । ଯୁଦ୍ଧ ଲାଗି ରୁଷକୁ ସିଧାସଳଖ ଦାୟୀ କରି ନାହିଁ ଭାରତ । ଉଭୟ ଦେଶ ମଧ୍ୟରେ ସହଯୋଗ ଓ ତାଳମେଳ ରହିଛି । ଯଦି କୌଣସି ସ୍ତରରେ ଜାପାନ ଓ ଭାରତ ମଧ୍ୟରେ କିଛି ବାଧା ଅଛି, ତେବେ ଦୁଇଦେଶ ମଧ୍ୟରେ ଐତିହାସିକ ସମ୍ବନ୍ଧକୁ ଦୃଷ୍ଟିରେ ରଖି ତାହାର ସମାଧାନ କରିବା ସେତେ ମୁସ୍କିଲ କାମ ହେବନାହିଁ । □□

–ଭର୍ତ୍ତୃହରି ମହତାବ

ମା'ର ସ୍ନେହ

ଆମ୍ଭ ମାନଙ୍କର ନିତି ଦିନିଆ ଜୀବନରେ ଆମେ ମାଆର ସ୍ନେହକୁ ଅନେକ ବୁଝି ପାରିନଥାଉ କିନ୍ତୁ ପରବର୍ତ୍ତୀ ସମୟରେ ବୁଝିଲା ବେଳକୁ ବହୁତ ଡ଼େରି ହୋଇଯାଇଥାଏ। ସେଥିପାଇଁ କୁହାଯାଏ ମାଆର ପଣତ କାନି ହେଉଛି ଗୋଟିଏ ପିଲା ପାଇଁ ଅଭେଦ୍ୟ ସୁରକ୍ଷା କବଚ।

ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପଢ଼ିଥିବା ଏକ ଆଧ୍ୟାତ୍ମିକ ପୁସ୍ତକର କିଛି ଅଂଶ। ଯାହାକି ଆମ୍ଭମାନଙ୍କୁ ମାଆର ସ୍ନେହ ସମ୍ବନ୍ଧରେ ବୁଝାଇବା ପାଇଁ ଯଥେଷ୍ଟ। ଦିନେ ଆଶ୍ରମରେ ଶିଷ୍ୟମାନଙ୍କୁ ଗୁରୁ ବୁଝାଉଥିଲେ ପିତା-ମାତାଙ୍କ ମହାନତା କେତେ। ସନ୍ତାନ ପ୍ରତି ମା'ର ନିଃସର୍ତ୍ତ ପ୍ରେମ ଅନ୍ୟ କେଉଁଠି ଦେଖିବାକୁ ମିଳେନା। ଶିଷ୍ୟଗଣଙ୍କ ଉତ୍ସୁକ ନୟନକୁ ଦେଖି ଏହି ଅବସରରେ ଗୁରୁ ଏକ ସତ୍ୟ ଘଟଣାର ଅବତାରଣା କରିବାକୁ ଯାଇ କହିଚାଲିଲେ ଛୋଟ ସହରରେ ଏକ ଦମ୍ପତି ରହୁଥାନ୍ତି। ସେମାନଙ୍କର ଏକମାତ୍ର ପୁଅଟି ତୃତୀୟ ଶ୍ରେଣୀରେ ପାଠ ପଢୁଥାଏ। ବାପାଙ୍କ ଆକସ୍ମିକ ମୃତ୍ୟୁ ହୋଇଗଲା। ଆର୍ଥିକ ଅବସ୍ଥା ଭଲ ନଥାଏ। ପୁଅର ସ୍କୁଲ ହଷ୍ଟେଲରେ ମା' ରୋଷେଇ କରି କିଛି ରୋଜଗାର କରୁଥିଲେ ଏବଂ ପିଲାଟିକୁ ପାଠ ପଢ଼ାଉଥିଲେ। ପୁଅଟି ଭଲ ପାଠ ପଢୁଥାଏ। ଦିନେ ପୁଅର ଜଣେ ସାଙ୍ଗ ଥଟ୍ଟା କରି କହିଲା ଏଇ, ତୋ ମା କାଣୀ। ଅର୍ଥାତ୍ ମା'ର ଗୋଟିଏ ଆଖି ନାହିଁ। ପୁଅକୁ ଖରାପ ଲାଗିଲା। ଏମିତି ଭିନ୍ନ ଭିନ୍ନ ସମୟରେ ସେ ମନ୍ତବ୍ୟ ଶୁଣିଲା ଯେ ତାର ପରିଚୟ ହେଉଛି କାଣୀ ରୋଷେୟାଙ୍କ ପୁଅ ବୋଲି। ସେ ମନେ ମନେ ସ୍ଥିର କଲା ସହର ଛାଡ଼ି ବହୁ ଦୂରକୁ ଚାଲିଯିବ। ମା'ର ପରିଚୟ ଠାରୁ ଦୂରେଇ ଯିବ। ଭଲ ପାଠ ପଢୁଥିଲା, ବଡ଼ ସହରକୁ ଚାଲିଗଲା। ମା'ପାଖକୁ ଫେରିଲାନି, ଭାବିଲା ମା' ତା ପାଇଁ ଅଭିଶାପ। ପୁଅଠୁ ଅଲଗା ରହିବାର କଷ୍ଟ ସହି ମା' ଗାଁରେ ପଡ଼ି ରହିଲା। ପୁଅ ବଡ଼ ଅଫିସର, ବାହାସାହା ହୋଇ ସହରରେ ରହୁଛି। ଦିନେ ମା'ର ଇଚ୍ଛା ହେଲା ପୁଅ-ବୋହୂ, ନାତି-ନାତୁଣୀଙ୍କୁ ଟିକିଏ ଦେଖନ୍ତା। ପଚାରି ପଚାରି ଗଲା। ପିଲାମାନଙ୍କୁ ଘର ବାହାରେ ଠିଆ ହୋଇ ଦେଖିଲା। କିନ୍ତୁ ପୁଅ ଯେତେବେଳେ ମା'କୁ ଦେଖିଲା ଗାଳି କରି ତଡ଼ିଦେଲା। କହିଲା କାଣୀ ମା'ର ପୁଅ ବୋଲି ମୋତେ ଲାଜ ଲାଗୁଛି। ଏ ଭିତରେ କିଛି ମାସ ଚାଲିଗଲା। କ'ଣ ସରକାରୀ କାମରେ ପୁଅ ସେଇ ଗାଁକୁ ଆସିଥାଏ। କ'ଣ ମନ ହେଲା କେଜାଣି ଭାବିଲା ଜନ୍ମସ୍ଥାନ ଟିକିଏ ଦେଖିଯିବି। ଘରେ ପହଞ୍ଚିଲା ବେଳକୁ ଜାଣିବାକୁ ପାଇଲା ମାସକ ଆଗରୁ ମା' ମରିଯାଇଛି। ପଡ଼ୋଶୀ ମହିଳା ପୁଅ ନାଁରେ ଲେଖାଥିବା ଚିଠିଟିଏ ଆଣି ଦେଲେ। ସେଥିରେ ଲେଖାଥିଲା - ପୁଅ, ତୁ ଖୁସିରେ ଅଛୁ ଜାଣିଲି, ଯାହାହେଉ ତୋ ଜରିଆରେ ମୁଁ ଦୁନିଆକୁ ଦେଖାଯିବ ସେଥିଲାଗି ମୋ ଆଖି କାଢ଼ି ତୋ ଆଖିରେ ଡାକ୍ତର ଲଗାଇଥିଲେ। ମୋର ଦୁର୍ଭାଗ୍ୟ ଯେ ତୋ ସହିତ ଆଉ ଭେଟ ହୋଇପାରିଲା ନାହିଁ।

ସୌମ୍ୟସାଇ ସିଦ୍ଧାର୍ଥ ଭୂୟାଁ
ଭୁବନେଶ୍ୱର

ଜଳ ଜୀବନ

ଶୁଭନାରାୟଣ ଶତପଥୀ

ଜଳ ପରମ୍ପରାର ପରିଚୟ । ଜଳ କୁମ୍ଭ ହେଉଛି ଶୁଭ ସଂକେତ । ଶୁଭକର୍ମ ଜଳ ବିନା ସମାପନ ହୁଏନା । ଆମ ଶରୀରର ସତୁରୀ ଭାଗ ହେଉଛି ଜଳ । ଜଳକୁ ଛାଡି ଜୀବନ ରୁହେନା । ଜୀବନର ରକ୍ଷଣ ଓ ସୁସ୍ଥତାର ଆଧାର ଜଳ । ଜଳ ହିଁ ଧର୍ମ, ଜଳ ହିଁ ବିଜ୍ଞାନ, ଜଳ ହିଁ ଜୀବନ, ଜଳ ହିଁ ଭୂଗୋଳ, ଜଳ ହିଁ ଶୁଦ୍ଧତା । ଶିକ୍ଷାଠାରୁ ସୁରକ୍ଷା ଯାଏଁ ଜଳ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଶରୀର ଓ ସମାଜକୁ ନେଇ ବଂଚୁଥିବା ମଣିଷ ଜୀବନ, ସୁସ୍ଥତା, ପରମ୍ପରାକୁ ଛଡିବା ଏତେ ସହଜ ନୁହେଁ । ତେବେ ପରିବେଶକୁ ନେଇ କେଉଁଠି ଜଳର ପ୍ଲାବନ ତ କେଉଁଠି ଜଳ ବିନା ହାହାକାର । କେଉଁଠି ଜଳକୁ ପ୍ରଦୂଷିତ କରାଯାଉଛି ତ ଆଉ କେଉଁଠି ମଣିଷ ଅନ୍ୟଗ୍ରହରେ ଜଳ ସନ୍ଧାନ କରୁଛି ।

ତେବେ ପୃଥିବୀରେ ଜୀବନ ପାଇଁ ଜଳର ଆବଶ୍ୟକତା, ପରିଚାଳନା, ସଂରକ୍ଷଣ ହେଉଛି ପ୍ରମୁଖ ପ୍ରାଥମିକତା । ଦେଖାଯାଉଛି ଅପ୍ରତ୍ୟାଶିତ ବର୍ଷାର ଚଳନ, ବରଫ ଚଟାଣ ତରଳିବା, ସମୁଦ୍ରର ବଢୁଥିବା ଜଳପତନ, ବନ୍ୟା କିମ୍ବା ମରୁଡି ଆଦିର ପ୍ରଭାବ ବିଶାଳ ଜଳରାଶିଗୁଡିକ ଉପରେ ପଡୁଛି । ଏହାଛଡା ଜଳବାୟୁ ପରିବର୍ତ୍ତନ ମଧ୍ୟ ଜଳ ନିଅଂଟ ଓ ଜଳ ସମ୍ବନ୍ଧୀୟ ବିପଦକୁ ବଢାଇଥାଏ । କାରଣ ବଢୁଥିବା ତାପମାତ୍ରା ହିଁ ବର୍ଷାର ଚଳନ ଓ ଜଳଚକ୍ରକୁ ପ୍ରଭାବିତ କରିଥାଏ । ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ଅନ୍ତର୍ଗତ କାର୍ଯ୍ୟ ସତ୍ତ୍ୱେ ୨୦୨୨ ସୁଦ୍ଧା ବିଶ୍ୱର ପ୍ରାୟ ୨ ବିଲିୟନ ଲୋକ ନିରାପଦ ପାନୀୟ ଜଳ ପାଇପାରୁନାହାଁନ୍ତି । ସେହିପରି ଇଂଟର ଗଭର୍ନମେଂଟାଲ ପ୍ୟାନେଲ ଏଣ୍ଡ କ୍ଲାଇମଟ ଚେଞ୍ଜ କୁହନ୍ତି କି ବିଶ୍ୱର ପ୍ରାୟ ଅର୍ଦ୍ଧାଧିକ ଲୋକ ବର୍ଷରେ କିଛି ଦିନ ଗମ୍ଭୀର ଜଳକଷ୍ଟର ଶିକାର ହୁଅନ୍ତି । ସେହିପରି ବିଶ୍ୱ ପାଣିପାଗ ସଂସ୍ଥାର ରିପୋର୍ଟ ଅନୁସାରେ ପୃଥିବୀର ମୋଟ ଜଳ ମଧ୍ୟରୁ ମାତ୍ର ୦.୫ ଶତକଡା ହେଉଛି ବ୍ୟବହାରଯୋଗ୍ୟ ମଧୁର ଜଳ । ଏବଂ ଜଳବାୟୁ ପରିବର୍ତ୍ତନ ଫଳରେ ଏହା ବିଶେଷଭାବେ ପ୍ରଭାବିତ ହେଉଛି । ଗତ ୨୦ ବର୍ଷ ମଧ୍ୟରେ ସ୍ଥଳଭାଗରେ ଥିବା ଜଳ ଭଣ୍ଡାର, ମାଟିର ଆର୍ଦ୍ରତା, ବରଫ ସହିତ ୧ ସେଂଟିମିଟର ପର୍ଯ୍ୟନ୍ତ ପ୍ରତିବର୍ଷ କମୁଛି ଯାହା ଜଳ ସୁରକ୍ଷା ନିମନ୍ତେ ଏକ ଆହ୍ୱାନ । ଜଳର ତାପମାତ୍ରା ବୃଦ୍ଧି, କ୍ରମାଗତ ବନ୍ୟା, ଜଳ ପ୍ରଦୂଷଣ, କୀଟ ଓ କୀଟନାଶକର ବହୁଳ ବ୍ୟବହାର ଯୋଗୁଁ ଜଳର ଗୁଣାତ୍ମକ ମାନରେ ମଧ୍ୟ ପରିବର୍ତ୍ତନ ଘଟୁଥିବା ଅନୁମାନ କରାଯାଏ । ଓାର୍ଲ୍ଡବ୍ୟାଙ୍କ ରିପୋର୍ଟ ଅନୁସାରେ ବିଗତ ୫୦ ବର୍ଷ ମଧ୍ୟରେ ସମସ୍ତ ବିପର୍ଯ୍ୟୟ ମଧ୍ୟରେ ଜଳ ଜନିତ ବିପର୍ଯ୍ୟୟର ସଂଖ୍ୟା ମଧ୍ୟ ଅଧିକ । ଫଳରେ ମୋଟ ପ୍ରାକୃତିକ ବିପତିଜନିତ ମୃତ୍ୟସଂଖ୍ୟା ମଧ୍ୟରୁ ୭୦ ଶତକଡା ମୃତ୍ୟୁ କେବଳ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ହୋଇଥାଏ । ସୁସ୍ଥ ଜଳ ପରିସଂସ୍ଥାତନ୍ତ୍ର ଏବଂ ସୁସ୍ଥ ଜଳ ପରିଚାଳନା, ସବୁଜ ଗୃହର ପ୍ରଭାବ ତଥା ଜଳବାୟୁର ବିପଦଗୁଡିକୁ କମାଇବାରେ ସକ୍ଷମ । ସେହିପରି ହେନ୍ତାଳ ବନ, ସମୁଦ୍ର ଘାସ, ସନ୍ତସନ୍ତିଆ ସ୍ଥାନ ଅଙ୍ଗାରକ ଦ୍ରବଣୀୟ ଯାହା ଅଙ୍ଗାରକାମ୍ଳକୁ ସଂଗୃହିତ ଓ ଅବଶୋଷିତ କରିଥାଏ । ସୁସ୍ଥ ପାନୀୟଜଳ ଯୋଗାଣ, ସ୍ୱଚ୍ଛତା ବ୍ୟବସ୍ଥା, ଜଳବାୟୁର ସମ୍ମା କରିବାର ଦକ୍ଷତା ପ୍ରତିବର୍ଷ ୩ଲକ୍ଷ ୬୦ ହଜାରରୁ ଉର୍ଦ୍ଧ ଶିଶୁଙ୍କ ଜୀବନ ରକ୍ଷା କରିପାରେ । ଡ୍ରିପ ସିଂଚାଇ ପ୍ରଣାଳୀରେ ମଧୁରଜଳ ସୁରକ୍ଷା ଓ ଆବଶ୍ୟକୀୟ ଓ କୁଶଳତାର ସହ ଜଳଯୋଗଣ କରି ସ୍ମାର୍ଟ କୃଷି ଓ ଫସଲ ଉତ୍ପାଦନ କରାଯାଇପାରେ । ତାଛଡା ଆର୍ଦ୍ରଭୂମି ଯେଉଁଠି ଗୁଳ୍ମ ଓ ସୁକ୍ଷ୍ମ ଜୀବଙ୍କ ବାସସ୍ଥାନ ହୋଇଥାଏ ତାହା ଜଳଧାରଣ ଓ ଅଧିକ ବୃଷ୍ଟି ପରିଚାଳନା ପାଇଁ ସହାୟକ ହୋଇଥାଏ । ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ କରିବାକୁ ଯାଇ ୨୦୩୦ ମସିହା ସୁଦ୍ଧା ସାରା ବିଶ୍ୱରେ ବିଶୁଦ୍ଧ ପାନୀୟଜଳକୁ ନିଶ୍ଚିତ କରିବାକୁ ହେଲେ ଏବେ ଠାରୁ ବ୍ୟାପକ ଭାବରେ ଏସବୁ କାର୍ଯ୍ୟ ପନ୍ଥାକୁ ସଫଳ କରିବା ଜରୁରୀ । ତାଛଡା ବ୍ୟକ୍ତିଗତ ଓ ଗୋଷ୍ଠିସ୍ତରରେ ଜଳ ସଂରକ୍ଷଣ ଓ ଜଳ ପରିଚାଳନା ପାଇଁ ପ୍ରତ୍ୟେକ ବ୍ୟକ୍ତି କାର୍ଯ୍ୟ କରିବାକୁ ପଡିବ । ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଶ୍ୱ ସମୁଦାୟକୁ ଆହ୍ୱାନ ସହିତ ଆରମ୍ଭ ହୋଇଛି ପରିବେଶ ପାଇଁ ଦୈନ୍ୟନ୍ଦିନ ଜୀବନଶୈଳୀ ବା ଲାଇଫ ବିପ୍ଳବ । ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ବ୍ୟକ୍ତିଗତ ବ୍ୟବହାରିକ ପରିବର୍ତ୍ତନର ପ୍ରୟାସ ପାଇଁ ସାରା ବିଶ୍ୱ ଭାରତର ଏହି ଉଦ୍ୟମକୁ ସାଧୁବାଦ ଜଣାଇଛି । ଏହି ଲକ୍ଷ୍ୟ ମାଧ୍ୟମରେ ସମ୍ବଳଗୁଡିକର ବାସ୍ତବ ଓ ଉପଯୁକ୍ତ ବ୍ୟବହାର ସହିତ ସାଂପ୍ରତିକ ଉପଯୋଗ ଓ ବର୍ଜନ (ୟୁଜ ଆଣ୍ଡ ଥ୍ରୋ) ପ୍ରଥାକୁ ପରିବର୍ତ୍ତନ କରିବାକୁ ଅଭ୍ୟାସ ବଦଳାଇବାର ପ୍ରୟାସ ହେଉଛି ଲାଇଫ ବା ପରିବେଶ ପାଇଁ ଦୈନ୍ୟନ୍ଦିନ ଜୀବନଶୈଳୀ । ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ବ୍ୟକ୍ତିଗତ ଉଦ୍ୟମ ଅତ୍ୟନ୍ତ ଜରୁରୀ । ଯେମିତିକି ଗାଡି ପୋଛିବା ବେଳେ ପାଇପ ଦ୍ୱାରା ଜଳ ଛାଡି ନଷ୍ଟ କରିବା ଅପେକ୍ଷା ବାଲଟିରେ ପାଣି ବ୍ୟବହାର କରିବା, ଏ.ସି ତଥା ଆର.ଓରୁ ବାହାରୁଥିବା ପାଣିର ପୁନଃ ଉପଯୋଗ ହେବା ଉଚିତ । ଜଳାଶୟ ନିର୍ମାଣ କରି ଭୂତଳ ଜଳର ସଂରକ୍ଷଣ କରିବା, ପନିପରିବା ଧୋଇବା ପରେ ବଳକା ଜଳକୁ ନଷ୍ଟ ନକରି ଗଛରେ ଦେବା ବା ଅନ୍ୟ ଉପାୟରେ ବ୍ୟବହାର କରିବା ଦରକାର । ଘର, ବିଦ୍ୟାଳୟ, ଅଫିସ ସବୁଠାରେ ଜଳ ଅମଳ ପ୍ରକଳ୍ପ ସ୍ଥାପନ କରି ବର୍ଷାଜଳର ବ୍ୟବହାର କରିବା ଜରୁରୀ । ଫଳରେ ୬୦ ଶତକଡା ବିଦ୍ୟୁତ ଓ ଜଳ ଦେୟ କମାଇ ହେବ ଓ ଜଳ ସୁରକ୍ଷା ହୋଇପାରିବ । ଭବିଷ୍ୟତ ପାଇଁ ଜୀବନଶୈଳୀ ଆପଣେଇବାକୁ ସଭିଁଏ ଚେଷ୍ଟିତ ହେବା ଉଚିତ ।

ତଥ୍ୟରୁ ଜଣାଯାଏ, ପ୍ରତ୍ୟେକ ସହରଗୁଡିକରେ ମୋଟ ବର୍ଜ୍ୟଜଳ ମଧ୍ୟରୁ ପ୍ରାୟ ୫୦ରୁ ୮୦ ଶତକଡା ଘରୋଇ କ୍ଷେତ୍ରରୁ ଆସିଥାଏ । ଦୁଷିତ ପାଣି ଓ ଅସ୍ୱଚ୍ଛ ପରିବେଶ ଯୋଗୁଁ ହଇଜା, ଡାଇରିଆ, ହେପାଟାଇଟିସ, ଟାଇଫଏଡ, ପୋଲିଓ ବେମାରୀ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରଦୂଷିତ ଜଳ , ପରିବେଶ ଓ ଡାଇରିଆ କାରଣରୁ ୮ଲକ୍ଷ ୧୯ ହଜାର ବ୍ୟକ୍ତି ପ୍ରତିବର୍ଷ ସାରା ବିଶ୍ୱରେ ମୃତ୍ୟୁ ବରଣ କରନ୍ତି । ଏଥିପାଇଁ ବିଶୁଦ୍ଧ ଜଳ ଯୋଗାଣ ଓ ୬ ସୋପାନ ବିଶିଷ୍ଟ ହାତଧୁଆ ଜରୁରୀ । ଏହି ସମସ୍ୟା ମୂଳୋତ୍ପାଟନ ହେଲ ୫ ବର୍ଷରୁ କମ ବୟସର ୨ଲକ୍ଷ ୯୭ ହଜାର ଶିଶୁଙ୍କ ମୃତ୍ୟକୁ ଦୂରେଇ ଦେଇହେବ । ଯେଉଁଠି ଜଳ ଆବଶ୍ୟକତା ଅନୁସାରେ ଉପଲବ୍ଧ ନାହିଁ ସଠାରେ ଲୋକମାନେ ହାତଧୁଆକୁ ଆଗ୍ରାଧିକାର ଦିଅନ୍ତିନାହିଁ ଫଳରେ ଡାଇରିଆ ଓ ତତ ସଂପର୍କିତ ରୋଗର ପ୍ରାଦୁର୍ଭାବ ବଢିଥାଏ । ଏସବୁ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ଜଳର ସଂରକ୍ଷଣ, ଉପଯୁକ୍ତ ଉପଯୋଗ ହେବା ଜରୁରୀ । ନଚେତ ପ୍ରାଚୀନ ପରମ୍ପରାଠାରୁ ବର୍ତମାନର ଶୁଭକର୍ମ ଯାଏଁ ବିଶୁଦ୍ଧ ଜଳର ଅଭାବରେ ଘଟୁଥିବା ସର୍ବ ଅଶୁଭ ବଜାୟ ରହିଛି ଓ ରହିଥିବ ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ:୯୪୩୮୪୩୨୦୨୩

ଆଉ କେତେ ବର୍ଷ ଲାଗିବ ?

ସୌଭାଗ୍ୟ ରଂଜନ ମହାନ୍ତି

ନିକଟରେ ଆନ୍ତର୍ଜାତିକ ମହିଳା ଦିବସ ଉଭୟ ଜାତୀୟ ଓ ରାଜ୍ୟସ୍ତରରେ ମହାସମାରୋହରେ ପାଳିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଏବଂ ବିଭିନ୍ନ ରାଜନୈତିକ ମହିଳା ଦିବସରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଆରୋପ କରିଥିବା ବୋଧହୁଏ କେହି ପାଶୋରୀ ନଥିବେ। ମହିଳା ବିକାଶ ଓ ସଶକ୍ତିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଘୋଷଣା କରିଛନ୍ତି। ମାତ୍ର ଗଣତନ୍ତ୍ରର ପବିତ୍ର ମନ୍ଦିର ଲୋକସଭା ଓ ରାଜ୍ୟସଭା ଏବଂ ବିଧାନସଭାର ମହିଳା ପ୍ରତିନଧିତ୍ୱ ସ୍ଥିତି ଦେଖିଲେ ବିସ୍ମିତ ହେବାକୁ ପଡୁଛି।

ତ୍ରିସ୍ତରୀୟ ପଂଚାୟତରାଜ ବ୍ୟବସ୍ଥାରେ ଗ୍ରାମ ପଂଚାୟତଠାରୁ ଆରମ୍ଭ କରି ଜିଲ୍ଲା ପରିଷଦର ମହିଳାଙ୍କ ପାଇଁ ୩୩ରୁ ୫

ରୌପ୍ୟ ନଗରୀରେ ଟ୍ରାଫିକ ଅବସ୍ଥା ବିପର୍ଯ୍ୟସ୍ତ

ସୌଭାଗ୍ୟ ମିଶ୍ର

ଖଟବିନ୍ ସାହି

କଣ କହିବି କଟକ ଅବସ୍ଥା ଯେମିତି ଥିଲା ସେମିତି ଅଛି କେତେ ସରକାର ଆସିଲେଣି ଗଲେଣି ।କଟକ ସେମିତି ଅଛି ୧୦୦୦ବର୍ଷ ର ସହର ଏହାର ଐତିହ୍ୟ ପାଇଁ ଆମେ ଗର୍ବିତ ।ମାତ୍ର କଟକ ର ଅଣଓସାରିଆ ରାସ୍ତା ଗଳି କନ୍ଧି ରେ ଗାଡି ମଟର ର ଚଳାଚଳ ଯୋଗୁଁ ସାଧାରଣ ଲୋକ ଯାତାୟତ ବହୁତ କଷ୍ଟକର ହେଉଛି ।ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ।

ମିନତୀ ସାହୁ

ଅଲିଶା ବଜାର

ଆମର ଏଠି କଟକ ର ପୁରୁଣା ବସଷ୍ଟାଣ୍ଡ ଥିଲା ।ଚାନ୍ଦିନୀଚୌକରେ ବସଷ୍ଟାଣ୍ଡ ଥିଲା ବହୁ ଲୋକ ଏଠି ଗାଡି ରୁ ଉଲ୍ଲେଇ ମେଡ଼ିକାଲ ଓ କୋଟ କାମ ରେ ଯାଉଥିଲେ ।ସେତେବେଳେ ଟ୍ରାଫିକ ଅବସ୍ଥାରେ ଏତେ ସଙ୍କଟ ନଥିଲା ।ବର୍ତ୍ତମାନ ଟ୍ରାଫିକ ଅବସ୍ଥା ସଙ୍ଗିନ ।ଆମ ଅଲିସା ବଜାର ରୁ ଆମେ ମା କଟକ ଚଣ୍ଡୀ ମନ୍ଦିର ଗଲା ବେଳକୁ ଅଣଉସାରିଆ ରାସ୍ତା ରେ ବହୁ ଅସୁବିଧା ର ସମ୍ମୁଖିନ ହେବାକୁ ପଡୁଛି ।ସେତେବେଳେ ଯଦି କୌଣସି ବଡ଼ ଗାଡି ପଳେଇ ଆସିଲା ଅବସ୍ଥା ନକହିବା ଭଲ ।ବହୁ କଷ୍ଟ ରେ ଆମେ ଯାତାୟାତ କରୁନିକଟରେ ମା କଟକ ଚଣ୍ଡୀ ମନ୍ଦିର କୁ ରୂପାନ୍ତରିତ କରିବା ପାଇଁ ୫ଟି ସଚିବ ଆସି ଥିବା ବେଳେ କହିଥିଲେ ଚାନ୍ଦିନୀଚୌକ ରୁ ଚଣ୍ଡୀ ମନ୍ଦିର ରାସ୍ତା ୪ଟିକିଆ ହେବ ସେଥିପାଇଁ ଅର୍ଥ ମଞ୍ଜୁର ହୋଇଛି ମାତ୍ର ଏହାକୁ କିଛି ମାସ ବିତିଗଲାଣି ଏହା କେବେ ଆରମ୍ଭ ହେବ କେବେ ଶେଷ ହେବ ତାହା ଏବେ ଆଲୋଚନା ର ବିଷୟ କି ଏହା କେବଳ ସ୍ୱପ୍ନରେ ସୀମିତ ରହିବ ।

ଦୀପନ ବେହେରା

ମଧୂପାଟଣା

କଟକ ଆମ ଗର୍ବ ଏହା ବାଣିଜ୍ୟ କେନ୍ଦ୍ର । ଏହାର ଟ୍ରାଫିକ ବ୍ୟବସ୍ଥା ସଠିକ ରୂପେ ନିୟନ୍ତ୍ରଣ ହେଉନାହିଁ ତେଣୁ ବହୁ ସମୟରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଲୋକ ଦୁର୍ଘଟଣା ର ଶିକାର ହେଉଛନ୍ତି ।ଆମ ଏଠି ଟ୍ରାଫିକ ପୋଲିସ ର କଟକ ମୁଖ୍ୟ କାର୍ଯ୍ୟାଳୟ ଲିଙ୍କ ରୋଡ଼ ରେ ମାତ୍ର ସେଠିକାର ଅବସ୍ଥା ଦେଖିଲେ ଟ୍ରାଫିକ ଅବସ୍ଥା କଟକ ରେ କଣ ବାରି ହେବ ।କେବଳ ସଡକ ସୁରକ୍ଷା ଦିବସ ପୋଲିସ ପାଳନ କଲେ କଣ ହେବ । ଜନସାଧାରଣଙ୍କୁ ସଚେତନ କରାଇ ଟ୍ରାଫିକ ବ୍ୟବସ୍ଥା ନିୟମ କୁ କଡା କଡ଼ି ପାଳନ କଲେ ଅମାନିଆ ଙ୍କୁ ସାବାଡ଼ କରିହେବନି ।

କଟକ (ଗୌତମ ମିଶ୍ର): ଉନ୍ନତ ରାଷ୍ଟ୍ରମାନଙ୍କ ଗମନା ଗମନ ବ୍ୟବସ୍ଥା ସୁଦୃଢ଼ ପାଇଁ ସେହି ରାଷ୍ଟ୍ରର ଅନ୍ୟ ରାଷ୍ଟ୍ରଠାରୁ ସମୃଦ୍ଧ ହୋଇଥାଏ । ଏହାର ଏକମାତ୍ର କାରଣ ହେଉଛି ଏହି ଦେଶମାନଙ୍କରେ ଥିବାସୁନିୟନ୍ତ୍ରିତ ସୁଚାରୁ ରୂପେ ପରିଚାଳିତ ଟ୍ରାଫିକ୍ ବ୍ୟବସ୍ଥା । ଯେଉଁ ରାଷ୍ଟ୍ରର ଟ୍ରାଫିକ୍ ବ୍ୟବସ୍ଥା ଯେତେ ଉନ୍ନତ ସେ ରାଷ୍ଟ୍ର ସେତେ ସମୃଦ୍ଧ ଓ ଲୋକଙ୍କ ଜନଜୀବନ ସେତେ ନିରାପଦ। ଆମଦେଶରେ ମଧ୍ୟ କେତେଗୁଡ଼ିଏ ସହରକୁ ଛାଡ଼ିଦେଲେ ଅନ୍ୟ ସହରମାନଙ୍କରେ ଟ୍ରାଫକ ବ୍ୟବସ୍ଥା ସଂଗୀନ ।ଆମ ରାଜ୍ୟର ପୁରାତନ ରାଜଧାନୀ ହଜାର ବର୍ଷର ସହର କଟକର ଟ୍ରାଫିକ୍ ଅବସ୍ଥା ବର୍ତ୍ତମାନ ସମୟରେ ସାଙ୍ଘାତିକ ଓ ବିପଦଜନକ । ନିଜେ ସତର୍କ ହୋଇ ଯାତାୟତ ନକଲେ କେତେବେଳେ ଯେ ଜୀବନ ହାରିବାକୁ ପଡ଼ିବ ତାହା ଏଡ଼ାଇ ହେବନାହିଁ । ଏହି ସହର ବହୁ ପୁରାତନ ସହର । ସହର ପ୍ରତିଷ୍ଠାଠାରୁ ବର୍ତ୍ତମାନ ସମୟର ସହର ଜନସଂଖ୍ୟା ଅହେତୁକ ବୃଦ୍ଧିହୋଇ ସହରର ପରିସୀମା ସିଡିଏ, ମହାନଦୀବିହାର ଠାରୁ ଆରମ୍ଭ କରି ତ୍ରିଶୂଳିଆ ଚୌଦ୍ୱାର ପର୍ଯ୍ୟନ୍ତ ବ୍ୟାପ୍ତ ହେଲାଣି । ସହର ଏକ ତ୍ରିକୋଣ ଭୂମିରେ ଅବସ୍ଥିତ । ସହରର ମୁଖ୍ୟତଃ ମହାନଦୀ ଓ କାଠଯୋଡ଼ି ମଧ୍ୟରେ ନିଜ କାୟାବିସ୍ତାର କରି ଆଜି ବିଶ୍ୱ ପରିଚିତ । ଏହାକୁ ମଧ୍ୟ ବାଣିଜ୍ୟକ କେନ୍ଦ୍ର କୁହାଯାଏ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଦୈନିକ ଲକ୍ଷ ଲକ୍ଷ ଲୋକ ଏହି ସହରକୁ ନିଜ ବେପାର, ଚାକିରି, ହସ୍ପିଟାଲ, କୋର୍ଟ କାମରେ ଆସିଥାନ୍ତି । ସହରର ରାସ୍ତାଘାଟ ଅଣଓସାରିଆ ଓ ପ୍ରସସ୍ତ ହୋଇନଥିବାରୁ ଦୈନନ୍ଦିନ ବହୁଲୋକ ଦୁର୍ଘଟଣାର ଶିକାର ହେଉଥିବା ଦେଖାଯାଉଛି । କଟକର ମୁଖ୍ୟତଃ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ, ଷ୍ଟେସନ୍, ହାଇକୋର୍ଟ, କଲେଜ ଛକ, ବକ୍ସିବଜାର, ଚାନ୍ଦିନୀଚୌକ, ବାଲୁ ବଜାର, ମଙ୍ଗଳାବାଗ, ରାଣୀହାଟ, ଲିଙ୍କରୋଡ୍ ?, ଓଏମ୍ ?ପି, ନୂଆବଜାର,ଶିଖରପୁର-ଗଣ୍ଡରପୁର, ସିଡିଏ, ଯୋବ୍ରା, ଷ୍ଟାଡିୟମ୍ ଆଦି ବହୁ ସ୍ଥାନମାନଙ୍କରେ ଦୈନନ୍ଦିନଟ୍ରାଫିକ ଅବସ୍ଥା ସଂଗୀନ୍ ହୋଇପଡ଼ିଛି । ଏହା ଫଳରେ ବହୁ ଲୋକେ ସଠିକ ରୂପେ ଯାତାୟାତ କରିନପାରି ବିଭିନ୍ନ ପ୍ରକାର ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି । ପୋଲିସ, ପ୍ରଶାସନ ସବୁଜାଣି ନୀରବ ରହି ସୁଦୃଢ଼

ଟ୍ରାଫିକ୍ ବ୍ୟବସ୍ଥା କଟକରେ ହେଉଛି ବୋଲି ପ୍ରଚାର ପ୍ରସାର କରି ବାଃ ବାଃ ସାଉଁଟୁଛି ପୋଲିସ ଓ ପ୍ରଶାସନ। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ । କଟକରେ ଦୈନିକ ୧୨୦୦ରୁ ଊର୍ଦ୍ଧ୍ୱ ବସ୍ ବାଦାମବାଡ଼ିରୁ ବାହାରି ରାଜ୍ୟର ବିଭିନ୍ନ ସ୍ଥାନକୁ ଗମନାଗମନ କରୁଛି । ଦୈନନ୍ଦିନ ଏଠାକୁ ଲକ୍ଷ ଲକ୍ଷ ଲୋକ ଆସୁଥିଲେ ମଧ୍ୟ ଅପରିଚାଳନା ଟ୍ରାଫିକ୍ ବ୍ୟବସ୍ଥା ଯୋଗୁଁ ସେମାନେ ମଧ୍ୟ ନାନାପ୍ରକାର ଅସୁବିଧାର ଶିକାର ହେଉଛନ୍ତି । ଦୁଇଟିକିଆ ରାସ୍ତାରେ ଚାରିଥାକିଆ ଗାଡ଼ିଚଳାଚଳ କରୁଥିଲା ବେଳେ ସାଧାରଣ ପଥଚାରୀ, ଭିନ୍ନକ୍ଷମ ଓ ଛାତ୍ରଛାତ୍ରୀମାନେ ଯାତାୟତ କରିବା କାଠିକର ବାଟ । ଅଣଓସାରିଆ ରାସ୍ତା ଏପଟେ ଗାଡ଼ି ଚଳାଚଳ ଓ ଅନ୍ୟପଟେ ଉଠା ଦୋକାନୀମାନଙ୍କର ସ୍ଥାନ ଆଦରିବା ଫଳରେ ସାଧାରଣ ଲୋକ କଟକ ରାସ୍ତା ଉପରେ ଚାଲିବା ମୁସ୍କିଲ ହୋଇଯାଉଛି । ଟ୍ରାଫିକ୍ ପୋଲିସ ଥାଇ ନଥିଲା ଭଳିଆ । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କ

ଧରଣ ଟ୍ରାଫିକ୍ ସମସ୍ୟାର ସମାଧାନକୁ ଏଡ଼ାଇ ହେବନାହିଁ । ବର୍ତ୍ତମାନ ସମୟରେ କଟକରେ ଦୈନନ୍ଦିନ ଅଟୋ ଚଳାଚଳ ଟ୍ରାଫିକ୍ ସମସ୍ୟାକୁ ଦୁଇଗୁଣିତ କରୁଛି । ବିନା କଟକଣାରେ ଅଟୋଚାଳକମାନେ ରାସ୍ତାରେ ଅଟୋ ପାର୍କିଂ କରି ଓ ଅଟୋ ଚଳାଚଳ କରି ବିଭିନ୍ନ ସ୍ଥାନମାନଙ୍କରେ ରାସ୍ତା ଉପରେ ଅଟୋ ରଖି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି ମାତ୍ର ପୋଲିସ ର କୌଣସି କଟକଣା କି ତନଖି କରାଯାଉ ନଥିବା ବାସ୍ତବିକ ଚିନ୍ତା ର ବିଷୟ । ଏହା ଜାଣି ମଧ୍ୟ ପୋଲିସ ନୀରବ । ଏହାଛଡ଼ା କଟକୀ ରିକ୍ସା ଜନସାଧାରଣଙ୍କର ମଧ୍ୟରେ ଅଛେ ବହୁତେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି । କଟକର ଟ୍ରାଫିକ୍ ଅବସ୍ଥା ଯେତେ ସଂଗୀନ୍ ହେଲେ ମଧ୍ୟ ତାର ସମାଧାନ ପାଇଁ କେହି ବ୍ୟସ୍ତ ନଥିବା ଦୃଷ୍ଟିଗୋଚର ହେଉଛି । କଟକରେ ଦୈନନ୍ଦିନ ଚଳାଚଳ କରୁଥିବା ମୋ'ବସ୍ ବହୁ ସ୍ଥାନରେ ବିନା ଷ୍ଟପେଜ୍ ?ମାନଙ୍କରେ ଲୋକ ମାନଙ୍କୁ ଉଠାଇ ରାସ୍ତା ଉପରେ ଗାଡ଼ି ରଖି ବ୍ରେକ୍ ମାରୁଥିବାରୁ ପଛରେ ଆସୁଥିବା ଲୋକ ବେଳେ ବେଳେ ମୋ' ବସ୍ ସହିତ ଧକ୍କା ମଧ୍ୟ ହେଉଥିବାର ଦେଖିବାକୁ ମିଳିଛି । ଦୈତନଗରୀରେ ଲୋକମାନଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ସ୍ଥାପନ କରିବା ପାଇଁ ଓଡ଼ିଶା ପୋଲିସ ୧୬ବର୍ଷ ତଳେ କମିଶନରେଟ୍ ପୋଲିସ୍ ଗଠନ କରିଥିଲା । କଟକ ଭୁବନେଶ୍ୱର ଦୈତନଗରୀ ଲୋକମାନଙ୍କ ସୁରକ୍ଷା ପାଖରେ ଉତ୍ତରଦାୟୀ ବୋଲି ସେତେବେଳେ କମିଶନରେଟ୍ ରପୋଲିସର ସ୍ଲୋଗାନ୍ ଥିଲା ।ବର୍ତ୍ତମାନ ଟ୍ରାଫିକ ଅବସ୍ଥା କୁ ଦେଖି ତାହାବାରି ହେଉଛି ସେମାନେ କେତେ ଉତ୍ତର ଦାୟୀ ।କଟକରେ ମଧ୍ୟ ପୋଲିସର ହେଡ୍‌କ୍ୱାଟର୍ ଥିଲେ ମଧ୍ୟ ଏବଂ ଭୁବନେଶ୍ୱରରେ କମିଶନ ପୋଲିସର ମୁଖ୍ୟ କାର୍ଯ୍ୟାଳୟ ଥିଲେ ମଧ୍ୟ ଉଭୟ ସହରରେ ଟ୍ରାଫିକ୍ ବ୍ୟବସ୍ଥା ନକହିଲେ ଭଲ । କଟକର ୫୨ ବଜାର ୫୩ ଗଳି ଏବଂ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ବିଭିନ୍ନ ରାସ୍ତା । ଏହି ଗଳି ଓ ରାସ୍ତା ଦେଇ ଲକ୍ଷ ଲକ୍ଷ ଲୋକେ ଯାତାୟତ କରୁଥିବା ବେଳେ ଟ୍ରାଫିକ୍ ବ୍ୟବସ୍ଥା ସୁନିୟନ୍ତ୍ରଣ ହରାଇଥିବାରୁ ସେମାନେ ନାନା ସମୟରେ ଦୁର୍ଘଟଣା ହେବା ଛଡ଼ା ରାସ୍ତା ପାଖ ଖୋଲା ଡ୍ରେନ୍‌ରେ ମଧ୍ୟ ଗୁଡ଼ିଏ ଲୋକ ପଡ଼ି ଦୈନନ୍ଦିନ ଦୁର୍ଘଟଣାର ଶିକାର ହେଉଛନ୍ତି । ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ କମିଶନରେଟ୍ ପୋଲିସ୍ ସାଧାରଣତଃ କଟକରେ ବିଫଳ ହୋଇଥିବା ଦେଖାଯାଇଛି । କଟକରେ ବର୍ତ୍ତମାନ ୧୫୪ଗୋଟି ଟ୍ରାଫିକ୍ ପୋଲିସ୍‌ର ପଦବୀ ଥିଲାବେଳେ ବର୍ତ୍ତମାନ ୧୦୭ଗୋଟି ଟ୍ରାଫିକ୍ କନେଷ୍ଟବଲ, ୧୭ ଜଣ ହାବିଲଦାର, ୨୩ଜଣ ଓପିଏଫ୍ (ସହାୟକ) ଏବଂ ଜଣେ ଇନ୍‌ସ୍ପେକ୍ଟର, ଜଣେ ଏଏସ୍‌ଆଇ ନିୟୋଜିତ । ଏହାଛଡ଼ା ବିଭିନ୍ନ ବିଦ୍ୟାଳୟମାନଙ୍କୁ ଟ୍ରାଫିକ୍ ସହାୟତା କରିବା ପାଇଁ ୧୨୦ଜଣ ମହାବିଦ୍ୟାଳ ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରାଯାଇଛି । ବର୍ତ୍ତମାନ କଟକରେ ୪୩କୋଟି ଟ୍ରାଫିକ ପଦବୀ ଖାଲି ଅଛି । ତାହାକୁ ପୂରଣ କରିବା ପାଇଁ କୌଣସି ମନୋବଳ ସରକାରଙ୍କର ଦେଖାଯାଉନାହିଁ । ଏହା ବାସ୍ତବିକ ଚିନ୍ତାର ବିଷୟ । ଖୁବ ଶୀଘ୍ର ଏହାର ସମାଧାନ କରି କଟକ ରେ ଉନ୍ନତ ଟ୍ରାଫିକ ବ୍ୟବସ୍ଥା କରିବା ସହ ସହର ର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କ ରେ ଟ୍ରଫିକ ନିୟନ୍ତ୍ରଣ ପାଇଁ ପୋଲିସ କି ହୋମ ଗାଡ଼ କି କଲେଜ ଛାତ୍ର ଛାତ୍ରୀ (ଯେଉଁମାନେ ଟ୍ରଫିକକୁ ସହଯୋଗ କରୁଛନ୍ତି)ଙ୍କୁ ନିୟୋଜିତ କରିଲେ ହୁଏତ

ପଏରେ ପର୍ଯ୍ୟାପ୍ତ ମାନବ ସମ୍ବଳ ଅଭାବ । ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସିଗ୍ ?ନାଲ୍ ଅଚଳ । ବିନା ହେଲ୍‌ମେଟ୍‌ରେ ଅଧିକାଂଶ କଟକିଆ କଟକର ରାସ୍ତା ଉପରେ ଗମନାଗମନ କରୁଥିଲେ ମଧ୍ୟ ପାଖରେ ଠିଆ ହୋଇଥିବା ଟ୍ରାଫିକ୍ ଦେଖି ନ ଦେଖିଲା ପରି ଠିଆ ହୋଇଥାଏ ।ବେଳେ ବେଳେ ଉପରିସ୍ଥ ଅଫିସର ଙ୍କୁ ଖୁସି କରିବା ପାଇଁ କି ନିଜ ଟାର୍ଗେଟ ପାଇଁ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ପୋଲିସ ହେଲମେଣ୍ଟ ଚେକିଂ କରି ଜୋରିମାନା ଆଦାୟ କରି ସବାସୀ ସାଉଁଟି ଥାଏ ବିଭାଗ ରୁ ।ବହୁ ଦିନ ତଳେ ଦୈତ୍ୟ ନଗରୀରେ ହେଲମେଣ୍ଟ ପିନ୍ଧି ଗାଡି ଚଳେଇବା ପାଇଁ ପୋଲିସ, ପ୍ରଶାସନ ସଚେତନ କାର୍ଯ୍ୟକ୍ରମ କରି ନୋ ହେଲମେଣ୍ଟ ନୋ ପେଟ୍ରୋଲ ବ୍ୟବସ୍ଥା ଲାଗୁ କରିଥିଲେ ମାତ୍ର ସେଥିରେ ମଧ୍ୟ ପେଟ୍ରୋଲ ପମ୍ପ ର ମାଲିକ ମାନେ ସହଯୋଗ କରିଥିଲେ ।ପୋଲିସ ମଧ୍ୟ ତନଖି କରି ଯିଏ ହେଲମେଣ୍ଟ ପିନ୍ଧି ନଥିବ ତାକୁ ପେଟ୍ରୋଲ ମନା କରାଯିବା ସହ ଜୋରିମାନା ଆଦାୟ ହେଇ ବହୁ ଜୋରେ ଏକ ହେଲମେଣ୍ଟ ପିନ୍ଧା ବାତାବରଣ ସୃଷ୍ଟି କଟକ ରେ ମଧ୍ୟ ହେଲା ।ଅମାନିଆ କଟକି ଲୋକ ବାଧ୍ୟ ହୋଇ ହେଲମେଣ୍ଟ ପିନ୍ଧିବା ଅଭ୍ୟାସ କଲେ ମାତ୍ର ପୋଲିସ ତନଖି କୋହଳ ଓ ପରବର୍ତ୍ତୀ ସମୟରେ ପୋଲିସ ଆଉ ସସେଦିଗ ରେ ତନଖି ନକରିବାରୁ ଲୋକେ ବିନା ହେଲମେଣ୍ଟ ରେ ପେଟ୍ରୋଲ ପମ୍ପ ରେ ତେଲ ପକେଇଲେ । ପେଟ୍ରୋଲ ଟାଙ୍କି ମଧ୍ୟ ନିଜ ବେପାର ପାଇଁ ସେମାନଙ୍କୁ

ମଧ୍ୟ ତେଲ ଦେଲେ ।ପୋଲିସ ର କୋହଳ ଯୋଗୁଁ ଏହା ସମ୍ଭବ ହେଲା ବୋଲି ଲୋକେ କହୁଛନ୍ତି ।କଟକ ରେ ନିକଟ ଭବିଷ୍ୟତରେ ଏକ ବଡ଼ଧରଣର ଟ୍ରାଫିକ୍ ସଙ୍କଟ ଦେଖାଦେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । କାରଣ ସହର ଭିତରେ ଖାନ୍‌ନଗର ପାଖରେ ନୂତନ ଭାବେ ନିର୍ମାଣ ହେଉଥିବା ବସ୍ ଟର୍ମିନାଲ୍ ।ସାଧାରଣତଃ ସହର ବାହାରେ ବସ୍ ଟର୍ମିନାଲ୍ ହେବାକଥା । ସହର ଭିତରେ ବସ୍ ଟର୍ମିନାଲ୍ ହେଲେ ଅଣଓସାରିଆ କଟକ ସହରର ରାସ୍ତାରେ ଟ୍ରାଫିକ୍ ଜାମ୍ ନିଶ୍ଚିତ ଭବିଷ୍ୟତରେ ହେବ ଓ ଟ୍ରାଫିକ୍ ସମସ୍ୟାକୁ ସମାଧାନ କରିବା ବଦଳରେ ତାହା ଦୁଇ ତିନିଗୁଣିତ ହେବାର ସମ୍ଭାବନାକୁ ଏଡ଼ାଇ ହେବନାହିଁ । ସରକାରୀ ବାବୁମାନେ ଓ ପ୍ରଶାସନିକ ଅଧିକାରୀମାନେ ଲୋକସଭା ଭବନରେ ବସି ସାଟ୍‌ଲାଇଟ୍ ପିକ୍‌ଚର, ଗୁଗୁଲ୍ ମ୍ୟାପ୍ ଛବି ଓ ଜିଓ ଟ୍ୟାଗ୍‌ରେ ବସ୍‌ଷ୍ଟାଣ୍ଡରେ ସ୍ଥାନ ନିରୂପଣ କରି ଏହାକୁ ଏକ ଉନ୍ନତମାନର ବସ୍‌ଷ୍ଟାଣ୍ଡ୍ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇ ନିର୍ମାଣ କାର୍ଯ୍ୟ କରୁଛନ୍ତି ତାହାକୁ ବହୁ କଟକିଆ ନାପସନ୍ଦ କଲେ ମଧ୍ୟ ସରକାର ତାଙ୍କର କ୍ଷମତା ବଳରେ ତାହାକୁ ସମ୍ପୂର୍ଣ୍ଣ କରିବାରେ ଲାଗିଛନ୍ତି । ଏହା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେଲେ କଟକରେ ବଡ଼ କଟକରେ ଟ୍ରାଫିକ ଅବସ୍ଥାରେ କିଛିଟା ସୁଧାର ଆସିପାରିବ ଓ ଲୋକେ ବହୁ ଦୁର୍ଘଟଣାରୁ ରକ୍ଷା ପାଇପାରିବେ । ସବୁଠାରୁ ବଡ଼ କଥା କଟକ ର ଆବୁଡା ଖବୁଡା ରାସ୍ତା ଓ ଖୋଲା ଡ୍ରେନ ଏହା କଟକର ଅସରାଏ ବର୍ଷାରେ ସବୁ ଏକାକାର ହୋଇଥାଏ ଯାହା ଫଳରେ ଲୋକ ଉକ୍ତ ସମୟରେ ଗାଡି ରେ ଯାତାୟାତ କରୁଥିବା ସମୟରେ ଆବୁଡା ଖବୁଡା ରାସ୍ତାରେ ପଡି ଦୁର୍ଘଟଣା ହେବା ସହ ବହୁ ଲୋକ ମଧ୍ୟ ମୃତ୍ୟୁ ବରଣ କରିଥାନ୍ତି । କଟକ ର ଟ୍ରାଫିକ ବ୍ୟବସ୍ଥା ର ଅନ୍ୟ ତମ କାରଣ ଆବୁଡା ଖବୁଡା ରାସ୍ତା ଓ ଲୋକଙ୍କ ସଚେତନତା ଅଭାବ । ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜନସାଧାରଣଙ୍କ ଜୀବନ ସୁରକ୍ଷା କରିବା ସେମାନଙ୍କ ଗୁରୁ ଦାୟିତ୍ୱ । ଏ ସମ୍ପର୍କରେ ଦୈତ୍ୟ ନଗରୀର ଟ୍ରାଫିକ ଡ଼ିସିପି ଠାକୁର ପ୍ରସାଦ ରାୟଙ୍କୁ ପଚାରିବାରୁ ସେ କହିଲେ ମୁଁ ଛୁଟି ରେ ଅଛି ମାତ୍ର ଆମର ମାନବ ସମ୍ବଳ ର ବିଶେଷ ଅଭାବ ରୁ ମୁଖ୍ୟତଃ ଟ୍ରାଫିକ ସମସ୍ୟା ଦେଖାଦେଉଛି ।ସରକାର ଏଥିପ୍ରତି ଦୃଷ୍ଟି ଦେଇ ଅଧିକ ସଂଖ୍ୟକ ପୋଲିସ ମୁତୟନ କଲେ ହୁଏତ ଏହି ସମସ୍ୟା ଦୁରୀଭୂତ ହେବ ।

ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନାର କାର୍ଯ୍ୟକ୍ଷମ ସମ୍ପର୍କିତ କର୍ମଶାଳା

ଖପ୍ରାଖୋଲ(ପିପିଏସ) ବ୍ଲକ୍ ସଭା ଗୃହ ଠାରେ ସ୍ୱଚ୍ଛ ଭାରତ ମିଶନ ରେ ନିର୍ମିତ ପାଇଖାନା ର ବ୍ୟବହାର ଉପରେ ସଚେତନା କର୍ମଶାଳା ବିଡ଼ିଓ ରଶ୍ମି ରଞ୍ଜନ ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳା ରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ଜିଲ୍ଲା ପରିଷଦ ର ଏପିଡି ଆଡମିନ ଗୁଣନିଧି ନାୟକ , ସମ୍ମାନିତ ଅତିଥି ରୂପେ ୟୁନିସେଏଫ୍ ର ଜଳ, ପରିମଳ ଓ ପରିଚ୍ଛନ୍ନତା ର ଜିଲ୍ଲା ସଂଯୋଜକ ବିଜୟକୁମାର ସାହୁ, ଜିଲ୍ଲା ସ୍ୱଚ୍ଛତା କମିଟି ଜିଲା ସଂଯୋଜକ ଦୁଷ୍ମନ୍ତ ସାହୁ, ପ୍ରଶାନ୍ତ ସାହୁ, ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନ ରେ ନିର୍ମିତ ପାଇଖାନା ଗୁଡ଼ିକ କିଭଳି ସମସ୍ତେ ବ୍ୟବହାର କରିପାରିବେ । ପାଇଖାନା ରେ ଦୁଇଟି ଟାଙ୍କି କରିବା ସହ ସାଛତା ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜି ଆର ଏସ ମାନେ ଉପସ୍ଥିତ ଥିଲେ । ଜିପିଇଓ ଧନ୍ୟବାଦ ଅର୍ପଣ କରିଥିଲେ

ଏନ୍‌ସିସି ଏୟାର ଉଇଙ୍ଗ୍, ନାଭାଲ ଉଇଙ୍ଗର କନିଷ୍ଠ ଓ ବରିଷ୍ଠ ଉଇଙ୍ଗ୍ ଖୋଲିବାକୁ ଦାବି

ଜୟପୁର, (ହି.ସ.) - ଏନସିସି ଏୟାର ଉଇଙ୍ଗ, ନାଭାଲ ଉଇଙ୍ଗର କନିଷ୍ଠ ଓ ବରିଷ୍ଠ ଉଇଙ୍ଗ ଖୋଲିବାକୁ ଦାବି ହୋଇଛି । ଏନସିସି ଆଲୁମିନି ଜୟପୁର ତରଫରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୁଜାରି ଓ ଡିଜିକୁ ପ୍ରଦାନ କରାଯାଇଛି । ଯୁବ ପଡି ମଧ୍ୟରେ ଏକତା ଓ ଶୃଙ୍ଖଳା ଆଣୁଛି । ଯଦ୍ୱାରା ନେତୃତ୍ୱ ନେବାର ସକ୍ଷମ, ପରିଚାଳନା କରିବାର ଦକ୍ଷତା ଓ ମାତୃଭୁମି ପ୍ରତି ସେବା କରିବାର ସୁଯୋଗ ମିଳିଛି । ଏନସିସି ଏୟାର ଉଇଙ୍ଗ, ନାଭାଲ ଉଇଙ୍ଗର କନିଷ୍ଠ ଓ ବରିଷ୍ଠ ଉଇଙ୍ଗ ଜୟପୁର ରେ ଖୋଲିବା ସହ ଟ୍ରେକିଙ୍ଗ କ୍ୟାମ୍ପ ମଧ୍ୟ କରାଯାଉ । ଜାତୀୟ ସ୍ତରର କ୍ୟମ୍ପ ମଧ୍ୟ ଏଠାରେ କରିବାକୁ ଦାବି କରାଯାଇଛି ।

ଏଠାରେ ପାହାଡ ଚଢିବା, ପାରା ସେଲିଙ୍ଗ, ନୌକା ଚାଳନାର କ୍ୟାମ୍ପ କରିବାକୁ ଦାବି ପତ୍ର ରେ ଉଲ୍ଲେଖ ରହିଛି । ଅଲୁମିନିର ସଦସ୍ୟ କୃଷ୍ଣ କେଶବ ଷଡଙ୍ଗି, ରଞ୍ଜନ କୁମାର ମିଶ୍ର ରମଣ ହିୟାଲ, ଦେବେନ୍ଦ୍ର ବିହାନିପତି. ଦୁର୍ଗା ଚରଣ ସାହୁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଦାବି ପତ୍ର ପ୍ରଦାନ କରିଛନ୍ତି ।

'ଭିଜନ ଓଡ଼ିଶା ୨୦୩୬' ସମ୍ପର୍କିତ ଆଲୋଚନାଚକ୍ର ପ୍ରଥମ ବିଶ୍ୱ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ଆୟୋଜନ ନେଇ ଆଲୋଚନା

ରାଉରକେଲା(ପିପିଏସ): ଦଳମତ, ସଂଗଠନ ଓ ଆଞ୍ଚଳିକ ଭେଦଭାବ ଭୁଲି ବିଶ୍ୱରେ ପ୍ରତି କୋଣରେ ଥିବା ସମସ୍ତ ଓଡିଶାବାସୀ ମିଳିମିଶି, ମାଟି ମା' ମାତୃଭାଷା ନିମନ୍ତେ କାର୍ଯ୍ୟ କଲେ ବିଶ୍ୱ ଦରବାରରେ ଓଡିଶା ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିବ । ଓଡ଼ିଶାରେ ସମସ୍ତ ପ୍ରକାର ପ୍ରାକୃତିକ ଓ କୃଷି ସମ୍ପଦ, ପର୍ଯ୍ୟଟନସ୍ଥଳୀ, ମାନବ ସମ୍ବଳ ଭରପୂର୍ ରହିଥିବା ବେଳେ ଏହାର ଉପଯୁକ୍ତ ବିନିଯୋଗ ହୋଇ ପାରୁନାହିଁ । ଏ ସବୁର ଲାଭବାନ ହେଉଛନ୍ତି ବାହାର ରାଜ୍ୟ । ଅନ୍ୟ ପକ୍ଷରେ ଓଡ଼ିଶାର ସାହିତ୍ୟ, ସଂସ୍କୃତି, କୁଟୀର ଶିଳ୍ପ ପାରମ୍ପରିକ ଶୈଳୀ ଦେଶ ଓ ଦେଶ ବାହାରେ ଆଦୃତ ହେଉଥିବା ବେଳେ ଏସବୁକୁ ଉପଯୁକ୍ତ ପ୍ରୋତ୍ସାହନ ଅଭାବ ରହିଛି । ଦେଶ ଓ ଦେଶ ବାହାରେ ଓଡ଼ିଆମାନେ ବହୁ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ସୁନାମ ଅର୍ଜନ କରିଥିବା ବେଳେ ମାଟି ମା' ମାତୃଭାଷା ପ୍ରତି ଅନେକଙ୍କ ଆନ୍ତରିକତା ଅଭାବ ରହୁଥିବା ପରିତାପର ବିଷୟ । ବିଶ୍ୱ ଦରବାରରେ ଓଡିଶାର ସ୍ୱତନ୍ତ୍ର ପରିଚିତ ସୃଷ୍ଟି ନିମନ୍ତେ ଏହାର ପ୍ରାକୃତିକ,କୃଷି ସମ୍ପଦ ଓ ମାନବ ସମ୍ବଳକୁ ଆନ୍ତରିକତା ର ସହ ଉପଯୁକ୍ତ ବିନିଯୋଗ କରି, ଓଡ଼ିଶାର ଅର୍ଥନୀତିର ବିକାଶ କରିବାକୁ ପଡ଼ିବ ବୋଲି ଆଜି ଆନ୍ତର୍ଜାତୀୟ ଓଡ଼ିଆ ସାଭିମାନ ପ୍ରତିଷ୍ଠାନ, ନୂଆଦିଲ୍ଲୀ ତରଫରୁ 'ଭିଜନ ଓଡ଼ିଶା ୨୦୩୬' ଆଲୋଚନା ଚକ୍ର ରେ ବିଭିନ୍ନ ଓଡ଼ିଆ ସଂଗଠନ, ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଥିଲେ । ଓଡିଶାର ରେଳପଥ ବୃଦ୍ଧି ସହ ଉପାନ୍ତ ଅଞ୍ଚଳକୁ ରେଳ ସଂଯୋଗ କରିବା, କୃଷି ଓ ପର୍ଯ୍ୟଟନ ପ୍ରତି ଗୁରୁତ୍ୱ ଦେବା, ଭୁବନେଶ୍ୱରରୁ ଭ ।ୟା କୋଣାର୍କ ଦେଇ ପୁରୀ ମେଟ୍ରୋ ରେଳ ପ୍ରତିଷ୍ଠା କରିବା, ଭୁବନେଶ୍ୱର ବିମାନ ବନ୍ଦରରୁ ବିଭିନ୍ନ ଦେଶ କୁ ସିଧାସଳଖ ବିମାନ ଚଳାଚଳ କରିବା ସହ ରାଜ୍ୟରେ ଅଧିକ ଉଚ୍ଚକୋଟୀର ବିମାନ ବନ୍ଦର ପ୍ରତିଷ୍ଠା କରିବା, ରାଜ୍ୟରୁ ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ସିଧାସଳଖ ଅଧିକ ଟ୍ରେନ ସଂଖ୍ୟା ବୃଦ୍ଧି କରିବା ଇତ୍ୟାଦି ମତ ବକ୍ତା ମାନେ ଉପସ୍ଥାପନ କରିବା ସହ ରାଜ୍ୟର ବିକାଶ ଧାରାକୁ ଆଗକୁ ନେବା ନିମନ୍ତେ ଶିକ୍ଷା ଓ ସାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେବା ନିମନ୍ତେ ଆଲୋଚନା ହୋଇଥିଲା । ଏହି ପରିପେକ୍ଷୀରେ ଚଳିତ ବର୍ଷ ପ୍ରତିଷ୍ଠାନ ତରଫରୁ ବିଭିନ୍ନ ଓଡ଼ିଆ ଅନୁଷ୍ଠାନ ଓ ସରକାରଙ୍କ ସହଯୋଗରେ ପ୍ରଥମ ବିଶ୍ୱ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ମହା ସମାହାରରେ ଆୟୋଜନ ନେଇ ଆଲୋଚନା ହୋଇଥିଲା । ଅତିଶିଘ୍ର ବିଶ୍ୱ ସମ୍ମିଳନୀ ର ରୂପରେଖ ପ୍ରସ୍ତୁତି କରାଯିବ ନେଇ ଆଲୋଚନା ହୋଇଥିଲା । ପ୍ରତିଷ୍ଠାନ ର ମୁଖ୍ୟ ସଂଯୋଜକ ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ସାବତଙ୍କ ସଭାପତିତ୍ୱ କରି ଓଡ଼ିଶାର ସାଭିମାନ,ସଂସ୍କୃତି, ପରମ୍ପରା, କୁଟୀର ଶିଳ୍ପ, ପର୍ଯ୍ୟଟନ ବିଶ୍ୱ ଦରବାରରେ ପ୍ରସିଦ୍ଧ ହେଲେ ଏହି ସବୁକୁ ଆହୁରି ବ୍ୟାପକ କରି ଓଡ଼ିଶାର ଅର୍ଥନୀତି କୁ ମଜୁବୁତ କରିବା ସହ ନିଜ ମାଟିରେ ଅର୍ଥରୋଜଗର କରିବା ଭଳି ବିଭିନ୍ନ ଶିଳ୍ପ ଓ ଯୋଜନା ସରକାରୀ ବେସରକାରୀ ମାଧ୍ୟମରେ ସୃଷ୍ଟି କରିବା ଉଚିତ । ଯାହା ଫଳରେ ଆମର ମାନବସମ୍ବଳ ଆମ ରାଜ୍ୟ ବିକାଶରେ ଅଧିକ ବିନିଯୋଗ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ପ୍ରସାଶନିକ ଅଧିକାରୀ ଡ କୃଷ୍ଣ ଚନ୍ଦ୍ର ସାହୁ ଯୋଗଦେଇ ଓଡ଼ିଶାର ଅସ୍ମିତା ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ସମ୍ମିଳନୀ ର ସଭାପତି ସୂର୍ଯ୍ୟ ନାରୟଣ ମିଶ୍ର, ଡ ବିନୋଦ ଚନ୍ଦ୍ର ସାବତ, ମଧୁସୂଦନ ଦାସ, ବିରଜା ମହାପାତ୍ର, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ଦେବାରଜ ମହାନ୍ତି ପ୍ରମୁଖ ମଞ୍ଚାସିନ ରହି ଓଡ଼ିଶା ର ସାଭିମାନ ଦିଗରେ ଆନ୍ତର୍ଜାତୀୟ ସାଭିମାନ ପ୍ରତିଷ୍ଠାନ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ସମସ୍ତ ଓଡ଼ିଆ ସଂଗଠନ ମିଳିମିଶି କର୍ଯ୍ୟକରିବା ଆବଶ୍ୟକ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ଅବସରେ କିଛି ଓଡ଼ିଆ ଅନୁଷ୍ଠାନ, ସଙ୍ଗଠନ ଓ ବ୍ୟକ୍ତି ଙ୍କୁ ପ୍ରତିଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ଆଲୋଚନା ଚକ୍ରରେ ରିତା ପାତ୍ର, ଦିଲ୍ଲୀପ ବେହେରା, ଅରୁଣ ପଲେଇ, କନକ ଲତା ମିଶ୍ର, ଡ ହିମାଂଶୁ ଶେଖର ଷଡ଼ଙ୍ଗୀ, ବାସନ୍ତୀ ପୃସେଠ୍,ଅଳକା ସାହୁ, ରଫିଦା ଖାନ,ସିମରନ୍ ଜମାଲ, ବିଭୁ ପ୍ରସାଦ ସାହୁ, ଅକ୍ଷୟ ସାମଲ ଙ୍କ ସମେତ ବହୁ ଓଡ଼ିଆ ସଂଗଠକ ବୁଦ୍ଧିଜୀବୀ ଗଣମାଧ୍ୟମ ବ୍ୟକ୍ତିତ୍ୱ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର କୃଷ୍ଣଚନ୍ଦ୍ର ସାବତ, ଉମାକାନ୍ତ ଦାସ,ଶଙ୍କର୍ଷଣ ପାଢ଼ୀ, ରାମେଶ୍ୱରୀ ନନ୍ଦ, ରଶ୍ମିତା ସାବତ, ବିସମିତା ସାବତ ପ୍ରମୁଖ ପରିଚାଳନା କରିଥିଲେ ।ଶେଷରେ ପ୍ରତିଷ୍ଠାନର ସଚିବ ସନ୍ତୋଷ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ଆବାସ ଯୋଜନା ଅଧାପନ୍ତରିଆ ନେଇ ଥାନାରେ ଅଭିଯୋଗ

ଜୟପୁର, (ହି.ସ.) - ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଚାଲିଛି ଠିକାଦାରଙ୍କ ରାଜ । ଅନେକ ହିତାଧିକାରୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘର ଗୁଡିକୁ ଅଧ ପନ୍ତରିୟା କରି ଛାଡି ଦେଇଛି ଠିକାଦାର । ବର୍ଷ ବର୍ଷ ଧରି ଘର ଗୁଡିକ ଅର୍ଧନିର୍ମିତ ହୋଇ ପଡିରହିଛି । ବରମ୍ବାର ହିତାଧିକାରୀ ଘର କାର୍ଯ୍ୟ ସମ୍ପନ୍ନ କରିବାକୁ କହିଲେ ବି ଠିକାଦାର ଘରକାମ କରୁନି କି ପ୍ରଶାସନ ମଧ୍ୟ ନୀରବ ରହିଛି । ଶେଷରେ ହିତାଧିକାରୀ ମାନେ ଘର କାର୍ଯ୍ୟ ସମ୍ପୁର୍ଣ୍ଣ ପାଇଁ ଥାନାର ଦ୍ୱାରାସ୍ଥ ହୋଇଛନ୍ତି । ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି କୋରାପୁଟଜିଲା ବୋରିଗୁମ୍ମା ବ୍ଲକର ସଲାଗୁଡା ଗାଁରୁ । ଅଭିଯୋଗ ଅନୁଯାୟୀ କାମରା ଫଂଚାୟତର ସୋଲାଗୁଡା ଗ୍ରାମରେ ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷ ରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କିଛି ହିତାଧିକାରୀ ଘର ପାଇଥିଲେ । ଅଶିକ୍ଷିତ ଆଦିବାସୀ ଲୋକ ନିଜେ ଘର କରିପାରିଲେ ନାହିଁ । କିଛି ହିତାଧିକାରୀ ଦଲାଲଙ୍କ ହାତରେ କାମ ଦେଇଥିଲେ । ବର୍ଷ ବର୍ଷ ଧରି ହିତାଧିକାରୀଙ୍କ ଘର କାମ ସମ୍ପନ୍ନ କରିନି ଦଲାଲ । କେଉଁ ଘର ପ୍ଲାଷ୍ଟାଙ୍ଗି ହୋଇନି ତ ଆଉ କେଉଁଠି କବାଟ ଝରକା ଲାଗିନି, ଆଉ କେଉଁ ଘର ଛାତବି ପଡିନି । ଦଲାଲ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟୁ ଚନ୍ଦ୍ରିକା କାରଣରୁ ଏଭଳି ହେଉଛି ବୋଲି ହିତାଧିକାରୀ ଅଭିଯୋଗ କରିଛନ୍ତି । ପ୍ରଶାସନକୁ ବାରମ୍ବାର ଗୁହାରି କଲେ ବି କୌଣସି ଫଳପ୍ରଦ ହେଇନାହିଁ ଏଣୁ ବୋରିଗୁମ୍ମା ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବାକୁ ବାଧ୍ୟ ହୋଇଥିବା ସଲାଗୁଡା ର ହିତାଧିକାରୀ କହିଛନ୍ତି । ଏନେଇ ବ୍ଲକ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ ।

ସିଲ୍ ହେଲା ରିମୁଳି ମଦ ଦୋକାନ

ଚମ୍ପୁଆ, (ହି.ସ.): ରିମୁଳି ଠାରେ ଥିବା ବିଦେଶୀ ମଦ ଦୋକାନ ସ୍କୁଲ ପରିସରକୁ ଲାଗି ରହିଥିବାରୁ ବିରୋଧ କରି ଆସୁଥିଲା ଫଂଚାୟତ । ମଦ ଦୋକାନକୁ ହଟାଇବା ପାଇଁ ଦୀର୍ଘ ଦିନ ଧରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ରିମୁଳି ସରପଂଚଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗର ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ । ଫଳରେ ଏହି ମଦ ଦୋକାନକୁ ସିଲ୍ କରିଛି ଅବକାରୀ ବିଭାଗ । ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଠାରେ ଥିବା ସି ଟି ସ୍କୁଲ ନିକଟରେ ସରକାରଙ୍କ ଗାଇଡ଼ ଲାଇନକୁ ଉପେକ୍ଷା କରି ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଦୀର୍ଘ ଦିନରୁ ଖୋଲା ଯାଇଥିଲା । ଏହା ନାମକୁ ମାତ୍ର ଠିପି ବନ୍ଦ ମଦ ଦୋକାନ ଥିଲା । ପ୍ରକୃତ ପକ୍ଷେ ଦୋକାନରୁ ମଦ କିଣି ଏହି ଦୋକାନ ପରିସରରେ ମଦୁଆମାନେ ଖୁଲମ ଖୁଲା ମଦ ପିଇବା ଯୋଗୁଁ ଆଖ ପାଖରେ ସାଧାରଣ ଜୀବନ ଯାତ୍ରାରେ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା । ସରକାରୀ ଗାଇଡ଼ ଲାଇନକୁ ଉପେକ୍ଷା କରାଯାଇ ଅବକାରୀ ବିଭାଗର ଚଂଚକତାରେ ବିଦ୍ୟାଳୟ ନିକଟରେ ଏହି ମଦ ଦୋକାନ ଖୋଲା ଯାଇଥିବାବେଳେ ଏହାକୁ ବିରୋଧ କରି ଆସୁଥିଲା ରିମୁଳି ଫଂଚାୟତ । ସରପଂଚଙ୍କ ନେତୃତ୍ୱରେ ଗ୍ରାମବାସୀ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ହାଜର ହୋଇ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ଅଭିଯୋଗ ହୋଇଥିଲେହେଁ କୌଣସି ସୁଫଳ ମିଳି ନ ଥିଲା । ଫଳରେ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ଅଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ । ଶେଷରେ ଅବକାରୀ ବିଭାଗ ବାଧ୍ୟ ହୋଇ ଏହି ମଦ ଦୋକାନକୁ ସିଲ କରିଥିବା ଜଣା ପଡିଛି । ଦୀର୍ଘଦିନ ଧରି କରି ଆସୁଥିବା ଦାବୀ ପୂରଣ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିବା ଦେଖିବାକୁ ମିଳିଛି ।

ପାରଳା ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ପାରଳାଖେମୁଣ୍ଡି,(ପିପିଏସ୍): ପାରଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚୈତ୍ରଶୁକ୍ଳ ପ୍ରତିପଦା ଉତ୍ସବ ତଥା ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଷଷ୍ଠ ଠାରୁ ଦଶମଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ଏକ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତତ୍ ପରେ ବିଦ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ସରୋଜ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଜପତି ଜିଲ୍ଲାର ପରିବାର ପ୍ରବୋଧନ ପ୍ରମୁଖ ଶ୍ରୀ ଗୋ ?ରାଙ୍ଗଚରଣ ରାଇକା , ସମ୍ମାନିତ ଅତିଥି ବରିଷ୍ଠ ଆଚାର୍ଯ୍ୟ ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ସାହୁ ,ମୁଖ୍ୟବକ୍ତା ଭାବେ ସ୍ଥାନୀୟ ବିଦ୍ୟାଳୟର ସଂସ୍କୃତିଜ୍ଞାନ ପ୍ରମୁଖ ଶ୍ରୀଯୁକ୍ତ ବିଜୟ କୁମାର ଜେନା ଯୋଗଦେଇ ଆଜି ଦିବସର ବିଶେଷତ୍ୱ ତଥା ଗୁରୁତ୍ୱ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଶାରୀରିକ ପ୍ରମୁଖ ଶ୍ରୀଯୁକ୍ତ ଶ୍ରୀଯୁକ୍ତ ମୂରଲୀ ମୋହନ ପ୍ରଧାନ ନେତୃତ୍ୱରେ ତଥା ଅନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗରେ ସଫଳ ହୋଇଥିଲା ।

ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର

ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସ୍ଥାନୀୟ ଗ୍ରାମ୍ୟ ଆମ୍ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିର ଡକ୍ଟର ମିନତୀ ବେହେରା, ଅଧ୍ୟକ୍ଷ, ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଗଜପତି ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ,ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷ ନିର୍ମଳା ସେଠୀ, ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରୋମାଞ୍ଚଳ ଖମାରୀ, ଡିଏସପି ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ବୁରୁଡ଼ା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଈ ପ୍ରମୁଖ ମଞ୍ଚାସିନ ରହିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ସଶକ୍ତିକରଣର ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରାଇଥିଲେ । ଆଇନ୍ ସେବା ପ୍ରାଧିକରଣ ବିଭିନ୍ନ ଯୋଜନା ଯଥା ପୀଡ଼ିତା କ୍ଷତି ପୂରଣ ରାଶି, ମାଗଣା ଆଇନ୍ ସେବା ଲୋକ ଅଦାଲତ ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷ କହିଥିଲେ ଯେ ରାଜ୍ୟ ସରକାର ସମାଜରେ ମହିଳା ମାନଙ୍କ ଅଧିକାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେମାନଙ୍କୁ ଯଥା ସମ୍ଭବ ସବୁ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା

ଆମ ସମାଜର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ସେହିପରି ପାରିବାରିକ ହିଂସା ହେଉ କିମ୍ବା ଯୌତୁକ ନିର୍ଯ୍ୟାତନା ବା ଯୌନ ନିର୍ଯ୍ୟାତନା, କର୍ମ କ୍ଷେତ୍ରରେ ହତାଶ କଥା ହେଉ କିମ୍ବା କନ୍ୟା ଭ୍ରୁଣ ହତ୍ୟା ହେଉ ବାଲ୍ୟ ବିବାହ, ସାଇବର ଅପରାଧ, ସମ୍ପତ୍ତିଗତ ଅଧିକାର ସର୍ବପରି ନାରୀ ସମ୍ବନ୍ଧୀୟ ଯେତେ ଅଧିକାର ହେଉ ଏସବୁ ଉଲଂଘନ ହେଲେ ସେମାନଙ୍କ ନ୍ୟାୟ ପ୍ରଦାନ ପାଇଁ ଓଡିଶା ରାଜ୍ୟ ମହିଳା ଆୟୋଗ ଗଠନ କରାଯାଇଅଛି । ବିଶେଷକରି ମହିଳାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବାପାଇଁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷା, ସାସ୍ଥ୍ୟ କିଭଳି ସୁଦୃଢ ରହିବ ସେଥିପାଇଁ ରାଜ୍ୟ ସରକାର ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଓଡିଶା ରାଜ୍ୟ ମହିଳା ଆୟୋଗର ଅଧକ୍ଷା କହିଥିଲେ । ଆଜିର ଏହି ସଚେତନତା ଶିବିରରେ ଭଲ ପ୍ରଦର୍ଶନ କରିଥିବା ବିଭିନ୍ନ ବିଭାଗର ଦଶ ଜଣ ସଦସ୍ୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି ଯଥା ଅଙ୍ଗୱାଡ଼ି କର୍ମୀ ସୁକନ୍ତଲା ଭୂୟାଁ,ଗଙ୍ଗାବାଡ଼ ସରପଞ୍ଚ ହରିବନ୍ଧୁ କାର୍ଜୀ, ଜିଲ୍ଲା ସଂଯୋଜକ ଶିଶୁ ସୁରକ୍ଷା ବିଭାଗର ନାଗେଶ୍ୱର ଚୌଧୁରୀ, ମହିଳା ଓ ଶିଶୁ ବିଭାଗର କେ. ସୁନୀତା, ମିଶନ ଶକ୍ତି ବିଭାଗର ମହାଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସୁସୁମା ଗୌଡ଼, କନଷ୍ଟେବଳ ରୀନା ଦେବୀ, ଷ୍

ନାବାଳିକା ଦୁଷ୍କର୍ମ ମାମଲା

ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ

ଯାଜପୁର, (ପିପିଏସ) : ଜନୈକା ୪ର୍ଥ ଶ୍ରେଣୀ ନାବାଳିକା ଛାତ୍ରୀଙ୍କୁ ସ୍କୁଲ ରାସ୍ତାରୁ ଅପହରଣ କରି ନିଜ ଘରେ ଦୁଷ୍କର୍ମ କରିଥିବା ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ୨୦ ଜେଲ ଦଣ୍ଡାଦେଶ ହୋଇଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ଗତ ୨୦୧୯ ଅକ୍ଟୋବର ୩୧ ତାରିଖରେ ପାଣିକୋଇଲି ଥାନା ଅଂଚଳର ଜୈନିକା ନାବାଳିକା ୪ର୍ଥ ଶ୍ରେଣୀ ଛାତ୍ରୀ (୯ବର୍ଷ) ଖେଳଛୁଟିରେ ଘରକୁ ଆସି ମଧ୍ୟାହ୍ନଭୋଜନ ସାରି ସ୍କୁଲକୁ ଫେରୁଥିବା ସମୟରେ ସେହି ବାଟରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମଲିକ (୪୦) ସଂପୃକ୍ତା ଛାତ୍ରୀଜଣକୁ ଜୋରଜବରଦସ୍ତ ରାସ୍ତାରୁ ଉଠାଇ ନେଇ ନିଜ ଘରେ ବଳ ପୂର୍ବକ ଦୁଷ୍କର୍ମ କରିବା ସହ ଯଦି ଏ ସମ୍ପର୍କରେ କାହାରିକୁ ଜଣାଇବୁ ତେବେ ତୋତେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏଣୁ ଭୟରେ ପୀଡ଼ିତା ଜଣକ ଏ ଘଟଣାକୁ କେଉଁଠି ପ୍ରକାଶ କରିନଥିଲେ । ତେବେ ଘଟଣାର ପରଦିନ ଅର୍ଥାତ୍ ତା୦୧.୧୧.୨୦୧୯ରିଖରେ ପୀଡ଼ିତାଙ୍କର ଗୁପ୍ତାଙ୍ଗରେ ଅତ୍ୟନ୍ତ ଯନ୍ତ୍ରଣା ହେବାରୁ ବାଧ୍ୟହୋଇ ସମସ୍ତ ଘଟଣା ବିଷୟରେ ଘର ଲୋକଙ୍କୁ ଜଣାଇଥିଲା । ଏହି ଘଟଣାକୁ ନେଇ ପୀଡ଼ିତାର ବାପା ପାଣିକୋଇଲି ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପାଣିକୋଇଲି ଥାନା ପକ୍ଷରୁ ଆସାମୀକୁ ଗିରଫ କରି ଦଫା ୩୭୬(ଏ.ବି)/ ୩୬୩ /୫୦୬ / ୩୪୨ ଏବଂ ଧାରା ୬ପୋକ୍ସୋ ଧାରା ଅନୁଯାୟୀ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାରେ ମୋଟ୍ ୨୦ଜଣ ସାକ୍ଷୀଙ୍କ ସାକ୍ଷ ଓ ବୟାନକୁ ଆଧାର କରି ଆଜି ଯାଜପୁର ଜିଲ୍ଲା ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଜାନକୀ ବିଶ୍ୱାଳ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୫ହଜାର ଟଙ୍କା ଜୋରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି । ଏହି ମାମଲାରେ ପୀଡିତାଙ୍କ ପକ୍ଷରୁ ସରକାରୀ ଓକିଲ ରାଜୀବ ମହାନ୍ତି ପରିଚାଳନା କରିଥିଲେ ।

ଅଙ୍ଗନୱାଡ଼ି ସହାୟତାରେ ପୋଷଣ ଦିବସ ପାଳିତ

ସାକ୍ଷୀଗୋପାଳ (ପିପିଏସ) : ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମୂଳ ଅଳସା ଗ୍ରାମ ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର ସହାୟତାରେ ପୋଷଣ ଦିବସ ପାଳିତ ହୋଇଯାଇଛି । ଏହି ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ଛୋଟ ଛୁଆ, ନବଜାତ ଶିଶୁ, କିଶୋରୀ, ବାଳିକାମାନଙ୍କର ସ୍ନେହସାର, ଶ୍ୱେତସାର, ପୁଷ୍ଟିସାର, ଜୀବସାର, ଭିଟାମିନ-ଏ, ଓ ଭିଟାମିନ -ସି କିପରି ପାଇପାରିବେ ଏହା ଉପରେ ସଚେତନତା କରାଯାଇଥିଲା । ମୁଖ୍ୟତଃ ଅପପୁଷ୍ଟି ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ସଂପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ରିତାଞ୍ଜଳି ପ୍ରଧାନ, ମହିଳା ସ୍ୱାସ୍ଥ୍ୟ କର୍ମୀ ସୌଦାମିନୀ ସାହୁ, ଅଙ୍ଗନୱାଡ଼ି ୱାର୍କର ନମିତା ପ୍ରଧାନ, ଶାନ୍ତିଲତା ବରାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ । ପରିଶେଷରେ ଶରୀରର ପୁଷ୍ଟି ସାଧନ କେଉଁ କେଉଁ ପ୍ରକାର ଖାଦ୍ୟ,ଫଳ ଓ ପନିପରିବାର ଆବଶ୍ୟକ ରହିଥାଏ ତା'ର କିଛି ନମୁନା ପ୍ରସ୍ତୁତ କରାଯାଇ ସଭାଗୃହରେ ପ୍ରଦର୍ଶିତ କରାଯାଇଥିଲା ।

କାକଟପୁରରେ ଆରମ୍ଭ ହେବ ତ୍ରୟୋଦଶ ବାର୍ଷିକୀ ମା 'ମଙ୍ଗଳା ମହୋତ୍ସବ

କାକଟପୁର, (ପିପିଏସ) : ଆସନ୍ତା ୨୪ ତାରିଖରୁ ପୁରୀ ଜିଲ୍ଲା କାକଟପୁର ମିନି ଷ୍ଟାଡିଅମ ଠାରେ ୩ ଦିନ ବ୍ୟାପି ଆରମ୍ଭ ହେବ ତ୍ରୟୋଦଶ ବାର୍ଷିକୀ ମା 'ମଙ୍ଗଳା ମହୋତ୍ସବ । କୋଭିଡ କଟକଣା ପାଇଁ ଦୀର୍ଘ ଚାରି ବର୍ଷ ଧରି ବନ୍ଦ ଥିବା ମଙ୍ଗଳା ମହୋତ୍ସବ ଚଳିତ ବର୍ଷ ଏକ ନୂଆ ରୂପରେଖରେ ଝଟକି ଉଠିବ । ରାଜ୍ୟ ସରକାରଙ୍କ ୫ ବରିଷ୍ଠ ମନ୍ତ୍ରୀ ଓ ସାଂସଦ ମାନଙ୍କ ସହିତ ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ,ନୃତ୍ୟ ଶିଳ୍ପୀ ଓ ପ୍ରତିଷ୍ଠିତ କଳାକାର ମାନେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ୩ ଦିନ ବ୍ୟାପି ଉକ୍ତ ଉତ୍ସବରେ ରାଜ୍ୟ ପର୍ଯ୍ୟଟନ, ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ,କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି, ଜଗତସିଂହପୁର ସାଂସଦ ଡଃ ରାଜଶ୍ରୀ ମଲ୍ଲିକ,ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ,ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ,ପୂର୍ବତନ ବିଧାୟକ ଆକାଶ ଦାଶ ନାୟକ ସମେତ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର, କଣ୍ଠଶିଳ୍ପୀ ଅସୀମା ପଣ୍ଡା, ଦିପ୍ତୀରେଖା ପାଢ଼ୀ, ଅନ୍ତରା ଚକ୍ରବର୍ତ୍ତୀ, ଦିପେଶ ପତି , ଶୀତଳ କବି,ସ୍ୱୟଂ ପାଢ଼ୀ, ଅର୍ପିତା ଚୌଧୁରୀ,ପ୍ରସିଦ୍ଧ ନୃତ୍ୟ ଅନୁଷ୍ଠାନ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଜେମ୍ସ ଡ୍ୟାନ୍ସ ଗ୍ରୁପ, ହାସ୍ୟ ଅଭିନେତା ପ୍ରଙ୍କା ଓ ଶଙ୍କର,ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ମଙ୍ଗଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅର୍ଥାତ ତା ୨୫. ୩. ୨୦୨୩ ରିଖ ଶନିବାର ଦିନ ସନ୍ଧ୍ୟା ୫ ଟା ଠରୁ ସନ୍ଧ୍ୟା ୭:ଟା ପର୍ଯ୍ୟନ୍ତ ବ୍ୟଙ୍ଗ କବି ସମ୍ପଦ କୁମାର ରଥଙ୍କ ପରିଚାଳନାରେ ଏକ କବିତା ଆସର ଅନୁଷ୍ଠିତ ହେବ ଏଥିରେ ବ୍ୟଙ୍ଗକବି ଜ୍ଞାନ ହୋତା, ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧିଙ୍କ ସମେତ ଓଡିଶା ମାଟିର ନାମିଦାମୀ ବ୍ୟଙ୍ଗକବି ମାନେ ଯୋଗଦେବାକୁ ସଦୟ ସିକୃତୀ ପ୍ରଦାନ କରିଛନ୍ତି । ଏହି ସାହିତ୍ୟ ଆସର କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିବେ ଓଡ଼ିଶାର ବିଶିଷ୍ଟ ସାମ୍ବାଦିକ ସ୍ତମ୍ଭକାର ତଥା ମଙ୍ଗଳା ମହୋତ୍ସବର ସହ ସମ୍ପାଦକ କମଳ ଲୋଚନ ଦୀକ୍ଷିତ ଙ୍କ ସହିତ ହୃଦାନନ୍ଦ ଶାସମଲ ମନୋଜ ସାହୁ, ତ୍ରିଲୋଚନ ବିଶ୍ୱାଳ । ଏହି ମହୋତ୍ସବରେ କାକଟପୁର ବିଧାୟକ ତଥା କ୍ରୀଡା, ଯୁବବ୍ୟାପାର ଓ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ସଭାପତି ଥିବାବେଳେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ସୁପୁତ୍ର ତଥା ପୁରୀ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ସମ୍ପାଦକ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଶିଷାବିତ ସ୍ୱପ୍ନେଶ୍ୱର ସାହୁ ଅଛନ୍ତି ।

ଚିନ୍ତାରେ ସତ୍ୟବାଦୀ ଅଞ୍ଚଳର ବିରି ଓ ମୁଗ ଚାଷୀ,ପୋକ ଲାଗି ଚାଷ ନଷ୍ଟ

ସାକ୍ଷୀଗୋପାଳ (ପିପିଏସ) : ଚିନ୍ତାରେ ସତ୍ୟବାଦୀ ଅଞ୍ଚଳର ବିରି ଓ ମୁଗ ଚାଷୀ ସତ୍ୟବାଦୀର ବ୍ଲକର ଶ୍ରୀରାମଚନ୍ଦ୍ରପୁର, ନରେନ୍ଦ୍ରପୁର, ଅଳଗୁମ, ଶାଣ୍ଡରା, ବିଦ୍ୟାଧର ପୁର ପରଜାପଡା, ରାୟଖଣ୍ଡି, ମହୁରା, କେତିକିପାଟଣା ପଞ୍ଚାୟତର ହଜାର ହଜାର ଏକର ଜମିରେ ବିରି ମୁଗ ଚାଷ କରିଛନ୍ତି ଚାଷୀ । ହେଲେ ଏବେ ବିରି ଓ ମୁଗ ଗଛରେ ପୋକ ଲାଗିବା ଯୋଗୁଁ ନଷ୍ଟ ହେଉଛି ଚାଷ । ଫଳରେ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି । ଦିନ ବେଳେ ପୋକ ସବୁ ମାଟି ତଳେ ରହୁଥିବା ବେଳେ ସନ୍ଧ୍ୟା ହେଲେ ଗଛକୁ ନଷ୍ଟ କରୁଥିବା କହିଛନ୍ତି ଚାଷୀ । ତେବେ ଧାର କରଜ କରି ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି । କୃଷି ବିଭାଗ ଜାଣିଶୁଣି କୌଣସି ପଦକ୍ଷେପ ନେଉ ନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ବିଭାଗ ପକ୍ଷରୁ ତୁରନ୍ତ କୀଟନାଶକ ଓ ?ଷଧ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ଭୀମସେନ ସାହୁ, ଲକ୍ଷ୍ମୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ଗୋଲକ ପ୍ରଧାନ, ଚନ୍ଦ୍ରମଣି ଜେନା, ଯୁଧିଷ୍ଠିର ଓଝା, ନାରାୟଣ ରାଉତରାୟ କହିଛନ୍ତି ।



ଭୃଗୁ ଘାଟରେ ମହା ବାରୁଣୀସ୍ନାନ ଯାତ୍ରା

ସାକ୍ଷୀଗୋପାଳ (ପିପିଏସ) : ପୂର୍ବ ସତ୍ୟବାଦୀର ବଳପୁର ସ୍ଥିତ ପୁଣ୍ୟତୋୟା ଭାର୍ଗବୀ ନଦୀର ଭୃଗୁଘାଟରେ ସାଗରସ୍ନାନ ଯାତ୍ରା ପାରମ୍ପରିକ ରୀତି ନୀତି ଅନୁଯାୟୀ ରବିବାର ଅନୁଷ୍ଠିତ ହୋଇଯାଇଛି ।ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦସୀ ସତଭିକ୍ଷା ନକ୍ଷେତ୍ର ତିଥିରେ ଭାର୍ଗବୀ ରେ ମହାବାରୁଣୀ ଯୋଗରେ ବୁଡ଼ ପକାଇଲେ ମହୋଦଧି ସ୍ନାନ ର ପୁଣ୍ୟ ମିଳିଥାଏ ବୋଲି ବର୍ଣ୍ଣିତ ରହିଛି । ଏହି ବୁଡ଼ ପକାଇବା ନିମନ୍ତେ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସକାଳେ ସାନଭାଇ ବଳପୁର ବାଲୁଙ୍କେଶ୍ୱର ବଡ଼ ଭାଇ ବରାଳ ବାଲୁଙ୍କେଶ୍ୱରଙ୍କୁ ସାଗରସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିର ରେ ପହଞ୍ଚିବା ପରେ ଦୁଇ ଭାଇଙ୍କୁ ମୁକ୍ତି ମଣ୍ଡପ ଭୋଗ କରାଯାଇଥିଲା । ସେଠାରୁ ଦୁଇ ଭାଇଙ୍କୁ ବିରକାହାଳି ,ମହୁରୀ ,ବାଜା, ଘଣ୍ଟ, ମର୍ଦଳ,ଧ୍ୱନି ଦେଇ ସୁସଜ୍ଜିତ ବିମାନରେ ଭାର୍ଗବୀ ନଦୀର ଭୃଗୁଘାଟରେ ବିଜେ କରିଥିଲେ । ଅଭିମନ୍ତ୍ରିତ ଜଳ ରେ ଠାକୁରଙ୍କୁ ବାରୁଣୀ ସ୍ନାନ ନୀତି ସମାପନ ପରେ ସେଠାରେ ପ୍ରତୀକ୍ଷା କରିଥିବା ମାନସିକ ଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇ ଥିଲେ । ଆମ୍ବ, ପୋଲାଙ୍ଗ, ପଣସ, ବର,ଏବଂ ଓସ୍ତ ଆଦି ବୃକ୍ଷ ର ସୁଶୀତଳ ନଦୀ କୂଳ ରେ ଏକ ଅସ୍ଥାୟୀ ଗ୍ରାମୀଣ ବଜାର ଖୋଲିଥିଲା । ଠାକୁରଙ୍କୁ ପୂଜାର୍ଚ୍ଚନା ସହିତ ମେଳଣ ରେ ବୁଲିବା ଏବଂ ବଜାରରୁ ଘରକରଣା ସାମଗ୍ରୀ କିଣିବା ପାଇଁ ସମାଗମ ଲାଗିଥିଲା । ସେହିପରି ନଦୀର ଅପର ପାର୍ଶ୍ୱ ସୁଆଣ୍ଡ ଘାଟରେ ଲୋକନାଥ ଦେବ ଓ ବିଦ୍ୟାଧରପୁର କୁଣ୍ଡେଳେଶ୍ୱର ଦେବ ବିରାଜମାନ କରିଥିଲେ । ଯାତ୍ରା ରେ ଶାନ୍ତିଶୃଙ୍ଖଳା ନିମନ୍ତେ ସତ୍ୟବାଦୀ ଥାନା ଆଇ ଆଇ ସି ବିଜୟ କେତନ ବେହେରା ଆରକ୍ଷୀ ବାହିନୀ ସହିତ ଉପସ୍ଥିତ ରହିଥିବା ବେଳେ ଭକ୍ତ ମାନଙ୍କ ନଦୀରେ ସୁରକ୍ଷିତ ସ୍ନାନ ପାଇଁ ସାକ୍ଷୀଗୋପାଳ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର ଙ୍କ ସହିତ ଆଗ୍ନିକ ମାନେ ଉପସ୍ଥିତ ରହିଥିଲେ । ସ୍ଥାନୀୟ ସୋଛାସେବୀ ସଙ୍ଗଠନ ମନେ ପାଣି ବାଣ୍ଟିବା ସହ ଶ୍ରଦ୍ଧାଳୁ ମାନଙ୍କୁ ବିଭିନ୍ନ ପ୍ରକାର ସହାୟତା କରିବା ଦେଖାଯାଇଥିଲା । ଯାତ୍ରା ପରିଚାଳନା ନିମନ୍ତେ ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ଙ୍କ ସହିତ ସେବାୟତ, ଜନପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସହଯୋଗ କରିଥିଲେ ।

ଅବଧି ସରିବାର ୩ମାସ ପରେ ମଧ୍ୟ ସରୁନି ଶାଳବାଣୀ

ଉଷ୍ଣପ୍ରସବଣ ରାସ୍ତା କାମ, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପ୍ରିୟାପ୍ରୀତି ପାଇଁ ୩ମାସ ଧରି ଖୋଲା ହୋଇ ପଡିଛି ରାସ୍ତା

ଖଣ୍ଡପଡା, (ପିପିଏସ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ଶାଳବଣୀ – ତରବାଲୋ ଉଷ୍ଣପ୍ରସବଣ ଭାୟା ପାର୍ବତୀପୁର ଗ୍ରାମ ଦେଇ ଯାଇଥିବା ରାସ୍ତାର ଅବଧି କାମ ୩ମାସରୁ ଉର୍ଦ୍ଧ୍ୱ ସମୟ ଧରି ଶେଷ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ରାସ୍ତା କାମ ଅସମ୍ପୂର୍ଣ୍ଣ ହୋଇ ପଡିଛି । ଶାଳବଣୀ ଠାରୁ ତରବାଲୋ ପର୍ଯ୍ୟନ୍ତ ପ୍ରାୟ ୪କି.ମି. ପାଇଁ ୧.୦୧୧୧୧୯୪ କୋଟି ଟଙ୍କା ମଂଜୁର ହୋଇଥିଲା । ଉକ୍ତ କାର୍ଯ୍ୟକୁ ନୟାଗଡ ଜିଲ୍ଲା ଓଡଗାଁ ଗ୍ରାମର ଠିକାଦାର କୁମାର ଦେବଦତଙ୍କ ନାମରେ କାର୍ଯ୍ୟାଦେଶ ରହିଛି, କାର୍ଯ୍ୟାରମ୍ଭ ଗତ ତା ୧୧-୦୩-୨୦୨୨ ରିଖରୁ ଆରମ୍ଭ ହୋଇ ତା ୧୦-୧୨- ୨୦୨୨ ରିଖରେ ଶେଷ ହେବା ସହ ଠିକାଦାର ଜଣକ ୫ବର୍ଷ ପର୍ଯ୍ୟନ୍ତ ଉକ୍ତ ରାସ୍ତାର ରକ୍ଷଣା ବକ୍ଷଣା ଦାୟୀତ୍ୱ ନିର୍ବାହ କରିବେ । କିନ୍ତୁ ଠିକାଦାର ଜଣକ ଅବଧି ଶେଷ ହେବାର ୩ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତାର ଏକ ଚତୁର୍ଥାଂଶ କାମ କରିଥିବାରୁ ଅବଶିଷ୍ଟ କାମକୁ କେତେ ଦିନରେ ଶେଷ କରିବେ ଏବଂ କାର୍ଯ୍ୟ ଶେଷ ହେବା ଦିନ ଠାରୁ ୫ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣା ବେକ୍ଷଣ ଦାୟୀତ୍ୱ ନେବେ, ନା ଫଳକରେ ଲିପିବଦ୍ଧ ହୋଇଥିବା କାର୍ଯ୍ୟର ଶେଷ ତାରିଖ ଠାରୁ ୫ବର୍ଷ ପର୍ଯ୍ୟନ୍ତ ଦାୟୀତ୍ୱ ନେବେ ତାହା ସାଧାରଣରେ ଆଲୋଚ୍ୟର ବିଷୟ ପାଲଟିଛି । ଉକ୍ତ ୪କି.ମି. ରାସ୍ତାକୁ ପ୍ରାଧନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟଟିର ତଦାରଖ କରିବାକୁ ଗ୍ରାମ ଉନ୍ନୟନ ବିଭାଗକୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ମାତ୍ର ଠିକାଦାର ଗତ ବର୍ଷ ଡିସେମ୍ବର ମାସରୁ ରାସ୍ତା କାର୍ଯ୍ୟଟିକୁ ସଂପୂର୍ଣ୍ଣ କରିବା ପରିବର୍ତେ ଆଜକୁ ୩ମାସରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତାଟିକୁ ଖୋଳି ଛାଡିଦେଇଥିବାରୁ ପ୍ରତ୍ୟେକ ଦିନ ଏକାଧିକ ଛୋଟବଡ ଦୁର୍ଘଟଣା ଘଟୁଥିବାର ନଜିର ରହିଛି । ଉକ୍ତ ରାସ୍ତାଟି ମରିଚିଆ ଗ୍ରାମ ଠାରୁ ଉଷ୍ଣପ୍ରସବଣ ପର୍ଯ୍ୟନ୍ତ ଖୋଳା ହୋଇ ପଡିଛି । ଯାହାଫଳରେ ଓଡିଶାର ସର୍ବ ବୃହତ ଉଷ୍ଣପ୍ରସବଣ ପର୍ଯ୍ୟଟନ ସ୍ଥଳିକୁ ଓଡିଶାର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ପର୍ଯ୍ୟଟକ ମାନେ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୁନଶ୍ଚ ସ୍ଥାନୀୟ ଅଂଚଳର ଶତାଧିକ ଜନସାଧାରଣ ଉକ୍ତ ରାସ୍ତା ଉପରେ ଯାତାୟତ କରିବା ସମୟରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟରତ ଠିକାଦାର ଓ ବିଭାଗୀୟ କତୃପକ୍ଷଙ୍କ ପ୍ରିୟାପ୍ରିତି ପାଇଁ ରାସ୍ତାଟି ଖୋଳାଯାଇ ଅସମ୍ପୂର୍ଣ୍ଣ ହୋଇ ପଡିଥିବାରୁ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଭାଗୀୟ ଉଚ୍ଚ କତୃପକ୍ଷ ଯୁଦ୍ଧକାଳୀନ ଭିତିରେ ଖୁବ ଶୀଘ୍ର ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି । ଏନେଇ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତି ପଣ୍ଡାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ମୋବାଇଲ ଫୋନ ଉଠାଉ ନଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ କେବେ ଶେଷ ହେବ ସେ ନେଇ ସବିଶେଷ ତଥ୍ୟ ଜଣାପଡୁନାହିଁ । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ସୁବୁଦ୍ଧି କୁହନ୍ତି ଉକ୍ତ ରାସ୍ତାର ପିଚୁ ଉପରେ ପିଚୁ କାମ କରିବା ପାଇଁ ଏଷ୍ଟିମେଟ୍‌ରେ ଥିଲା, ମାତ୍ର ବିଭାଗୀୟ କେନ୍ଦ୍ରୀୟ ଉଚ୍ଚ କତୃପକ୍ଷଙ୍କ ତଦନ୍ତ ସମୟରେ ପିଚୁ ଉପରେ ପିଚୁ କରାଗଲେ ତାହା ସ୍ଥାୟୀତ୍ୱ ନେଇ ସନ୍ଦେହ ପ୍ରକଟ କରିଥିଲେ, ଏବଂ ଉକ୍ତ ରାସ୍ତାକୁ ଖୋଳି ପୁନଶ୍ଚ ମେଂଟାଲିଂ କରି ପିଚୁ ପକାଇବାକୁ ନେର୍ଦ୍ଦଶ ଦେଇଥିଲେ । କିନ୍ତୁ ଉକ୍ତ ରାସ୍ତାକୁ ମଂଜୁର ହୋଇଥିବା ଅର୍ଥରେ ଏଭଳି କାର୍ଯ୍ୟ କରିବା ଅସମ୍ଭବ ହୋଇପଡିଥିବାରୁ ପୁନଶ୍ଚ ଏକ ନୂତନ ଏଷ୍ଟିମେଟ କରି ଅର୍ଥ ମଂଜୁର ହେବାପରେ ଅବଶିଷ୍ଟ କାର୍ଯ୍ୟ ଆରମ୍ଭ ହେବ । ଏନେଇ ନୟାଗଡ ଜିଲ୍ଲାପାଳ ତଥା ବିଭାଗୀୟ ଉଚ୍ଚ କତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଖୋଳା ଯାଇଥିବା ରାସ୍ତାକାମ ଆରମ୍ଭ ନହେବା ପର୍ଯ୍ୟନ୍ତ ଡଷ୍ଟ ପକାଇ ଜନସାଧାରଣଙ୍କ ଯାତାୟତ ପାଇଁ ଉପେଯାଗୀ କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ଚୈତ୍ର ଅମାବାସ୍ୟା ଆସର

ଭଦ୍ରକ, (ପିପିଏସ) : ଅନୁଷ୍ଠାନର ସ୍ଥାୟୀ ସଭାପତି ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ମୁଖ୍ୟ ବକ୍ତା ଭାବେ ଓଡ଼ିଶାର ବିଶିଷ୍ଟ ବରିଷ୍ଠ ସ୍ତମ୍ଭକାର ତଥା ସଦ୍ୟ ରିଲିଜ ହେବାକୁ ଯାଉଥିବା ଓଡ଼ିଆ ଚଳଚ୍ଚିତ୍ର " ବାଘ ବଜାରୀ" ର ସଙ୍ଗୀତ ନିର୍ଦ୍ଦେଶକ ନାଟ୍ୟ ସୂର୍ଯ୍ୟ ବିଜୟ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ "ଆମ ପରମ୍ପରାରେ ଚୈତ୍ର ପର୍ବ" ଉପରେ ବହୁମୂଲ୍ୟ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ବକ୍ତା ଭାବେ ଓଡ଼ିଆ ଭାଷା ସାହିତ୍ୟର ଅବସର ପ୍ରାପ୍ତ ପ୍ରାଧାପ

ସାଳନ୍ଦୀ ବିକାଶ ମଞ୍ଚ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ

ଭଦ୍ରକ, (ପିପିଏସ) : ୟୁନାଇଟେଡ୍ ଅରଗାନାଇଜେସନ୍ ତରଫରୁ 'ବିଶ୍ୱ ଜଳ ଦିବସ' ସଂସ୍କୃତି ଭବନରେ ପାଳନ କରାଯାଇଛି । ଏହା "ସାଳନ୍ଦୀ ବିକାଶ ମଞ୍ଚ", ବ୍ରାହ୍ମଣୀ ବଚାଁଓ ଅଭିଯାନ ଏବଂ ରିସର୍ଚ୍ଚଙ୍କ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପନ୍ନ ହୋଇଛି । ଏଥିରେ ଭଦ୍ରକ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀ, ମହିଳା ସଂଗଠନର ସାଥୀଗଣ, ଚାଷୀ, ମତ୍ସ୍ୟଜୀବୀ, ସାମାଜିକ କର୍ମୀ, ପ୍ରେସ୍ ଆଦି ଯୋଗ ଦେଇଥିଲେ । ଏଠାରେ ଏଇ ବର୍ଷ ଜଳଦିବସ ର ବିଷୟ 'ତ୍ୱରାନିତ ପରିବର୍ତ୍ତନ ଜଳହିଁ ଜୀବନ" ଉପରେ ବିଭିନ୍ନ ବକ୍ତା ଆଲୋଚନା କରିଥିଲେ । ସାଳନ୍ଦୀ ବିକାଶ ମଞ୍ଚର ସାଧାରଣ ସଂପାଦକ "ପ୍ରତାପ ପାଢ଼ୀ" ତାଙ୍କ ବକ୍ତବ୍ୟରେ ନଦୀରେ ପ୍ରଦୂଷଣ ବଢୁଛି ଏବଂ ପାଣିର ସ୍ତର କମୁଛି ଯଦ୍ୱାରା ଏକର ଏକର ଜମି ଚାଷ ହୋଇପାରୁନାହିଁ, ସେଥିପାଇଁ କିଛି ପଦକ୍ଷପ ନନେଲେ ଆଗକୁ ସ୍ଥିତି ସଙ୍କଟାପୂର୍ଣ୍ଣ ହେବ ବୋଲି କହିଥିଲେ । ବୈତରଣୀ ବଞ୍ଚାଅ ଅଭିଯାନର ସଦସ୍ୟ ବିଶ୍ୱକେଶରୀ ମହାନ୍ତି ତାଙ୍କ ବକ୍ତବ୍ୟ ରେ କହିଲେ "ପାଣିରେ ଧାତୁଦ୍ରବ୍ୟ ଓ ଲବଣ ଅଂଶ ବୃଦ୍ଧି ପାଇବାରେ ଲାଗିଛି । ବିଭିନ୍ନ କମ୍ପାନୀ ର କାମ ଏବଂ ଚିଙ୍ଗୁଡ଼ି ଘେରି ଯୋଗୁ ପରିବେଶ ପ୍ରଦୂଷିତ ହେଉଛି ଏବଂ ନଦୀର ପାଣି ବିଷାକ୍ତ ହେଉଛି ଯଦ୍ୱାରା ଜଳଜୀବ ବିଲୁପ୍ତ ହେବାକୁ ବସିଲାଣି । ମାଛ ଖାଇବା ନିରାପଦ ନୁହଁ ଏବଂ ଲୋକଙ୍କ ଭିତରେ ବିଭିନ୍ନ ପ୍ରକାରର ଜଳଜନିତ ରୋଗ ଦୃଷ୍ଟିଗୋଚର ହେଉଛି । ସେଣ୍ଟର ଫର ଆକ୍‌ସନ ଡକ୍ଟର ବ୍ରତିନ୍ଦ୍ରୀ ଜେନା କହିଥିଲେ ଯେ ଜଳ ସଙ୍କଟ କେବଳ ଭାରତରେ ନୁହଁ ବିଶ୍ୱସ୍ତର ରେ ଦେଖାଯାଉଛି । ଯାହାକୁ ରୋକିବା ପାଇଁ ନିଆଯିବା ପଦକ୍ଷେପକୁ ତ୍ୱରାନିତ କରିବାକୁ ପଡ଼ିବ । ତେବେ ହିଁ ଜଳ ଓ ନଦୀ ସମ୍ପୂର୍ଣ୍ଣ ଜୀବଜଗତର ବଞ୍ଚିବା ପାଇଁ ବା ଜୀବିତ ରଖିବା ପାଇଁ ଉପଯୁକ୍ତ ହୋଇପାରିବ । ଏହି ସଭାରେ ବାରୁଅ ଗ୍ରାମପଞ୍ଚାୟତର ସରପଞ୍ଚ ଉଦ୍ଧବ ନାୟକ ଉପସ୍ଥିତ ଥିବାବେଳେ ନିରଞ୍ଜନ ବିଶ୍ୱାଳ, କମଳାକାନ୍ତ ସ୍ୱାଇଁ, ଇଞ୍ଜିନିୟର କମଳାକାନ୍ତ ବେହେରା, ଉଦ୍ଧବ ଚରଣ ନାୟକ ନିଜର ବକ୍ତବ୍ୟ ରଖିଲେ । ଶେଷରେ ସଭାର ଅଧକ୍ଷା ଲୋପାମୁଦ୍ରା ମହାନ୍ତି ଆଜିର ସମୟରେ ନଦୀ ଏବଂ ଜଳସ୍ରୋତର ପ୍ରାଧାନ୍ୟ ବିଷୟରେ ଏବଂ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବାର ଆବଶ୍ୟକତା ରହିଛି । ଏଥିରେ ଭଦ୍ରକର ସମସ୍ତ ନଦୀ, ଉପନଦୀ ଏବଂ ଜଳସ୍ରୋତ ର ସୁରକ୍ଷା ପାଇଁ କାମ କରିବାର ପ୍ରାଧାନ୍ୟ ଆସିଯାଉଛି ବୋଲି କହିଥିଲେ ।

ବାଙ୍କୀ ରଣପୁରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ବାଙ୍କୀ, (ପିପିଏସ) : ବାଙ୍କୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ତରଫରୁ ଚୈତ୍ର ଶୁକ୍ଳ ପ୍ରତିପଦା ଯୁଗାବ୍ଦ ୫୧୨୫ ବିକ୍ରମ ସମ୍ବତ ୨୦୮୦ ରାଷ୍ଟ୍ରୀୟ ନବବର୍ଷ ବାଙ୍କୀ ଏନ୍.ଏ.ସି ଅନ୍ତର୍ଗତ ରଣପୁର ଗ୍ରାମରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ପ୍ରଧାନ ଆଚାର୍ଯ୍ୟ ନରେଶ କୁମାର ମନ୍ତ୍ରୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତାଭାବେ ଶିଶୁମନ୍ଦିର ସଂପାଦକ ତାପସ କୁମାର ଦାଶ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଆମ ସମସ୍ତଙ୍କର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଶୋକ ଗିରି ଯୋଗଦେଇ ତାଙ୍କର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ବହୁ ବୁଦ୍ଧିଜୀବୀ, ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା, ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ । ପରିଶେଷରେ ସ୍ୱର୍ଣ୍ଣ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ

୧୨ ନଂ ୱାର୍ଡରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

କଟକ, (ପିପିଏସ) : କଟକ ମହାନଗର ନିଗମ(ସିଏମସି) ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୨୬ ନମ୍ବର ୱାର୍ଡ ଅନ୍ତର୍ଗତ ପରିଚୟ କେନ୍ଦ୍ର, ଜାଗା ମିଶନ ଗୃହରେ ଏକ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୨, ୨୪, ୨୬ ଓ ୨୭ ନଂ ୱାର୍ଡର ୧୦ଟି ବସ୍ତିବାସିନ୍ଦା ସଂଘ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ । ପ୍ରଶିକ୍ଷଣ ଶିବିରରେ ସିଏମସି ଅଗ୍ନି ନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଅଗ୍ନି ନିରାପତ୍ତା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ । ଅଗ୍ନିଶମ ବିଭାଗର କ୍ଷୀରୋଦ ଶତପଥୀ ଓ ତାଙ୍କର ସହ ଯୋଗୀ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରି ଘରୋଇ ଗ୍ୟାସ ଓ ବିଦ୍ୟୁତ ଦ୍ୱାରା କିଭଳି ଅଗ୍ନିକାଣ୍ଡ ହୁଏ ତାହାର ନିରାକରଣ ଉପରେ ଆଲୋକପାତ କରିଥିଲେ । ଏସଜି ଫାଉଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ପ୍ରଦୀପ୍ତ ମହାନ୍ତି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ୨୨ ନଂ ୱାର୍ଡ କର୍ପୋରେଟର ଚନ୍ଦନ ଜେନା, ୨୬ର କର୍ପୋରେଟର ଗଗନ କୁମାର ଓଝା ପ୍ରମୁଖ ଉପସ୍ଥିତ ରହି ବସ୍ତିବାସିନ୍ଦା ସଂଘର ସଦସ୍ୟ ଓ ସଦସ୍ୟାଙ୍କୁ ଅଗ୍ନି ନିରାପତ୍ତା ଉପରେ ଅବଗତ କରାଇବା ସହିତ ନିଜେ ସୁରକ୍ଷିତ ରହିବା ପାଇଁ କହିବା ସହ ଏହି କାର୍ଯ୍ୟକ୍ରମକୁ ନିଜ ନିଜ ୱାର୍ଡରେ ପ୍ରଚାର ପ୍ରସାର କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ଗୋଷ୍ଠୀ ସଂଗଠିକା ସୂଚୀସ୍ମିତା ଶତପଥୀ, ଶୁଭ ପ୍ରିୟଦର୍ଶିନୀ ମିଶ୍ର ସହଯୋଗ କରିଥିଲେ ।

ଜିଲ୍ଲାର ସର୍ବଶ୍ରେଷ୍ଠ ବ୍ଲକଭାବେ ପୁରସ୍କାର ଗ୍ରହଣ କଲେ କୁଜଙ୍ଗ ବିଡିଓ

କୁଜଙ୍ଗ, (ପିପିଏସ) : ଜଗତ୍‌ସିଂହପୁର ଜିଲ୍ଲାର ଏକମାତ୍ର ବ୍ଲକଭାବେ କୁଜଙ୍ଗ ବ୍ଲକ ୨୦୨୨-୨୩ ମସିହା ପାଇଁ ସର୍ବଶ୍ରେଷ୍ଠ ବ୍ଲକଭାବେ ପୁରସ୍କୃତ ହୋଇଥିବା ଜଣାପଡିଛି । ଆର୍ଥିକ ପରିଚାଳନା ଓ ସମସ୍ତପ୍ରକାର ସୁ ପରିଚାଳନା ନିମନ୍ତେ ଏହି ପୁରସ୍କାର କୁଜଙ୍ଗ ବ୍ଲକକୁ ପ୍ରଦାନ କରାଯାଇଛି । କୁଜଙ୍ଗ ବ୍ଲକ ବିଡିଓଙ୍କ ଦକ୍ଷ ପ୍ରସାଶନିକ ପରିଚାଳନା, କର୍ତବ୍ୟନିଷ୍ଠା ସାଙ୍ଗକୁ ସମସ୍ତ ସହକର୍ମୀଙ୍କ ସହଯୋଗ ଯୋଗୁ ଜଗତ୍‌ସିଂହପୁର ଜିଲ୍ଲାରେ ଏକମାତ୍ର ବ୍ଲକଭାବେ କୁଜଙ୍ଗ ବ୍ଲକକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି । ଜଗତ୍‌ସିଂହପୁର ଜିଲ୍ଲାପରିଷଦ ସଭାଗୃହ ପରିସରରେ ଆୟୋଜିତ ଉତ୍ସବରେ କୁଜଙ୍ଗ ବ୍ଲକ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହି ଯୋଗଦେଇ ଏହି ପୁରସ୍କାର ଜିଲ୍ଲାପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ପ୍ରସାଦ ମିଶ୍ରଙ୍କଠାରୁ ଗ୍ରହଣ କରିଛନ୍ତି ।

ସିଏମସି ପକ୍ଷରୁ ଜବରଦଖଲ ଉଚ୍ଛେଦ

କଟକ, (ପିପିଏସ) : କଟକ ମହାନଗର ନିଗମ(ସିଏମସି) ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ନୂଆପଡା ଓ ରାଜେନ୍ଦ୍ରନଗର ଅଂଚଳରେ ଜବର ଦଖଲ ଉଚ୍ଛେଦ କରାଯାଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କାଠ ଦୋକାନକୁ ଉଚ୍ଛେଦ କରାଯାଇଥିବା ବେଳେ ନାଳ ଉପରେ ଜବରଦଖଲ କରାଯାଇ ଇଟାରେ ନିର୍ମାଣ ହୋଇଥିବା ଦୋକାନ ଘରକୁ ମଧ୍ୟ ଭାଙ୍ଗି ଦିଆଯାଇଥିଲା । ପୁନଶ୍ଚ ସେଠାରେ ବ୍ୟବସାୟ ନ କରିବାକୁ ସେମାନଙ୍କୁ ଚେତାବନୀ ମଧ୍ୟ ଦିଆଯାଇଥିଲା । ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଦିନ ୧୦ଟାରୁ ଆରମ୍ଭ ହୋଇ ୨ଟା ପର୍ଯ୍ୟନ୍ତ ଚାଲିଥିଲା । ସିଏମସି ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ସିଡିଏ ଏନଫୋର୍ସମେଣ୍ଟ ଅଧିକାରୀ ପଂଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ସମେତ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଓ କଟକ ଜିଲ୍ଲା ଏନଫୋର୍ସମେଣ୍ଟ ଫୋର୍ସ(ସିଡିଇଏଫ)ର ସଦସ୍ୟମାନେ ସାମିଲ ହୋଇଥିଲେ ।

ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଆକ୍ରମଣ ୩ଗିରଫ

ବ୍ରହ୍ମପୁର, (ପିପିଏସ) : ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଆକ୍ରମଣ ଘଟଣାରେ ସଦର ଥାନା ପୁଲିସ ଉଭୟ ପକ୍ଷରୁ ୩ ଜଣ ଯୁବକଙ୍କୁ ଗିରଫ କରିଛି । ରାଜୁ ଦାସଙ୍କ ଅଭିଯୋଗରେ ପୁଲିସ ମାମଲା ନଂ ୧୭୮/୨୩ରେ ପୁଲିସ ସାତପାଣ୍ଡିଆ ଗ୍ରାମର ବିଭୀଷଣ ଦାସ ଓ ପୁଅ ମନୋଜ ଦାସଙ୍କୁ ଗିରଫ କରିଛି । ସେହିପରି ବିଭିଷଣ ଦାସଙ୍କ ଅଭିଯୋଗକୁ ନେଇ ପୁଲିସ ମାମଲା ନଂ ୧୭୯/୨୩ରେ ଲୋଚନ ଦାସଙ୍କୁ ଗିରଫ କରିଛି । ଆଜି ପୁଲିସ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ପୁଲିସ କହିଛି । ସୂଚନାଯୋଗ୍ୟ ଯେ କୌଣସି କାରଣକୁ ନେଇ ଉପରୋକ୍ତ ଅଭିଯୁକ୍ତଙ୍କ ମଧ୍ୟରେ ଶତ୍ରୁତା ଲାଗି ରହୁଥିଲା । କିନ୍ତୁ ଗତକାଲି ରାଜୁ ଦାସଙ୍କ ଭାଇ ବାବୁଲା ଦାସ ଓ ମାମୁ ଲୋଚନ ଦାସ ତାଙ୍କ ଦାଣ୍ଡରେ ବସିଥିଲେ । ଏହି ସମୟରେ ବାପ ବିଭୀଷଣ ଓ ପୁଅ ମନୋଜ ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହା ପରେ ଲୋଚନ ମଧ୍ୟ ତାଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏ ନେଇ ଉଭୟ ପକ୍ଷରୁ ସଦର ଥାନାରେ ଅଭିଯୋଗ କରିଥିଲେ । ଉଭୟଙ୍କ ଅଭିଯୋଗକୁ ନେଇ ପୁଲିସ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଉକ୍ତ ମାମଲାରେ ଆଜି ପୁଲିସ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ଆଜି ଠାରୁ କନେଷ୍ଟବଳ ଶାରୀରିକ ପରୀକ୍ଷା

ବ୍ରହ୍ମପୁର, (ପିପିଏସ) : ଆମ୍ବୁଆ ପୁଲିସ୍ ରିଜର୍ଭ ପଡ଼ିଆଠାରେ ବ୍ରହ୍ମପୁର ପୁଲିସ୍ ଜିଲ୍ଲାର କନଷ୍ଟେବଳ ପଦବୀ ପାଇଁ ଗୁରୁବାରଠାରୁ ଶାରିରୀକ ପରୀକ୍ଷା ଅନୁଷ୍ଠିତ ହେବ । ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୧୪୬ କନଷ୍ଟେବଳ ପଦବୀ ପାଇଁ ୪ହଜାରରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ମୌଖିକ ପରୀକ୍ଷା ଦେଇଥିଲେ ଏଥିରେ ୭୪୬ଜଣ କୃତକାର୍ଯ୍ୟ ହୋଇଛନ୍ତି । ତେବେ ଏଥିମଧ୍ୟରୁ ୫୫୫ଜଣ ଯୁବକ ଓ ୧୯୧ଜଣ ଯୁବତୀ/ମହିଳା ଶାରିରୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି । ଏହି ପରୀକ୍ଷା ୨୩ତାରିଖ ଠାରୁ ୨୫ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଆସନ୍ତାକାଲି କେବଳ ୧୯୧ଜଣ ଯୁବତୀ/ମହିଳା ଆଶାୟୀଙ୍କର ଉଚ୍ଚତା, ଓଜନ ଓ ଦୌଡ଼ ପରୀକ୍ଷା ରହିଛି । ଏଥିପାଇଁ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି । ମେଡ଼ିକାଲ୍ ଟିମ୍, ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ପରୀକ୍ଷା ସମୟରେ ଉପସ୍ଥିତ ରହିବା ନେଇ ବିଭାଗ ସୂତ୍ରରୁ ଜଣାଯାଇଛି । ଏହି ପରୀକ୍ଷା ସୁପରିଚାଳନା ପାଇଁ ବ୍ରହ୍ମପୁର ଏସ୍‌ପି ଡ଼ ସର୍ବଣା ବିବେକ୍ ଏମ୍‌ଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ ୫୦ରୁ ଉର୍ଦ୍ଧ୍ୱ କନଷ୍ଟେବଳ, ହାବିଲ୍‌ଦାର ଉପସ୍ଥିତ ରହିବେ । ବର୍ଷା ଯଦି ହୁଏ ତେବେ ସ୍ଥିତି ଦେଖି ପରୀକ୍ଷା ଘୁଞ୍ଚିବା ସମ୍ଭାବନା ମଧ୍ୟ ଥିବା ବିଭାଗ ପକ୍ଷରୁ କୁହାଯାଇଛି ।

ନାରାୟଣପୀଠରେ ବାଦିପାଲା ଉଦ୍‌ଯାପନ ବୁଢ଼ୀଜାଗୁଲାଇ ପୀଠରେ ଶୁଭାଧିବାସ

ଧାମନଗର, (ପିପିଏସ) : ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ପଳିକିରୀ (ମେଳନଡିହ) ଠାରେ ବିଜେ ପ୍ରଭୁ ଶ୍ରୀ ନାରାୟଣଙ୍କ ମନ୍ଦିର ସମ୍ମୁଖରେ ସବୁ ବର୍ଷ ପରି ଚଳିତ ବର୍ଷ ପଞ୍ଚରାତ୍ର ଧରି ବାଦିପାଲାର ଗତ ୧୬ ତାରିଖରେ ଅଧିବାସ ପର୍ବ ଆରମ୍ଭ ହୋଇଥିବା ବେଳେ ୨୦ ତାରିଖରେ ଉଦଯାପନ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାର ପ୍ରଖ୍ୟାତ (ଗାୟକ ବିନୋଦ) ପ୍ରସନ୍ନ ପଟ୍ଟନାୟକ ଅଧିବାସ ପାଲା ଗାଇଥିବା ବେଳେ ଶୁକ୍ରବାର ଠାରୁ ଧାମନଗର-ଭଦ୍ରକର ସୁନାମଧନ୍ୟ (ଗାୟକ ପ୍ରଜ୍ଞା) କଳାକାର ନାୟକ ବାଦି ଗାୟକ ଭାବେ ପାଲା ପରିବେଷଣ କରିଥିଲେ । ୧୧୦ ବର୍ଷରୁ ଉର୍ଦ୍ଧ୍ୱ ଅବଧିର ଏହି ପୁରାତନ ପାଲା ଅନୁଷ୍ଠାନ ଏଯାବତ୍ ପ୍ରାଚ୍ୟ ଐତିହ୍ୟ ଓ ସଂସ୍କୃତିକୁ ବଞ୍ଚାଇ ଆସିଛି । କାବ୍ୟ, ସାହିତ୍ୟ, ସଂସ୍କୃତି, ଛାନ୍ଦ, ଚମ୍ପୁ, ଭଜନ, ଜଣାଣ ସମାହିତ ଏହି ପାଲା ଅନୁଷ୍ଠାନ କେବଳ ଅବଲୁପ୍ତ ପ୍ରାୟ ଲୋକକଳା ଓ ଓଡ଼ିଆ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛି । ମେଳନଡିହ ଓ ପଳିକିରୀର ପାଲା ପ୍ରେମୀ ଶ୍ରଦ୍ଧାଳୁ ମାନଙ୍କ ପ୍ରୋତ୍ସାହନ ହେତୁ ଏହା ସମ୍ଭବ ହୋଇପାରିଛି ବୋଲି ମୁଖ୍ୟ ଉଦ୍ୟୋକ୍ତା ଜଗନ୍ନାଥ ପାତ୍ର ସୂଚନା ଦେଇଛନ୍ତି । ସେହିପରି ଭଗବାନପୁର ସ୍ଥିତ ଆରାଧ୍ୟା ଦେବୀ ମା' ବୁଢ଼ି ଜାଗୁଲାଇ ପୀଠରେ ଗତ ୨୧ ତାରିଖ ଠାରୁ ବାଦିପାଲା ଆରମ୍ଭ ହୋଇଛି । ଢେଙ୍କାନାଳ ଜିଲ୍ଲା ଆଠଗଡ଼ ଅଞ୍ଚଳର ସୁନାମଧନ୍ୟ ଗାୟକ ଭାସ୍କର ଚନ୍ଦ୍ର ସାହୁ ଅଧିବାସ ପାଲା ଆରମ୍ଭ କରିଥିବା ବେଳେ ୨୨ ତାରିଖରେ ଖୋର୍ଦ୍ଧା ଜିଲ୍ଲା ପଟିଆର ଖ୍ୟାତନାମା ଗାୟକ ପ୍ରଭାସ ଶ୍ରୀଚନ୍ଦନ ବାଦି ମଞ୍ଚରେ ଅବତୀର୍ଣ୍ଣ ହୋଇ ପାଲା ପରିବେଷଣ କରିଥିବା ଜଣାଯାଇଛି । ଅଜିକାଲି ମନୋରଞ୍ଜନରେ ଯେତେ ଉଗ୍ର ଆଧୁନିକତା ଓ ଅଶ୍ଳୀଳତା ଭରି ଯାଇଥିଲେ ମଧ୍ୟ ଏବେବି ପାଲା ସାହିତ୍ୟ ପ୍ରତି ଲୋକମାନଙ୍କର ଆତ୍ମଭାବ ଓ ରୁଚି ରହିଛି ବୋଲି ପଳିକିରୀର ଏହି ଶତାୟୁ ଓ ଭଗବାନପୁରର ଅର୍ଦ୍ଧ ଶତାବ୍ଦୀର ପାଲା ଅନୁଷ୍ଠାନ ତାର ଜ୍ୱଳନ୍ତ ଉଦାହରଣ । ଏହି ପଞ୍ଚାୟତର ଅଧ୍ୟାତ୍ମିକ ସଂସ୍କୃତି ବୋଳା ମାଟି ଗାୟକ ପାରିଜାତ ଦାମୋଦର ଦାଶ, ରାମହରି ମାଝୀ, ହୃଷୀକେଶ ପତି, ଖଗେଶ୍ୱର ନାୟକ ଭଳି ଗାୟକ ଓ ରତ୍ନାକର ପତିଙ୍କ ଭଳି ସହ ଗାୟକଙ୍କ ସମେତ ବହୁ ପାଲା ସଙ୍ଗୀତକାରଙ୍କୁ ଜନ୍ମ ଦେଇଛି ।

ରାୟପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ

ଫୁଲନଖରା, (ପିପିଏସ) : ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗପ୍ରଧାନ ଗ୍ରାମପଞ୍ଚାୟତରେ ଅବସ୍ଥିତ ରାୟପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ଖୁବ ଆନନ୍ଦର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସ ହିନ୍ଦୁ ନବବର୍ଷର ଗୁରୁତ୍ୱ ତଥା ଏହାର ମହତ୍ତ୍ୱ ବିଷୟରେ ଶିଶୁମାନଙ୍କୁ ଅବଗତ କରିବା ସହ ଅନ୍ୟମାନଙ୍କୁ ସାମିଲ କରିବା ପାଇଁ ଆଲୋକପାତ କରିଥିଲେ । ଏଥି ସହିତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କର ବିଦାୟ କାଳୀନ ସମ୍ବର୍ଦ୍ଧନା ପର୍ବ ପାଳନ କରାଯାଇଥିଲା । ପରିଚାଳନା ସମିତିର ସହ ସମ୍ପାଦକ ନିହାର ରଞ୍ଜନ ରାଉତରାୟ ଏବଂ କଟକ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଆଶ୍ରିବାଦ ପ୍ରଦାନ କରିବା ସହ ସମାଜ କଲ୍ୟାଣ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

ଓଡ଼ିଶାରେ ଦୁଗ୍ଧ ବିପ୍ଳବ ପାଇଁ ଡାଇରି ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ମିଳୁ

କଟକ, (ପିପିଏସ) : ଓଡ଼ିଶାର ଶ୍ୱେତ ବିପ୍ଳବର ସଫଳତା ଏକ ଆଧୁନିକ ପ୍ରଣାଳୀରେ ପଶୁ ସଂପଦର ସଂରକ୍ଷଣ ଏବଂ ପ୍ରକ୍ରିୟାକରଣ କରି ଦୁଗ୍ଧ ଚାଷୀମାନଙ୍କୁ ଲାଭ ନିମନ୍ତେ ଡାଇରି ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଦେଲେ ଭଲ ହୁଅନ୍ତା । ପଶୁପାଳନ ଏବଂ ମତ୍ସ୍ୟ ବିଭାଗ ଅଧିନରେ ବହୁ ଜିଲ୍ଲାରେ ଡାଇରି ଅଫିସର ଏବଂ ଡାଇରି ଫାର୍ମ ମ୍ୟାନେଜର ଖାଲି ପଡ଼ିଥିଲେ ମଧ୍ୟ ଡାଇରି ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ମିଳୁନାହିଁ । ଓଡ଼ିଶାରେ ପ୍ରଥମ କରି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଦ୍ୱାରା ମାତ୍ର ୭ ଜଣ ପିଲା ବିଟେକ୍ କୋର୍ସ ଶେଷ କରିଛନ୍ତି । ବହୁ ପଦବୀ ଭେଟେନାରୀ ଏବଂ ମତ୍ସ୍ୟ ବିଭାଗରେ ଖାଲି ଥିଲେ ମଧ୍ୟ ନିଯୁକ୍ତି ମିଳୁନାହିଁ । ଏମାନଙ୍କୁ ନିଯୁକ୍ତି ଦେଲେ ଜାତୀୟ ଡାଇରି ବିକାଶ ଯୋଜନା ସଫଳ ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

ରାମକୃଷ୍ଣ ମିଶନ ମାତାମଠ ଠାରେ ୧୨୫ ତମ ଜନ୍ମବାର୍ଷିକ ଅନୁଷ୍ଠିତ



"ଆ' ଜହ୍ନମାମୁ ସରଗଶଶୀ
ମୁରୁକି ମୁରୁକି ଦବୁଟି ହସି
ହସିବ ମୋ' ଧନମଣି,
ତୋ ହସ ମିଠା କି ଧନ ହସ ମିଠା
ହେବା ସିନା ଜଣାଜଣି ।"

– କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ହାତୀ ଓ ମଶାକଥା

ଡକ୍ଟର କୃତିବାସ ନାୟକ

ଏହି ଗପଟିକୁ ପଢୁଥିବା ପିଲା, ଏହାକୁ ବହୁତ ପୁରୁଣା ଗପ ମନେ କରିବେ ।

ସେତେବେଳେ ହାତୀର ଶୁଣ୍ଢ ଏମିତି ନଥିଲା । ବାଘ, ସିଂହପରି ଗୋଲ ଆଉ ମୁହଁରେ ମଣିଷ ପରି ନାକ ଥିଲା । ଜଙ୍ଗଲରେ ଥିବା ବନଦେବୀଙ୍କୁ ପ୍ରତିଦିନ ସେ ପୂଜା କରେ । ତା' ପିଠିରେ ବସି ଗୋଟିଏ ମଶା ସବୁଦିନ ସେହି ଦେବୀଙ୍କ ପାଖକୁ ଯାଏ । ତା'ର ମଧ୍ୟ ଆଜିକାଲିକା ମଶାପରି ଶୁଣ୍ଢ ନଥିଲା । ପୋକମାନଙ୍କ ପରି ତା'ର ଦାନ୍ତ ଥିଲା । ହାତୀ ବନଦେବୀଙ୍କୁ ପୂଜା କଲାବେଳେ ମଶା ତାକୁ ମନ୍ତ୍ରପାଠରେ ସହଯୋଗ କରେ ।

ହାତୀ ଆଉ ମଶାଙ୍କର ପୂଜାରେ ସନ୍ତୁଷ୍ଟ ହୋଇ ବନଦେବୀ ଥରେ କହିଲେ-"ତମର ଇଚ୍ଛା ଅନୁସାରେ ମୋଠାରୁ ବର ମାଗିନିଅ ।"

ହାତୀ କହିଲା-"ମାତା ! ମୋର ନାମ ସିନା ହାତୀ, କିନ୍ତୁ ଦେଖ, ମୋର ହାତ ନାହିଁ । ମୋତେ ଗୋଟିଏ ହାତ ଦିଅନ୍ତୁ । ସେହି ହାତରେ ମୁଁ ତୁମର ସେବା ଠିକ ଭାବରେ କରିପାରିବି । ମୋତେ ନେଇ ଯେତେବେଳେ ମଣିଷ ତା' ପାଖରେ ରଖିବ, ସେତେବେଳେ ମୁଁ ସେହି ହାତରେ ତାଙ୍କ କଥା ଅନୁସାରେ କାମ ବି କରିପାରିବି । ଓଜନିଆ ଜିନିଷକୁ ଉଠେଇ ନେଇପାରିବି । ହାତ ବଢେଇ ଉଚ୍ଚଗଛର ଡାଳ-ପତ୍ରକୁ ଆଣି ଖାଇପାରିବି ।"

ହାତୀର କଥାଶୁଣି ବନଦେବୀ ତଥାସ୍ତୁ କହିଦେଲେ । ଚାହୁଁଚାହୁଁ ହାତୀର ନାକଟା ବଢିବଢି ହାତ ଭଳି ଲମ୍ବା ହେଇଗଲା । ସେ ହାତପରି ଶୁଣ୍ଢକୁ ହଲେଇ ହାତୀ ବହୁତ ଖୁସି ହେଇଗଲା ।

ତା'ର ଖୁସି ଦେଖି ବନଦେବୀ କହିଲେ-"ତୁ ମହତ ଉଦ୍ଦେଶ୍ୟରେ ହାତ ମାଗିଛୁ । ମୁଁ ଜାଣି ପାରୁଛି-ତୋର ମନରେ ଶ୍ରଦ୍ଧାଭାବ ରହିଛି । ସେବା କାମ କରିବାକୁ ତୁ ଇଚ୍ଛୁକ । ଏହି ହାତକୁ ଜୀବ ଜଗତର ଉପକାରରେ ଲଗାଇବୁ ବୋଲି ତୁ ଭାବିଛୁ । ତେଣୁ ତୁ ଏହି ହାତ ପାଇଁ ସବୁଠାରେ ସମ୍ମାନ ପାଇବୁ । ମାତା ଲକ୍ଷ୍ମୀଙ୍କ ପାଖରେ ମଧ୍ୟ ପୂଜା ପାଇବୁ । ତୋ ନାମ ଆଜିଠାରୁ ହେଲା ଗଜରାଜ । ତୋ ନାମ ବି ଲକ୍ଷ୍ମୀଙ୍କ ନାମ ପୂର୍ବରୁ ଲାଗିବ । ମାତାଙ୍କ ନାମ ହେଇଯିବ ଗଜଲକ୍ଷ୍ମୀ ।"

ବନଦେବୀଙ୍କ ବରପାଇ ହାତୀ ଆନନ୍ଦରେ ନାଚିନାଚି ବାହାରକୁ ଚାଲିଗଲା । ମଶା ସେଇଠି ରହି ବନଦେବୀ ଆଉ ହାତୀଙ୍କ କଥା ଶୁଣିଥିଲା । ସେ କହିଲା-"ମାତା ! ମୁଁ



ଅନେକ ଦିନହେଲା ହାତୀ ସାଙ୍ଗରେ ଆସି ତୁମକୁ ମନ୍ତ୍ର ଶୁଣାଉଛି । ମୋ ପ୍ରତି ଦୟାକରି ହାତୀପରି ମୋତେ ଗୋଟିଏ ଶୁଣ୍ଢ ଦିଅନ୍ତୁ ।"

ବନଦେବୀ କହିଲେ-"ତୋ ଶରୀର ଅନୁପାତରେ ତୋତେ ତ ମୁଁ ଗୋଟିଏ ଶୁଣ୍ଢ ଦେଇପାରିବି । କିନ୍ତୁ ସେ ଶୁଣ୍ଢରେ ତୁ କ'ଣ କରିବୁ ?"

ମଶା ତା'ର ମନକଥା ଖୋଲି କହିଦେଲା-"ମାତା ! ମଣିଷ ଆଉ ପଶୁମାନଙ୍କର ରକ୍ତ ଭାରି ମିଠା । ସେହି ରକ୍ତକୁ ମୁଁ ମୋ ଶୁଣ୍ଢରେ ଶୋଷି ସହଜରେ ପିଇ ପାରିବି ।"

ବନଦେବୀଙ୍କ ପାଟିରୁ ତଥାସ୍ତୁ ବାହାରି ପଡ଼ିଲା । ତେଣୁ ମଶା ମୁହଁରେ ଗୋଟାଏ ସରୁ ଛୁଞ୍ଚିପରି ଶୁଣ୍ଢ ବି ବାହାରି ପଡ଼ିଲା । ମଶା ସେ ଶୁଣ୍ଢକୁ ପାଇ ଆନନ୍ଦରେ ନାଚିଲା ।

ବନଦେବୀ ମଶାକୁ ପାଖକୁ ଡାକି କହିଲେ-"ଶୁଣ ମଶା ! ତୋ ଇଚ୍ଛା ଅନୁସାରେ ଶୁଣ୍ଢ ତ ପାଇଲୁ, କିନ୍ତୁ ତାକୁ ସମ୍ଭାଳି ରଖିବୁ । ନହେଲେ ଅଧିକ ଲୋଭ କଲେ, ଏ' ଶୁଣ୍ଢ ତୋର ଭାଙ୍ଗିଯିବ । ଶୁଣ୍ଢ ଭାଙ୍ଗିଗଲେ ତୁ ମରିଯିବୁ । ମୁଁ ଜାଣିଛି-ତୋ ମନ ସେବା କି ଶ୍ରଦ୍ଧାରେ ନାହିଁ, ବରଂ ହିଂସାରେ ରହିଛି । ତେଣୁ ତୁ ତୋ କର୍ମ ଅନୁସାରେ ଅନ୍ଧାରରେ ଲୁଚି ରହିବୁ । ପଚା-ନାଳରେ ତୋ ବାସସ୍ଥାନ ହେବ । ସେଇଠି ତୁ ଅଣ୍ଡାଦେଇ ବଂଶ ବୃଦ୍ଧି କରିବୁ । ଗଛ-ପତ୍ରରୁ ରସ ପିଇ ଖୁସିରେ ରହିବୁ ।

ଜାଣିରଖ, ମଣିଷ ବହୁତ ଚଲାକ ଜୀବ । ସେମାନେ ତୋ ପାଇଁ ବିଷାକ୍ତ ଔଷଧ ଆଉ ଧୂଆଁ ଦେଇ ତୋତେ ମାରିଦେବେ । ତେଣୁ ସାବଧାନରେ ଲୁଚିଛପି ତାଙ୍କ ପାଖକୁ ଯିବୁ । ସେମାନେ ମଶାରୀ ବାନ୍ଧିଦେଲେ, ତୁ ସେହି ମଶାରୀ ଚାରିପାଖରେ ବୁଲିବୁଲି ଖାଲି କାନ୍ଦୁଥିବୁ ।

ତମେ ଦୁଇଜଣ ଆଜି ତମର ମନ ଅନୁସାରେ ତମେ ବର ତ ପାଇଛ, କର୍ମ ଅନୁସାରେ ପୁଣି ଫଳ ବି ପାଇବ ।"

ଏତିକି କହି ବନଦେବୀ ଉଭାନ ହେଇଗଲେ । ହାତୀ ଓ ମଶା ନିଜଇଚ୍ଛା ଅନୁସାରେ ବର ପାଇ ସେଠାରୁ ଚାଲିଗଲେ । ସେହିଦିନଠାରୁ ସେ ଦୁହେଁ ନିଜ ନିଜର କରାମତି ଦେଖାଇ ଚାଲିଲେ ।

ଭିଆଇଏମ୍-୫୫, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ- ୭୯୭୮୯୬୨୫୩୪

ଆମ ପଖାଳର ମହକ

ମନୋରଞ୍ଜନ ଦାସ

ଓଡ଼ିଆ ଆମେରେ ବଢିଆ ଆମର
ସଜ ଅବା ବାସିପଖାଳ,
ଖରାଖରାଟିରେ ଦିନ ଦି'ପହରେ
ଆନବେଳେ ସଂଜ-ସକାଳ ।
ମନମୋହେ ତା'ର ମହକ,
ଛଅଭଜା-ଲଙ୍କା-ପିଆଜ ନମାନେ
ଧନୀ-ଗରିବର ଫରକ ॥

ପଖାଳ ସାଥିରେ ବଡ଼ ମଜାଦାର
ବଡିଚୂରା ଆଳୁ ଭରତା,
ଶୁଖୁଆ ଭଜା କି ଶାଗଖରଡାଟା
ଦିଏ ମନେ ସୁଖ ବାରତା ।
ଚୁନାମାଛ ଭଜା ଚିଙ୍ଗୁଡ଼ି,
ସଜ ବସାଦହି ମିଶିଥିଲେ ତହିଁ
ଅବା ସଜଛଣା ପକୁଡି ॥

ସଜନା ଛୁଇଁର ଭଜା ଥିଲେ ପାଶେ
ପଖାଳ ଖିଆର ସୁଆଦ,
ବାଡ଼ି ଗଛ ଲେମ୍ବୁ ଚକଟା, ଆଚାର
ଆମ୍ବଛେଚା ଦିଏ ଆନନ୍ଦ ।
ଶେଷେ ତୋରାଣିରୁ ମୁନ୍ଦିଏ,
ପିଇଦେଲେ ଆତ୍ମସନ୍ତୋଷ ମିଳଇ
ସାରକଥା ଏଇ ପଦିଏ ॥

ଓଡ଼ିଆ ଜାତିର ମଉଡ଼ମଣି ସେ
କମ୍ବୁକଟକର ସାଆନ୍ତେ,
ଟଙ୍କତୋରାଣିରେ ଶରଧା ତାଙ୍କର
ପିଇ ଅବା ଲୋକେ ପିଆନ୍ତେ ।
ପଖାଳ-ତୋରାଣି ମହତ,
ଜାଣିବା ପରେ ତ ଗାନ୍ଧୀ ମହାତମା
ଜଣାଇଲେ ବୁଲି ଭାରତ ॥

ଏବେ ଏ ପଖାଳ ବିଶ୍ୱମନଛୁଇଁ
ସାରାଜଗତରେ ମହକେ,
ଚଇତାଳି ତାଳେ ପଖାଳ-ଦିବସ
ପାଳେ ବିଶ୍ୱଜନ ପୁଲକେ ।
ବିଶ୍ୱଗୁରୁ ସତେ ଓଡ଼ିଆ !
ଚଳଣି ଚାହାଣି ଭାବଭାଷା ତା'ର
ନ କହିବ କିଏ ବଢିଆ ?

ରୋହିଣୀ ଶିଳ୍ପୀ, ବଡ଼ଗେଉଡକଟକ, ଖୋର୍ଦ୍ଧା
ମୋ-୮୧୧୭୦୦୪୯୬୧

ବାପା

ରବୀନ୍ଦ୍ରନାଥ ମାଝୀ

କାହିଁ କେଉଁ କାଳୁ କଥାଟି ଯାଇଛି ରହି
ବାପ ଥିଲା ପୁଅ ସଭାରେ ହାରଇ ନାହିଁ ।
ବୋଉ ହାତେ ସିନା ସେନେହ ମମତା ଡୋରି
ବାପା ତ ଦିଅନ୍ତି ସାହସ ଶକତି ଭରି ॥

ଶିଖାଇ ଦିଅନ୍ତି ଲଢ଼ିବାର କଉଶଳ
ମନେ ଭରି ଦେଇ ଶତ ସିଂହର ବଳ ।
"ସରି ନାହିଁ ବାବୁ ! ଚାଲିବାର ଏଇ ବାଟ
ଧଇର୍ଯ୍ୟ ଧରି ଥା' ପାରି ହେବୁ ଯଦି ଘାଟ ॥"

ତୋଟାମାଳ ଛାଇ ଘୋଡ଼ାଏ ତପତ ଖରା
ବାପା ଥିଲେ ପାଶେ ବିପଦ ଆସେନି ପରା ।
ବା'ଆ ସୁଲୁସୁଲୁ ଏ ଦେହ ଜୀବନ ରେଖା
ପା'ଣି ଏ ଜୀବନ ଆପଣାର ପ୍ରାଣ ସଖା ॥

'ବାପା' ବୋଲି ସେଇ ଦୁଇଟି ଅକ୍ଷର ତୁଲ
ତିନି ଲୋକେ ନାହିଁ, ସିଏ ତ ଅମୂଲ ମୂଲ ॥

ଜୟଦେବ ବିହାର, ଭୁବନେଶ୍ୱର
ମୋ-୯୪୩୭୦୯୧୮୪୧

ଅଶୋକାଷ୍ଟମୀ

ଜଗଦୀଶ ସାହୁ

ଅଶୋକାଷ୍ଟମୀ ଆସିଛି ବୋଲି
ଏକାମ୍ରକ୍ଷେତ୍ର ହସେ
ରୁକୁଣାରଥ ସଜେଇ ହୋଇ
କେଡେ ସୁନ୍ଦର ଦିଶେ !
ଲିଙ୍ଗରାଜଙ୍କ ବିଜେ ପ୍ରତିମା
ଚନ୍ଦ୍ରଶେଖର ବାବା
ରଥରେ ନିଜେ ହୋଇବେ
ବିଜେ
କିବା ଉପମା ଦେବା !
ହାତରେ ଧରି ରଥଦଉଡ଼ି
ଭକତ ଟାଣିନେବେ
ରାମେଶ୍ୱରଙ୍କ ମନ୍ଦିର ପାଶେ
ରଥକୁ ରଖି ଦେବେ !
ରୁକୁଣାରଥ ଅଣଲେଉଟା
କଥା ଅଟଇ ସତ
ବରଷେ ଥରେ ଲିଙ୍ଗରାଜଙ୍କ
ହୁଅଇ ରଥଯାତ !

ଭାବ ଭକ୍ତିରେ ରଥରେ କର
ପ୍ରଭୁଙ୍କ ଦରଶନ
ତାଙ୍କ ଦୟାରୁ ହସ ଖୁସିରେ
ବିତୁ ସଭିଙ୍କ ଦିନ !

ସଂକପଡା, ହିନ୍ଦୋଳ, ଢେଙ୍କାନାଳ
ମୋ-୯୦୭୮୧୮୫୬୧୬

ସୁନାଝିଅ ପିହୁ

ସୁନନ୍ଦା ମହାନ୍ତି

ଦୋଳଛୁଟିରେ ଗାଁ କୁ ଆସିଥାଏ ପିହୁ । ଗାଁର ନଈରେ ଫୁଟିଥାଏ କଇଁ, ଗାଁକୁ ଲାଗିଥିବା ଭଳି ଦିଶୁଥିବା ପାଖ ପାହାଡରେ ବାଦଲ ସବୁ ଭାସି ଯାଉଥାଆନ୍ତି ଓ ଦିଶୁ ଥାଏ ଦୂର ମେଘ ଭରା ପାହାଡ଼ ତଳ ଗାଁଟି ଖୁବ ସୁନ୍ଦର ଓ ଆକର୍ଷଣୀୟ ଲାଗୁଥାଏ ପିହୁକୁ । ଆକାଶରେ ଉଡ଼ି ଯାଉଥିବା ପକ୍ଷୀ ଦେଖି ଖୁସି ହେଲାବେଳେ ଜେଜେମା କହୁଥାଏ, ଉଡିଗଲେ ଗେଣ୍ଡାଳିଆ ଝାଡ଼ି ଦେଲା ପର । ପିହୁ ମୋର ରାଜା ଝିଅ ବାହାହେବ ଦେଖି ବୁଢ଼ା ବର, ତ କାନ୍ଦିକାନ୍ଦି ଗଡିଯାଏ ପିହୁ । ନା ନା ମୁଁ ଜମାରୁ ବାହା ହେବିନାହିଁ କହୁଥାଏ ।

ହସିହସି ଜେଜେ ନେଇଯାଆନ୍ତି ଭାଗବତ ଟୁଙ୍ଗି ଘରକୁ । ସେଠାରେ ଗୀତା ଭାଗବତ ପାଠ ହେଉଥାଏ ଓ ଗାଁର ସବୁ ବୟସ୍କ ଲୋକମାନେ ଏକାଠି ହୋଇ ସେସବୁ ଶୁଣୁଥା'ନ୍ତି ଜେଜେ କୁହନ୍ତି ଏମାନଙ୍କ ଭିତରୁ କୋଉ ବୁଢ଼ା ତୋର ପସନ୍ଦ କହ ପିହୁ, ତାଙ୍କ ସହ ତତେ ବାହାକରିଦେବା । ପିହୁ ଏଥର ନକାନ୍ଦି କୁହେ, ଏମିତି କଣ କହୁଛ ଜେଜେ, ମୁଁ ଛୋଟ ଝିଅ, ବଡ ହୋଇ ପାଠ ପଢି ଡାକ୍ତର ହେବି । ବାପାଙ୍କୁ କହି ଏହି ଗାଁରେ ହସ୍ପିଟାଲ ଖୋଲି ତୁମ ମାନଙ୍କ ଦେହ ଭଲ ରଖିବାକୁ ସବୁବେଳେ ସହଯୋଗ କରି ଇଞ୍ଜେକ୍ସନ ଦେବି । ହଉ ହଉ ମୋ ନାତୁଣୀର କେତେ ବୁଦ୍ଧି କହି ଜେଜେ ଯେବେ ଗୀତା ଶୁଣିବାକୁ ବସିପଡନ୍ତି ପିହୁ ଖସିଯାଏ ଗାଁ ସାଙ୍ଗ, ରୁନୁ ଟୁନୁ ଝୁନୁ, କୁନୁ ମୁନୁ, ମୀନା, ଝୁନା ଇତ୍ୟାଦିଙ୍କ ପାଖକୁ ।



ସମସ୍ତଙ୍କୁ ଡାକି ବୁଝାଇ କହେ ପିହୁ, ଦେଖ ସାଙ୍ଗମାନେ, ହୋଲି ଆସୁଛି. ରଙ୍ଗର ପର୍ବ ସତ କିନ୍ତୁ ଆଜିକାଲି ରଙ୍ଗ ପ୍ରସ୍ତୁତି ବେଳେ ଯେଉଁ ସବୁ ପଦାର୍ଥ ମିଶୁଛି ତାହା ଆମ ଚର୍ମ, ଆଖି, କାନ, ପାଟିରେ ବାଜି ରୋଗ ସୃଷ୍ଟି କରୁଛି ତେଣୁ ଆମେ ସେଦିନ ପିଚକାରୀରେ ରଙ୍ଗ ପାଣି ଭରି ପିନ୍ଧିଥିବା ବସ୍ତ୍ର ବା ପୋଷକକୁ ରଙ୍ଗେଇବା କିନ୍ତୁ ଶରୀରର ଖୋଲା ଚର୍ମକୁ ନୁହେଁ । ଫଗୁ ଦଶମୀ ଦିନ ହାତକୁ ରଙ୍ଗ ଦେଇ ହାପି ଫଗୁଦଶମୀ ବା ହାପି ହୋଲି କହି ସମସ୍ତଙ୍କ ଶୁଭ ମନାସିବା କିନ୍ତୁ ମୁହଁ କି ଶରୀରରେ ରଙ୍ଗ ଲଗାଇବା ଉଚିତ ନୁହେଁ । ଆଉ ଗୁରୁଜନ ମାନଙ୍କ ପାଦରେ ରଙ୍ଗ ଦେଇ ପ୍ରଣାମ କରିବା । ସମସ୍ତେ ରାଜି ତ ? ?ସାଙ୍ଗ ମାନଙ୍କ ସହ ଜେଜେ କେତେବେଳୁ ଆସି ସବୁ ଶୁଣୁଥିଲେ, । ସେ ମଧ୍ୟ ସାଙ୍ଗ ମାନଙ୍କ ସରରେ ସର ମିଶାଇ କହୁଥିଲେ, ହଁ ହଁ ଆମେ ସମସ୍ତେ ରାଜି । ଜେଜେ କହୁଥିଲେ ଆଉ ଟିକେ ପରେ ଦୋଳରେ ରାଧା ମାଧବ ଗାଁକୁ ଆସିବେ, ଭୋଗ ଖାଇବେ ଚାଲ ସମସ୍ତେ ମିଶି ତାଙ୍କ ପାଇଁ ଫୁଲ ଗୁନ୍ଥି ମାଳ କରି ରଖିବା । ଠାକୁରଙ୍କ ଫଗୁର ସାତରଙ୍ଗରେ ଆମ ଗାଁ ଖୁବ ସୁନ୍ଦର ଦିଶିବ । ସବୁ ପିଲାଙ୍କ ସହ ପିହୁ ଖୁସିରେ ଜେଜେଙ୍କ ହାତ ଧରି ଚାଲୁଥିଲା ଆଗେ ଆଗେ ।

ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

ସୁନାପୁଅ କୁନା

ରମାକାନ୍ତ ସାଇଁ

ଦାଣ୍ଡ ବାରଣ୍ଡାରେ ବସିଛି ଦୁଃଖରେ
ଆଖିରୁ ବୋହୁଛି ଲୁହ
ମୋର ସୁନା ପୁଅ ଦୁଃଖରେ ହୃଦୟ
ଉତୁରି ପଡୁଛି କୋହ ॥

ପାଶେ ଗଲି ଧାଇଁ ଧରିଲି ଜଡାଇ
କାହିଁକି କାନ୍ଦୁଛୁ ଧନ
ପଚାରି ବୁଝିଲି ଲୁହ'ତା ପୋଛିଲି
କେଉଁ ଦରବ'ରେ ମନ ॥

ମୋ'ର ମୁଖ ଚାହିଁ କାନ୍ଦି କଇଁ କଇଁ
ମାଆ ମୋତେ ଦିଏ ଗାଳି
ଗଛ ଡାଳୁ ବଣି ଦିଅ ମୋତେ ଆଣି
ନୋହିଲେ ହୋଇବି ଧୂଳି ॥

ସେଇ ଛୁଆ ବଣି ଯେବେ ଯିବ ଆଣି
ମାଆ ତା' କାନ୍ଦିବ ବସି
ଦିନ ରାତି ଝୁରି ଶେଷେ ଯିବ ମରି
ଛୁଆ ବଣି ଯିବ ରୁଷି ॥

ଗଛ ଡାଳେ ବସି ଛୁଆ ବଣି ହସି
ବଢାଏ ପ୍ରକୃତି ଶୋଭା
ତୁମେ ସେହି ପରି ଆମ କୋଳ ଭରି
ହୋଇବ ନୟନ ପ୍ରଭା ॥

ଦରୋଟି ଓଠରେ କହିଲା ଖୁସିରେ
ଧର ନାହିଁ ବଣି ଛୁଆ
ଗଛ ଡାଳେ ଥାଇ ସୁନ୍ଦର ଦିଶିବ
ହସୁଥାଏ ତା'ର ମାଆ ॥



ଏଇ କଥା ପାଇଁ କାନ୍ଦ କାହିଁ ପାଇଁ
ଇଏ'ତ ଛୋଟିଆ ପକ୍ଷୀ
ଛୋଟ ଡେଣା ତାର ଥଣ୍ଟରେ ଆହାର
ଆଣି ସେ ପାରୁନି ଟେକି ॥

ତା'ମାଆ ଯାଇଛି ଆହାର ଖୋଜୁଛି
ଆସିଲେ କରିବ ଗେଲ
କୋଳରେ ଶୁଆଇ ଆଦରେ ଖୁଆଇ
କିଏ ହେବ ମାଆ ତୁଲ ॥

ଶୁଣି ମାଆ ତା'ର ହୋଇଲା ବାହାର
ହସିଲା ବଜେଇ ତାଳି
ମୋର ପୁଅ କୁନା ସରି ନୁହେଁ ସୁନା
କୋଳରେ ଧରିଲା ତୋଳି ॥

ପାଟସୁନ୍ଦରପୁର, କଟକ
ମୋ-୯୮୬୧୭୨୨୭୧୯

କହିଲ ଦେଖି ?

ଆକାଶରୁ ମୁହିଁ ଜନମ ନିଏ
ବରଷା ସାଥିରେ ମାଟିକୁ ଡିଏଁ ।
ଗଳଗଳ ହୋଇ ପଡ଼େ ମୁଁ ଖସି
ମତେ ଦେଖି ତମେ ହୁଅଇ ଖୁସି ।
ମାଟିରୁ ସାଉଁଟି ରଖ ଯେଉଁଠି
ନଥାଏ ମୁଁ ଟିକେପରେ ସେଇଠି ।
ହାତକୁ ଥଣ୍ଡା ମୁଁ ପାଟିକୁ କୋଳୁ
ଚିକ୍କଣ ମୋ ଦେହ ଅଟଇ ଗୋଲ ।
ନୁହେଁ ମୁହିଁ କାଉ ନୁହେଁ ପଥର
କହିଲ ଦେଖି ମୋ ନାଆଁ ଏଥର ?

(ଓଡଓାଇଓ : ଓଓଓ)

ଇଡ଼ିଲାବାଲା

ସଂଗୀତା ରଥ

ଇଡ଼ିଲିବାଲା ବଡ଼ି ସକାଳୁ
ଲଗାଏ ତା'ର ଠେଲା
କେଡ଼େ ସହଳ ଚାରିକଡ଼େ ତା
ଲାଗେ ଲୋକଙ୍କ ମେଳା ॥

ଜହ୍ନ ପରିକା ଗୋଲ ଇଡ଼ିଲି
ନରମ ତୁଳା ପରି
କେଡ଼େ ସୁଆଦ ଲାଗଇ ସତେ
ମନଟି ଯାଏ ଭରି ॥

କେତେ ଜାତିର ଚଟଣି ପୁଣି
ଡବାରେ ରଖିଥାଏ
ଇଡ଼ିଲି ସାଥେ ଦିଏ ଚଟଣି
ମାଗଇ ଯେତେ ଯିଏ ॥

ରାଗ ଚଟଣି ମାଗଇ କିଏ
ରାଗକୁ ଡରେ କିଏ
ସଭିଙ୍କ କଥା ମନେ ରଖିକି
ବଢ଼ାଇ ଦେଉଥାଏ ॥

ଯନ୍ତ୍ରପରି ତ ହାତ ତାହାର
କାମରେ ଥାଏ ମଜ୍ଜି
ପଇସା ରଖେ ଯାହାଠୁଁ ଯେତେ
ଫେରାଉଥାଏ ହେଜି ॥

କାମ ନୁହଇ ବଡ଼ କି ସାନ
ସବୁରି ଅଛି ମୂଲ
ପରିଶ୍ରମଟି ସବୁଠୁ ବଡ଼
ନାହିଁ ତାହାର ତୁଲ ।

ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗଡ
ମୋ-୯୬୬୮୬୫୮୧୪୨

ପାଳଭୂତ

ନିରଞ୍ଜନ ପତି

ପାଳଭୂତ ମୁଁ ପାଳଭୂତ
ପାଳରେ ତିଆରି ଭୂତପରି ଡର ।
ତେଣୁ ଏହି ନାମ ପାଇଛିତ
ପାଳଭୂତ ମୁଁ ପାଳଭୂତ ॥

ଶସ୍ୟ,ଫଳ କ୍ଷେତେ ରହିଥାଏ
ଦେଖି ପଶୁ, ପକ୍ଷୀ ଡରିଯାଏ ।
ମୁଣ୍ଡଟା ମୋହର ହାଣ୍ଡିରେ ତିଆରି
ଦେଖି ଲାଗେ ସତେ ଯମଦୂତ
ପାଳଭୂତ ମୁଁ ପାଳଭୂତ ॥

ମାଲିକ ପୋଷାକ ପିନ୍ଧି ଥାଏ
ରାତି ଅନ୍ଧାରେ ବି ଠିଆହୁଏ ।
ଦୂରରୁ ଦେଖିଲେ ଭୂତ ପରି ଲାଗେ
ଭୟଭୀତ ହୋଇଥାଏ ଚିତ୍ତ ।
ପାଳଭୂତ ମୁଁ ପାଳଭୂତ ॥

ଚଷା ଖେତେ ପୋଷା ବନ୍ଧୁ ମୁହିଁ
ଲାଗିଥାଏ ତାର ସେବା ପାଇଁ ।
ବିନା କ୍ଷତିରେ ମୁଁ ପଶୁପକ୍ଷୀ ତତେ
ସାଧିଥାଏ ସମାଜର ହିତ
ପାଳଭୂତ ମୁଁ ପାଳଭୂତ ॥

ଖରା ବରଷା ମୁଁ ସହିଯାଏ
କାଠର ଗୋଡରେ ଠିଆହୁଏ ।
ଫୁଲ୍ ପ୍ୟାଣ୍ଟ ସହ କୋର୍ଟ ପିନ୍ଧି ଥାଏ
ନଥାଉ ପଛକେ କିଛି ବିତ୍ତ
ପାଳଭୂତ ମୁଁ ପାଳଭୂତ ॥

ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ -୯୯୩୮୧୩୩୫୫୯



ସାନ୍ନୀ ନାୟକ, ଷ୍ଟାଣ୍ଡାର୍ଡ-୪
ସେଣ୍ଟ୍‌ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର



ପ୍ରାଚୁର୍ଯ୍ୟା ରାଉତ,ଷ୍ଟାଣ୍ଡାର୍ଡ଼ - ୩
ସେଣ୍ଟ୍ ଜୋସେଫ ହାଇସ୍କୁଲ, କଟକ

ସଂଯୋଜନା
ଡକ୍ଟର ସୁନାମଣି ରାଉତ
ରାଜାବଗିଚା, କଟକ - ୯
ମୋ - ୯୪୩୭୧୯୨୮୯୦
ଇମେଲ୍– sunamani.rout@gmail.com

ଭାରତ ମାଟିରେ ଦିନିକିଆ ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ(ଏଜେନ୍ସୀ):ନିର୍ଣ୍ଣାୟକ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୬୯ ରନ କରି ଅଲଆଉଟ ହୋଇଯାଇଥିଲା । ଏହାର ଜବାବରେ ଭାରତୀୟ ଟିମ ସମସ୍ତ ୱିକେଟ ହରାଇ କେବଳ ୨୪୮ ରନ କରିବାକୁ ସକ୍ଷମ ହୋଇଛି । ଚଳିତ ବର୍ଷ ଶେଷ ଭାଗରେ ଭାରତରେ ହିଁ ଦିନିକିଆ ବିଶ୍ୱକପ ଖେଳାଯିବ । ଏହାପୂର୍ବରୁ ଭାରତକୁ ଭାରତ ମାଟିରେ ହରାଇ ଅଷ୍ଟ୍ରେଲିଆ ତା'ର ମନୋବଳକୁ ଦୃଢ଼ କରିଛି । ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆ ପାଇଁ ଲେଗ ସ୍ପିନର ଆଡାମ ଜାମ୍ପା ଦମଦାର ବୋଲିଂ କରି ଭାରତୀୟ ବ୍ୟାଟିଂ ଲାଇନ ଅପ୍‌କୁ ଛିନଛତ୍ର କରି ଦେଇଛନ୍ତି । ତାଙ୍କ ସହ ଅଷ୍ଟନ ଆଗର ଭରପୂର ସାଥ ଦେଇଛନ୍ତି । ଜାମ୍ପା ୪ଟି ୱିକେଟ ଦଖଲ କରିଥିବା ବେଳେ ଆଗରଙ୍କୁ ୨ଟି ସଫଳତା ମିଳିଛି । ୨୭୦ ରନର ଟାର୍ଗେଟ ପାଇଥିବା ଭାରତ ଠିକଠାକ ଆରମ୍ଭ କରିଥିଲା । ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ ପ୍ରଥମ ୱିକେଟ ପାଇଁ ୬୫ ରନ ଯୋଡ଼ିଥିଲେ । ଏହି ସମୟରେ ୩୦ ରନ କରିଥିବା ରୋହିତ ବଡ଼ ଶଟ ଖେଳିବା ଲୋଭରେ ସେନ ଆବୋଟଙ୍କ ବଲରେ ଆଉଟ ହୋଇଥିଲେ । ଦଳୀୟ ସ୍କୋର ୭୭ ଥିବା ବେଳେ ଶୁବମନ ଗିଲ(୩୭)ଙ୍କୁ ଆଡାମ ଜାମ୍ପା ଆଉଟ କରି ଦେଇଥିଲେ । ଏହାପରେ କେଏଲ ରାହୁଲ ଓ ବିରାଟ କୋହଲି ସ୍ଥିତି ସମ୍ଭାଳିଥିଲେ । ଉଭୟ ଦମଦାର ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୭୭ରୁ ନେଇ ୧୪୬ରେ ପହଞ୍ଚାଇଥିଲେ । ଆବଶ୍ୟକ ନଥିଲେ ମଧ୍ୟ ଏହି ସମୟରେ ଜାମ୍ପାଙ୍କୁ ବଡ଼ ଶଟ ମାରିବାକୁ ଯାଇ କେଏଲ ରାହୁଲ(୩୨) ବାଉଣ୍ଡରୀ ପାଖରେ ଧରା ପଡ଼ି ଯାଇଥିଲେ । ରାହୁଲ ଆଉଟ ହେବା ପରେ ସମସ୍ତଙ୍କୁ ଚକିତ କରି ଅକ୍ଷର ପଟେଲ ୫ନଂରେ ବ୍ୟାଟିଂ କରିବାକୁ ଆସିଥିଲେ । ହେଲେ ବିରାଟଙ୍କ ସହ ତାଙ୍କର ତାଳମେଳ ଅଭାବରରୁ ସେ ମାତ୍ର ୨ ରନ କରି ରନ ଆଉଟ ହୋଇଯାଇଥିଲେ । ୬ନଂରେ ହାର୍ଦ୍ଦିକ ପାଣ୍ଡ୍ୟା ଆସିଥିଲେ । ସେ ବିରାଟଙ୍କ ସହ ମିଶି ୩୪ ରନ ଯୋଡ଼ିଥିଲେ । ବିରାଟ ମଧ୍ୟ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ । କିନ୍ତୁ ଦଳୀୟ ସ୍କୋର ୧୮୫ ଥିବା ବେଳେ ଭାରତକୁ ବଡ଼ ଝଟକା ଲାଗିଥିଲା । ଅଷ୍ଟନ ଆଗର ୫୪ ରନ କରିଥିବା ବିରାଟଙ୍କୁ ଆଉଟ କରି ଭାରତକୁ ୫ମ ଝଟକା ଦେଇଥିଲେ । ପ୍ରଥମ ଦୁଇ ମ୍ୟାଚ୍‌ରେ ପ୍ରଥମ ବଲରେ ଆଉଟ ହୋଇଥିବା ସୂର୍ଯ୍ୟ କୁମାରଙ୍କ ଉପରେ ଆଜି ସମସ୍ତଙ୍କ ଭରସା ରହିଥିଲା । ତାଙ୍କୁ ମଧ୍ୟ ଆଜି ପାଣ୍ଡ୍ୟାଙ୍କ ପରେ ବ୍ୟାଟିଂ କରିବାକୁ ଛଡ଼ା ଯାଇଥିଲା । ତେବେ ସେ ପୁଣି ସମସ୍ତଙ୍କୁ ନିରାଶ କରିଥିଲେ । ପୂର୍ବ ଦୁଇ ମ୍ୟାଚ୍ ଭଳି ଆଜି ମଧ୍ୟ ସେ ପ୍ରଥମ ବଲରେ ହିଁ ଖାତା ଖୋଲିବା ପୂର୍ବରୁ ଆଗରଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ । ପୂରା ସିରିଜରେ ସେ ୩ଟି ବଲ ଖେଳି ୩ଥର ଆଉଟ ହେବାର ରେକର୍ଡ ମଧ୍ୟ କରିଛନ୍ତି । ୭ମ ୱିକେଟ ପାଇଁ ରବୀନ୍ଦ୍ର ଜାଡେଜା ଓ ପାଣ୍ଡ୍ୟା ୩୮ ରନ ଯୋଡ଼ି ଥିଲେ । ଏହି ସମୟରେ ରନରେଟର ଚାପ ବଢ଼ିବାରୁ ପାଣ୍ଡ୍ୟା ବଡ଼ ଶଟ ଖେଳିବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କୁ ଜାମ୍ପା ଆଉଟ କରି ଭାରତକୁ ୭ମ ଝଟକା ଦେଇଥିଲେ । ଜାଡେଜା କ୍ରିଜ୍‌ରେ ଥିବାରୁ ଭାରତର ସମାନ୍ୟ ଆଶା ରହିଥିଲା । ହେଲେ ତାଙ୍କୁ ୪୬ତମ ଓଭରରେ ଜାମ୍ପା ଆଉଟ କରି ଭାରତର ସବୁ ଆଶାରେ ପାଣି ପକାଇ ଦେଇଥିଲେ । ଜାଡେଜା ୩୩ ବଲରେ ୧୮ ରନର ଇନିଂସ ଖେଳିଛନ୍ତି । ଏହାପରେ ମହମ୍ମଦ ଶାମି କିଛି ବଡ଼ ଶଟ ଖେଳି ଦର୍ଶକଙ୍କୁ ଉତ୍ସାହିତ କରିଥିଲେ । ହେଲେ ମାର୍କସ ଷ୍ଟୋଇନିସଙ୍କୁ ଗୋଟିଏ ଛକା ଓ ଚୌକା ମାରି କ୍ଲିନବୋଲ୍ଡ ହୋଇଯାଇଥିଲେ । ଭାରତ ୨୪୩ରେ ଶାମି(୧୪)ଙ୍କୁ ହରାଇଥିଲା । ଶେଷ ବ୍ୟାଟର ଭାବେ ମହମ୍ମଦ ସିରାଜ କ୍ରିଜକୁ ଆସିଥିଲେ । ସେ ପ୍ରଥମ ବଲରେ ୨ ରନ କରିଥିଲେ । ଶେଷ ଦୁଇ ଓଭରକୁ ଦଳକୁ ଜିତିବା ପାଇଁ ୨୫ ରନ ଦରକାର ଥିଲା । ଆବୋଟ ୪୯ତମ ଓଭରରେ କେବଳ ୩ ରନ ଦେଇଥିଲେ । ଫଳରେ ଶେଷ ଓଭରେ ଦଳକୁ ଜିତିବା ପାଇଁ ୨୨ ରନ ଆବଶ୍ୟକ ପଡ଼ିଥିଲା । ଷ୍ଟୋଇନିସ ଶେଷ ଓଭର ପ୍ରଥମ ବଲରେ କୁଲଦୀପ ଯାଦବଙ୍କୁ ରନ ଆଉଟ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ।

ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୧୦ରୁ ବାଦ ପଡିଲେ ରୋହିତ ଶର୍ମା

ନୂଆଦିଲ୍ଲୀ(ଏଜେନ୍ସୀ): ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୧୦ରୁ ବାଦ ପଡ଼ିଛନ୍ତି । ସେ ଦୁଇଟି ସ୍ଥାନ ତଳକୁ ଖସି ୧୨ ନଂରେ ପହଞ୍ଚିଛନ୍ତି । ତେବେ ନ୍ୟୁଜିଲ୍ୟାଣ୍ଡର ଅଧିନାୟକ କେନ ୱିଲିୟମସନ ଶ୍ରୀଲଙ୍କା ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିବାରୁ ରାଙ୍କିଙ୍ଗର ୨ନଂ ସ୍ଥାନ ଦଖଲ କରିଛନ୍ତି । ସେ ୪ଟି ସ୍ଥାନ ଉପରକୁ ଉଠିଥିବା ବେଳେ ଏବେ ତାଙ୍କ ଉପରେ କେବଳ ଅଷ୍ଟ୍ରେଲିଆ ମାର୍ନସ ଲାବୁଶେନ ରହିଛନ୍ତି । ଆଜି ଆଇସିସି ପକ୍ଷରୁ ଜାରି ଅପଡେଟ ରାଙ୍କିଙ୍ଗ ଅନୁଯାୟୀ, ୱିଲିୟମସନ ୫୧ ପଏଣ୍ଟ ହାସଲ କରିଛନ୍ତି । ଏବେ ତାଙ୍କ ମୋଟ ପଏଣ୍ଟ ସଂଖ୍ୟା ୮୮୩ ରହିଛି । ଏହା ୧ନଂ ସ୍ଥାନରେ ଥିବା ଲାବୁଶେନଙ୍କ ଠାରୁ ୩୨ କମ । ୱିଲିୟମସନ ୨ନଂକୁ ଉଠିଥିବା ବେଳେ ସ୍ମିଥ ୩ନଂ, ଜୋ ରୁଟ ୪ନଂ, ବାବର ଆଜମ ୫ନଂ ଓ ଟ୍ରାଭିସ ହେଡ୍ ୬ନଂକୁ ଖସିଛନ୍ତି । ରୋହିତ ୧୨ନଂ ସ୍ଥାନକୁ ଖସିଥିବା ବେଳେ ଦୀର୍ଘ ସାଢ଼େ ୩ ବର୍ଷ ପରେ ଟେଷ୍ଟରେ ଶତକ କରିଥିବା ବିରାଟ କୋହଲି ୧୩ନଂରେ ରହିଛନ୍ତି । ଟପ୍ ୧୦ରେ ଭାରତର ଏକମାତ୍ର ବ୍ୟାଟର ଭାବେ ଋଷଭ ପନ୍ତ ୯ନଂରେ ରହିଛନ୍ତି । ଶ୍ରୀଲଙ୍କା ବିପକ୍ଷରେ ଡବଲ ଟନ୍ ହାସଲ କରିଥିବା ନ୍ୟୁଜିଲ୍ୟାଣ୍ଡର ହେନରୀ ନିକୋଲ୍ସ ୨୦ଟି ସ୍ଥାନ ଉପରକୁ ଉଠି ୨୭ନଂ ସ୍ଥାନରେ ପହଞ୍ଚିଛନ୍ତି । ନୂଆ ମୁହଁ ଭାବେ ଶ୍ରୀଲଙ୍କାର ଅଧିନାୟକ ଡିମୁଥ କରୁଣାରନ୍ଦ୍ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୧୦ରେ ପ୍ରବେଶ କରିଛନ୍ତି । ଟେଷ୍ଟ ବୋଲିଂ ରାଙ୍କିଙ୍ଗ କଥା ବିଚାରକୁ ନେଲେ ରବିଚନ୍ଦ୍ରନ ଅଶ୍ୱିନ ୧ନଂ ସ୍ଥାନରେ ପୂର୍ବଭଳି ରହିଛନ୍ତି । ଅଲରାଉଣ୍ଡର ରାଙ୍କିଙ୍ଗର ୧ନଂ ସ୍ଥାନରେ ରବୀନ୍ଦ୍ର ଜାଡେଜା ଅଛନ୍ତି । ଅନ୍ୟପକ୍ଷରେ ଦିନିକିଆ ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ଥିବା ଟିମ ଇଣ୍ଡିଆର ମହମ୍ମଦ ସିରାଜ ତଳକୁ ଖସିଛନ୍ତି । ଜୋଶ ହେଜେଲଉଡ ଦିନିକିଆ ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି । ଟ୍ରେଣ୍ଟ ବୋଲ୍ଟ ଦ୍ୱିତୀୟରେ ଥିବା ବେଳେ ସିରାଜ ୩ନଂ ସ୍ଥାନରେ ଅଛନ୍ତି । ଦିନିକିଆ ବ୍ୟାଟିଂ ରାଙ୍କିରେ କୌଣସି ପରିବର୍ତ୍ତନ ହୋଇନି । ବାବର ଆଜମ ପୂର୍ବଭଳି ୧ନଂ, ରସି ଭାନ ଡେର ଡୁସେନ ୨ନଂରେ ଓ ଇମାମ ଉଲ ହକ୍ ୩ନଂରେ ଅଛନ୍ତି । ୮ନଂରେ ବିରାଟ କୋହଲି ଓ ୯ନଂରେ ରୋହିତ ଶର୍ମା ରହିଛନ୍ତି ।

ଆଇପିଏଲ ୨୦୨୩ ସଂସ୍କରଣରେ ଲାଗୁ ହେବ ନୂଆ ନିୟମ

ନୂଆଦିଲ୍ଲୀ(ଏଜେନ୍ସୀ): ଆସନ୍ତା ୩୧ ତାରିଖରୁ ଆଇପିଏଲର ୨୦୨୩ ସଂସ୍କରଣ ଆରମ୍ଭ ହେବ । ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି । ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଜାଏଣ୍ଟସ ଓ ମହେନ୍ଦ୍ର ସିଂହ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ମୁହାଁମୁହିଁ ହେବେ । ଚଳିତ ବର୍ଷ ଆଇପିଏଲରେ ଇମ୍ପାକ୍ଟ ଖେଳାଳିଙ୍କୁ ଦେଖିବାକୁ ମିଳିବ । ପୂର୍ବରୁ ଏହି ନିୟମ ସମ୍ପର୍କରେ ଘୋଷଣା କରାଯାଇ ସାରିଥିଲା । ଏବେ ଆଇପିଏଲ ନିୟମରେ ଆଉ କିଛି ବଡ଼ ପରିବର୍ତ୍ତନ ହୋଇଛି । ଆଜି ବିସିସିଆଇ ପକ୍ଷରୁ ସବୁ ପ୍ରାଞ୍ଚାଇଜର କ୍ୟାପଟ୍ଟେନମାନଙ୍କୁ ନୂଆ ନିୟମ ସମ୍ପର୍କରେ ଅବଗତ କରାଯାଇଛି । ନୂଆ ନିୟମ ଚୂଡ଼ାନ୍ତ ଏକାଦଶରେ ବଡ଼ ପ୍ରଭାବ ପକାଇବ ବୋଲି କୁହାଯାଉଛି । ନୂଆ ନିୟମ ଅନୁଯାୟୀ, ଏଣିକି ଆଇପିଏଲ ଟିମର କ୍ୟାପଟ୍ଟେନମାନେ ଟସ୍ ପରେ ନିଜର ଚୂଡ଼ାନ୍ତ ଏକାଦଶରେ ସାମିଲ ହେବାକୁ ଥିବା ଖେଳାଳିଙ୍କ ନାଁ ଘୋଷଣା କରିବେ । ପୂର୍ବରୁ ଟସ୍ ପଡ଼ିବା ପୂର୍ବରୁ ଦୁଇ ଦଳର କ୍ୟାପଟ୍ଟେନ ଗୋଟିଏ କାଗଜରେ ପରସ୍ପରକୁ ଚୂଡ଼ାନ୍ତ ଏକାଦଶର ତାଲିକା ଦେଉଥିଲେ । ପ୍ଲେଇଂ କଣ୍ଡିସନ କ୍ଲଜ ୧.୨.୧ ଅନୁଯାୟୀ, ପ୍ରତି ଦଳର ଅଧିନାୟକ ୧୧ ଖେଳାଳିଙ୍କ ବ୍ୟତୀତ ଆଉ ୫ ଜଣ ବଦଳ ଫିଲ୍ଡରଙ୍କ ନାଁ ଟସ୍ ପରେ ଲିଖିତ ଭାବେ ମ୍ୟାଚ୍ ରେଫରୀଙ୍କୁ ଦେବେ । ଚୂଡ଼ାନ୍ତ ଏକାଦଶକୁ ଟସ୍ ପରେ ପରିବର୍ତ୍ତନ କରାଯାଇ ପାରିବ । ମ୍ୟାଚ୍ ପୂର୍ବରୁ ଅଧିନାୟକ ଚାହିଁଲେ ଚୂଡ଼ାନ୍ତ ଏକାଦଶ ବଦଳାଇ ପାରିବେ । ଏଥିପାଇଁ ବିରୋଧୀ ଦଳର ଅଧିନାୟକଙ୍କ ସହମତିର ଆବଶ୍ୟକ ନାହିଁ । ଏହାର ଅର୍ଥ ଟସ୍ ପରେ ଯଦି ଦଳର ଅଧିନାୟକ ପରିସ୍ଥିତିକୁ ଦେଖି କିଛି ଅଦଳବଦଳ କରିବାକୁ ଚାହିଁବେ, ତା'ହେଲେ ପ୍ରଥମ ବଲ ପଡ଼ିବା ପୂର୍ବରୁ ସେ ଏହା କରିପାରିବେ । ଏହାବାଦ ମ୍ୟାଚ୍ ବେଳେ ଅଣଖେଳୁଆଡ଼ ମନୋଭାବ ସହ ଯଦି ୱିକେଟ କିପର କିମ୍ବା କୌଣସି ଫିଲ୍ଡର ବୋଲିଂ ବେଳେ ନିଜର ସ୍ଥାନ ବଦଳାନ୍ତି, ତା'ହେଲେ ପେନାଲ୍ଟି ଲାଗୁ ହେବ । ଯଦି କୌଣସି ଟିମର ୱିକେଟ କିପର ବ୍ୟାଟର ବଲ ଖେଳିବା ପୂର୍ବରୁ ସ୍ଥାନ ବଦଳାନ୍ତି, ତା'ହେଲେ ଅମ୍ପାୟାର ଏହାକୁ ଡେଡ୍ ବଲ ବୋଲି ଘୋଷାଣ କରି ପ୍ରତିପକ୍ଷ ଟିମ୍‌କୁ ୫ ରନର ପେନାଲ୍ଟି ଆକାରାରେ ଦେଇ ପାରିବେ । ଆଉ ଗୋଟିଏ ନିୟମ ହେଉଛି ଇମ୍ପାକ୍ଟ ଖେଳାଳି । ପ୍ରତି ଟିମ ସେମାନଙ୍କ ଚୂଡ଼ାନ୍ତ ଏକାଦଶ ବ୍ୟତୀତ ଆଉ ୫ ଜଣଙ୍କୁ ବଦଳ ଖେଳାଳି ଭାବେ ସଂରକ୍ଷିତ କରି ରଖିପାରିବେ । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଇମ୍ପାକ୍ଟ ଖେଳାଳି ଭାବେ ବ୍ୟବହାର କରିପାରିବେ । ଏହି ଇମ୍ପାକ୍ଟ ଖେଳାଳି ଜଣଙ୍କ ୧୪ ଓଭର ପୂର୍ବରୁ ଚୂଡ଼ାନ୍ତ ଏକାଦଶରେ ଥିବା ଯେକୌଣସି ଖେଳାଳିଙ୍କ ବଦଳରେ ମୈଦନାନକୁ ଓହ୍ଲାଇ ପାରିବେ । ଏଥିସହ ତାଙ୍କୁ ସଂପୂର୍ଣ୍ଣ ଭାବେ ବ୍ୟାଟିଂ ଓ ବୋଲିଂ କରିପାରିବାର ସୁଯୋଗ ମିଳିବ । ଇମ୍ପାକ୍ଟ ଖେଳାଳି ଜଣଙ୍କ ଆଉଟ ହୋଇଥିବା ବ୍ୟାଟରଙ୍କ ସ୍ଥାନ ନେଇପାରିବେ ଓ ସେ ମଧ୍ୟ ବ୍ୟାଟିଂ କରିପାରିବେ କିମ୍ବା ଇମ୍ପାକ୍ଟ ଖେଳାଳି ଜଣଙ୍କ ମଧ୍ୟ କିଛି ଓଭର ବୋଲିଂ କରିଥିବା ବୋଲରଙ୍କ ସ୍ଥାନ ନେଇ ନିଜର ଫୁଲ ଓଭର କୋଟା ଶେଷ କରିପାରିବେ । ଇମ୍ପାକ୍ଟ ଖେଳାଳି ନିୟମ ଅନ୍ୟ ବଦଳ ଖେଳାଳି ନିୟମ ଠାରୁ ଭିନ୍ନ । ପୂର୍ବରୁ ୨୦୦୫ ଓ ୨୦୦୬ରେ ସୁପରସବ ସିଷ୍ଟମ ଦିନିକିଆରେ ଲାଗୁ ହୋଇଥିଲା । ଏହି ନିୟମ ଅନୁସାରେ ଜଣେ ଖେଳାଳିଙ୍କ ବଦଳରେ ଆଉ ଜଣେ ଖେଳାଳିଙ୍କୁ ସୁଯୋଗ ମିଳୁଥିଲା । ଏହାର ଅର୍ଥ ଯଦି ଜଣେ ବ୍ୟାଟର ଆଉଟ ହେବା ପରେ ସୁପରସବ ବ୍ୟବସ୍ଥା କୌଣସି ଟିମ ଆପଣାଇବ, ତା'ହେଲେ ବଦଳ ଖେଳାଳି ଆଉ ବ୍ୟାଟିଂ କରିପାରୁ ନଥିଲେ । ବୋଲରଙ୍କ ବଦଳରେ ସ୍ଥାନ ପାଉଥିବା ଖେଳାଳି କେବଳ ବଳକା ଓଭର ହିଁ ବୋଲିଂ କରିବାର ସୁଯୋଗ ପାଉଥିଲେ । ହେଲେ ଆଇପିଏଲରେ ସେଭଳି ନ କରି ନୂଆ ନିୟମ ଲାଗୁ କରାଯିବ

ମହିଳା ଆଇପିଏଲ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ

ମୁମ୍ବାଇ(ଏଜେନ୍ସୀ): ମହିଳା ଆଇପିଏଲ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ । ୟୁପି ୱାରିୟର୍ସକୁ ୫ ୱିକେଟ୍‌ରେ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି ଦିଲ୍ଲୀ । ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ସ ୬ ୱିକେଟ୍ ହରାଇ ୧୩୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୭ ଓଭର ୫ଟା ବଲରେ ମ୍ୟାଚ୍ ଜିତି ନେଇଛି । ୫ ୱିକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା ଦିଲ୍ଲୀ କ୍ୟାପିଟାଲ୍ସ । ଦଳ ପକ୍ଷରୁ ମେଗ୍ ଲ୍ୟାନିଂ ୫ଚୌକା ଓ ୨ଛକା ମାଧ୍ୟମରେ ୩୯ ସଂଗ୍ରହ କରିଥିଲେ । ସେହିପରି ମରିଜାନ୍ କପ ଅପରାଜିତ ୩୪ ରନ୍ କରିଥିବା ବେଳେ ଆଲିସ କ୍ୟାପ୍‌ସି ୪ଚୌକା, ୧ଛକା ମାଧ୍ୟମ ୩୪ ରନ୍ ସଂଗ୍ରହ କରି ଦଳ ବିଜୟୀ କରାଇଛନ୍ତି । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିଲା ୟୁପି ୱାରିୟର୍ସ । ପ୍ରାରମ୍ଭରୁ ବ୍ୟାଟରମାନେ ଚିତ୍ତାକର୍ଷକ ବ୍ୟାଟିଂ କରିଥିଲେ ହେଁ ଅନ୍ତିମ ଓଭରରେ ଦଳ ଲୟ ହରାଇ ମାତ୍ର ୧୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ତଲିୟା ମ୍ୟାକ୍‌ଗ୍ରା ସର୍ବାଧିକ ୫୮ ରନ୍ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଲିସା ହିଲି ୩୬, ଶ୍ୱେତା ସେରାୱତ ୧୯ ଓ ସିମରନ ଶେଖ ୧୧ ରନ୍ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଲିସ କ୍ୟାପ୍‌ସି ୩ଟି ଓ ରାଧା ଯାଦବ ୨ଟି ୱିକେଟ୍ ନେଇଥିଲେ । ଆସନ୍ତା ୨୬ ତାରିଖରେ ଫାଇନାଲ ମ୍ୟାଚ ଖେଳିଯିବ । ପ୍ରଥମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି ଦିଲ୍ଲୀ କ୍ୟାପିଟାଲ୍ସ ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୧୯ମାର୍ଚ୍ଚ-୨୫ ମାର୍ଚ୍ଚ ୨୦୨୩

ଷଡ଼ଯନ୍ତ୍ର !

ପ୍ରାଚୀନକାଳ ରୁ ଇତିହାସ ରେ ବହୁ ଷଡଯନ୍ତ୍ର କଥା ଉଲ୍ଲେଖ ରହିଛି ।କିଏ ରାଜ୍ୟ ପାଇଁ ତ କିଏ ସମ୍ପତ୍ତି ପାଇଁ ତ କିଏ କ୍ଷମତା ପାଇଁ ତ କିଏ ନିଜ ପ୍ରେମକୁ ହାସଲ ପାଇଁ ବିଭିନ୍ନ ପ୍ରକାର କୁଟିଳ ବୁଦ୍ଧି ରେ ଷଡଯନ୍ତ୍ର କରି ନିଜ କାର୍ଯ୍ୟ ହାସଲ କରିଥିବା ନଜିର ଅଛି ।ବର୍ତ୍ତମାନ ସମୟରେ ଓଡିଶାରେ ନିକଟ ଅତୀତ ରେ ହୋଇଥିବା ଷଡଯନ୍ତ୍ର ହତ୍ୟାକାଣ୍ଡ ସର୍ବତ୍ର ଲୋକମୁଖ ରେ ଆଲୋଚ୍ୟ ।ରାଜ୍ୟରେ ବହୁ ଚର୍ଚ୍ଚିତ ପୂର୍ବତନ କ୍ୟାବିନେଟର ସାସ୍ଥ୍ୟ ମନ୍ତ୍ରୀ ନବ ଦାସ ଜାନୁଆରୀ ୨୯ତାରିଖରେ ଜଣେ ଏଏସଆଇ ଦିନ ଦ୍ୱିପହରେ ବିଜୁ ଜନତା ଦଳ କର୍ମୀ ଙ୍କ ଆଗରେ ଗୁଳି କରି ମାରିଦେବା ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର ବିଷୟ । କାହା ବଳରେ ଗୋପାଳ ପୂର୍ବତନ ସାସ୍ଥ୍ୟ ମନ୍ତ୍ରୀ ଙ୍କୁ ଗୁଳି କରି ମାରିଲା ଆଉ ଏତେ ସାହସ ପାଇଲା କେଉଁଠୁ ? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସାଧାରଣତଃ ଯିଏ ଯାହାକୁ ଗୁଳି କରେ ବା କୌଣସି ମରଣା ଅସ୍ତ୍ର ରେ କାହାକୁ ମାରିଦେଇଥାଏ ସେ ଘଟଣା ସ୍ଥାନରୁ ଫେରାର ହୋଇଯାଇ ଲୁଚିଯିବା କଥା ମାତ୍ର ଗୋପାଳ କ୍ଷେତ୍ରରେ ସେଇଆ ହେଲାନାହିଁ । ନବବାବୁଙ୍କୁ ମାରିଲା ପରେ ବି ତାର କୌଣସି ପଶ୍ଚାତାପ ନାହିଁ ବରଂ ସେ ହସୁଛି । ଏହା ବାସ୍ତବିକ ଇତିହାସରେ ପ୍ରଥମ ଆଶ୍ଚର୍ଯ୍ୟର ଘଟଣା ।

ଜାତୀୟ: ଘଣ୍ଟା ବିକି ଫସିଲେ ଇମ୍ରାନ
ସ୍ୱତନ୍ତ୍ର ପ୍ରସଙ୍ଗ: ଅଡୁଆରେ କେ. କବିତା
ନାରୀ: ତ୍ୱଚାରୁ ଦାଗ ଦୂର କରେ ମହୁ
କ୍ଷୁଦ୍ରଗଳ୍ପ: ସଞ୍ଜ ବଳିତା
ଚଳଚ୍ଚିତ୍ର: ପୁଣିଥରେ ଚର୍ଚ୍ଚାକୁ ଆସିଲେ ଉର୍ଫି,ଆସୁଛି ଫିଲ୍ମ 'ଇଣ୍ଡିଆନ୍-୨',କାର କିଣିଲେ ଅଭିନେତ୍ରୀ ନୀତୁ କପୁର,କରଣଙ୍କ ଉପରେ ରାଗିଲେ କରୀନା-ରଣବୀର,'ପୁଷ୍ପା-୨'ରେ ଅଭିନୟ କରିବେ ସାଇ ପଲ୍ଲଭୀ,ପୁଣି ବିବାହ କଲେ ଅଭିନେତା ନରେଶ ବାବୁ ,ଅଲଗା ହେବେ ଭାବୀ ଅଙ୍ଗୁରୀ,ପରଲୋକରେ ବରିଷ୍ଠ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ସତୀଶ କୌଶିକ
ଖେଳ: ବିଳମ୍ବରେ ଆଇପିଏଲ୍‌ରେ ଯୋଗଦେବେ ଦକ୍ଷିଣ ଆଫ୍ରିକା ଖେଳାଳି,ଦ୍ୱିତୀୟ ଥର ବାପା ହେଲେ ଦ୍ରୁତ ବୋଲର ଉମେଶ ଯାଦବ,ଆମିରଙ୍କୁ ଚିହ୍ନି ପାରିଲେ ନାହିଁ ଗାଙ୍ଗୁଲିଙ୍କ ସିକ୍ୟୁରିଟି ଗାର୍ଡ,ସରିଲା ସାନିଆଙ୍କ ଟେନିସ୍ ଯାତ୍ରା,ବ୍ୟାଟ୍ସମ୍ୟାନ୍ ଜୋ ରୁଟ୍ ପ୍ରଥମ ଥର ପାଇଁ ଆଇପିଏଲ୍ ୨୦୨୩ ସିଜନରେ ସାମିଲ ହେଲେ,ହୋଟେଲରୁ ବରିଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କ ମୃତ ଦେହ ଉଦ୍ଧାର,ଅଷ୍ଟ୍ରେଲିଆ ଟେଷ୍ଟ ଟିମ୍‌ର ଅଧିନାୟକ ପାଟ କମିନ୍ସଙ୍କ ମା'ଙ୍କ ଦେହାନ୍ତ ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଡାକୋଟାର ଡାୟନସୋର, ଭୁବନେଶ୍ୱରର ଡାକୋଟା''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

କଳାପଥର କ୍ରିକେଟ୍ ଟିମ୍ ୪୦ରନ୍ ରେ ବିଜୟୀ

ବାଙ୍କୀ(ପିପିଏସ୍): ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆ